# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20

12 + 16 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
11 AUGUST 2024
ରବିବାର
୧୧ ଅଗଷ୍ଟ ୨୦୨୪

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 85 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ ● ସଂଖ୍ୟା ୮୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



DADLS-18



ଓଡ଼ିଶାକୁ ୧୫,୦୦୪ କୋଟି ଟଙ୍କା ମୂଲ୍ୟର
୭ଟି ରେଳ ପ୍ରକଳ୍ପ ଦେଇଥିବାରୁ
ମାନନୀୟ ପ୍ରଧାନମନ୍ତ୍ରୀଙ୍କୁ
ଧନ୍ୟବାଦ

ଓଡ଼ିଶାବାସୀ କୃତଜ୍ଞ

ପରିବହନ, ଶିଳ୍ପ, ବାଣିଜ୍ୟ ଓ ପର୍ଯ୍ୟଟନକୁ ମିଳିବ ବଳ
ବିକଶିତ ଓଡ଼ିଶା, ବିକଶିତ ଭାରତ ପାଇଁ
ଏକ ଯୁଗାନ୍ତକାରୀ ପଦକ୍ଷେପ



ଅନୁମୋଦିତ ନୂତନ ରେଳ ପ୍ରକଳ୍ପ:

୧ ଗୁଣୁପୁର-ଥେରୁବାଲି (୭୩.୬୨ କି.ମି.)
୨ ଜୁନାଗଡ଼-ନବରଙ୍ଗପୁର (୧୧୬.୨୧ କି.ମି.)
୩ ବାଦାମପାହାଡ଼-କେନ୍ଦୁଝରଗଡ଼ (୮୨.୦୬ କି.ମି.)
୪ ବାଙ୍ଗିରିପୋଷି-ଗୋରୁମହିଷାଣୀ (୮୫.୬୦ କି.ମି.)
୫ ମାଲକାନଗିରି-ଭଦ୍ରାଚଳମ୍-ପାଣ୍ଡୁରଙ୍ଗାପୁରମ୍ (୧୭୩.୬୧ କି.ମି.)
୬ ବୁଢ଼ାମରା-ଚାକୁଲିଆ (୫୯.୯୬ କି.ମି.)

ଉପରୋକ୍ତ ରେଳଲାଇନ୍ ଗୁଡ଼ିକ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି ଇତ୍ୟାଦି ଜିଲ୍ଲା ମଧ୍ୟରେ ବ୍ୟାପ୍ତ ହେବ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

iprodisha IPR_Odisha iprodisha

OIPR-15001/13/0055/2425

## ୫ କେଜି ଆଳୁ' ଲାଞ୍ଚ ମାଗି ନିଲମ୍ବିତ ହେଲେ ପୁଲିସ୍ ଏସ୍ଆଇ



**ଲକ୍ଷ୍ନୌ,୧୦।୮/ଏଜେନ୍ସି:** ଜଣେ ପୁଲିସ୍ ଅଧିକାରୀ ହୋଇ ମାତ୍ର ୫ କେଜି ଆଳୁ ଲାଞ୍ଚ ମାଗିବା ଏବଂ ଏହି କାରଣରୁ ତାଙ୍କୁ ଚାକିରି ହରାଇବାକୁ ପଡିବା ଭଳି ଘଟଣା ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶର କନୌଜ ଅଞ୍ଚଳରେ ଘଟିଥିବା ଏହି ଘଟଣାକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ଅନୁସାରେ ସ୍ଥାନୀୟ ସୌରିଖ ପୁଲିସ୍ ଷ୍ଟେସନରେ ସବ୍ ଇନ୍ସପେକ୍ଟର (ଏସ୍ଆଇ) ଭାବେ ମୁତୟନ ଥିବା ରାମ କ୍ରିପାଲ ସିଂହ ଏକ ମାମଲାକୁ ରଫାଦଫା କରିବା ପାଇଁ ଜଣେ ଚାଷୀଙ୍କୁ ୫କେଜି ଆଳୁ ଲାଞ୍ଚ ମାଗିଥିଲେ। ଅନ୍ୟପକ୍ଷେ ଚାଷୀଜଣକ ୫ କିଲୋ ଆଳୁ ଦେବାକୁ ଅସମର୍ଥତା ପ୍ରକାଶ କରିବା ସହ ଅତିବେଶୀରେ ୨ କିଲୋ ଆଳୁ ହିଁ ଦେଇପାରିବେ ବୋଲି କହିଥିଲେ। ପରେ ଉଭୟଙ୍କ ମଧ୍ୟରେ ୩ କିଲୋ ଆଳୁ ଦେବାନେବା ପାଇଁ ଡିଲ୍ ଫାଇନାଲ୍ ହୋଇଥିଲା। ତେବେ ଏସବୁ ବାର୍ତ୍ତାଳାପର ଅଡିଓ ସାମ୍ନାକୁ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡିଛି। ଅନ୍ୟପକ୍ଷେ ଅଭିଯୁକ୍ତ ପୁଲିସ୍ ଅଧିକାରୀଜଣକ ସତରେ କେବଳ ୫ କିଲୋ ଆଳୁ ମାଗୁଥିଲେ ନା ୫କିଲୋ ଆଳୁକୁ କୋଡ୍‌ୱାର୍ଡ ଭାବେ ବ୍ୟବହାର କରି ସେ ବାସ୍ତବରେ ୫ ଲକ୍ଷ ଟଙ୍କା ଲାଞ୍ଚ ମାଗୁଥିଲେ ସେସମ୍ପର୍କରେ ସତ୍ୟତା ଜଣାପଡିନାହିଁ। କିନ୍ତୁ ଏନେଇ ସୂଚନା ସାମ୍ନାକୁ ଆସିବା ପରେ କନୌଜ ଜିଲ୍ଲା ଏସ୍‌ପି ଅମିତ୍ କୁମାର ଆନନ୍ଦ, ଏସ୍ଆଇ ରାମକ୍ରିପାଲ ସିଂହଙ୍କୁ ନିଲମ୍ବିତ କରିଛନ୍ତି। ଏଥିସହ ତାଙ୍କ ବିରୋଧରେ ବିଚାର ବିଭାଗୀୟ ତଦନ୍ତ ମଧ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ତଦନ୍ତ ହେଲେ ହିଁ ନିଲମ୍ବିତ ଏସଆଇ ଫୋନ୍‌ରେ କଥାବାର୍ତ୍ତା ହେଉଥିବା ବ୍ୟକ୍ତିଜଣକ ପ୍ରକୃତରେ ଜଣେ ଚାଷୀ କି ନୁହେଁ, ସେକଥା ସ୍ପଷ୍ଟ ହୋଇପାରିବ।

## ଏମ୍ସରେ ଭର୍ତ୍ତି ହେଲେ ଆଶାରାମ ବାପୁ

**ଯୋଧପୁର,୧୦।୮/ଏଜେନ୍ସି:** ଯୌନ ଉତ୍ପୀଡ଼ନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରେ କାରାଦଣ୍ଡ ଭୋଗୁଥିବା ୮୩ ବର୍ଷୀୟ ଆତ୍ମଘୋଷିତ ସନ୍ଥ ଆସାରାମ ବାପୁଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଥରେ ଖରାପ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଆଶାରାମଙ୍କୁ ପରୀକ୍ଷା ପାଇଁ ଏମ୍ସକୁ ଅଣାଯାଇଥିଲା। ଡାକ୍ତରୀ ଯାଞ୍ଚ ପରେ ଆସାରାମଙ୍କୁ ସେଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅଶାରାମଙ୍କ ଅସୁସ୍ଥତା ବିଷୟରେ ସୂଚନା ପାଇବା ପରେ ତାଙ୍କ ସମର୍ଥକମାନେ ଚିନ୍ତିତ ହୋଇ ଏମ୍ସରେ ପହଞ୍ଚିବା ଆରମ୍ଭ କଲେ। ଆଶାରାମ ସମର୍ଥକଙ୍କ ଭିଡକୁ ଦୃଷ୍ଟିରେ ରଖି ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆସାରାମ ଶୁକ୍ରବାର ସାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ପରେ ତାଙ୍କୁ ତୁରନ୍ତ ଏମ୍ସ ନିଆଯାଇଥିଲା। ସେଠାରେ ଆବଶ୍ୟକ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରେ ଆସାରାମଙ୍କୁ ସେଠାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ଏକ ସମ୍ପୂର୍ଣ୍ଣ ଟିମ ତାଙ୍କ ଚିକିତ୍ସାରେ ନିୟୋଜିତ ଅଛନ୍ତି। ମିଳିଥିବା ସୂଚନା ଅନୁସାରେ, ଆଶାରାମ ତିନି ଦିନ ଧରି ଛାତିରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହା ଉପରେ ପ୍ରଥମେ ତାଙ୍କୁ ଜେଲରେ ପ୍ରାରମ୍ଭିକ ଚିକିତ୍ସା କରାଯାଇଥିଲା। କିନ୍ତୁ ଶୁକ୍ରବାର ଯେତେବେଳେ ଯନ୍ତ୍ରଣା ବଢିଲା, ତାଙ୍କୁ ଏମ୍ସକୁ ଅଣାଯାଇଥିଲା। ଆଶାରାମ୍‌ଙ୍କ ବିରୋଧରେ ନିଜ ଆଶ୍ରମର ଦୁଇ ନାବାଳିକା ଶିଷ୍ୟାଙ୍କ ସହ ବଳପୂର୍ବକ ଯୌନ ନିର୍ଯାତନା ଦିଆଯିବା ଭଳି ସଂଗୀନ ଅଭିଯୋଗ ଆସିଥିବା ବେଳେ ଏଥିରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସୂଚନାଯୋଗ୍ୟ ଦେଶ ତଥା ଦେଶବାହାରେ ଆଶାରାମ୍‌ଙ୍କ ଲକ୍ଷ ଲକ୍ଷ ସଂଖ୍ୟକ ଅନୁଗାମୀ ରହିଛନ୍ତି।



## ହିଣ୍ଡନବର୍ଗର ଆଉ ଏକ ଚେତାବନୀ

# ଭାରତରେ ଖୁବଶୀଘ୍ର କିଛି ବଡ଼ ଘଟିବ

**ନୂଆଦିଲ୍ଲୀ,୧୦।୮/ଏଜେନ୍ସି:** 'ଭାରତରେ ଖୁବ୍ ଶୀଘ୍ର କିଛି ବଡ଼ ଘଟିବାକୁ ଯାଉଛି।' ଏଭଳି କିଛି ଚେତାବନୀ ଦେଇଛି ଆମେରିକୀୟ ଶର୍ଟ ସେଲର ବା କ୍ଷୁଦ୍ର ବିକ୍ରେତା ସଂସ୍ଥା (ଇନ୍‌ଭେଷ୍ଟମେଣ୍ଟ ରିସର୍ଚ୍ଚ ଫାର୍ମ) ହିଣ୍ଡନବର୍ଗ ରିସର୍ଚ୍ଚ। ଶନିବାର ସକାଳେ ସୋଶିଆଲ ମିଡିଆ ହ୍ୟାଣ୍ଡେଲ ଏକ୍ସ'ରେ ପୋଷ୍ଟ କରି ଏହି ଆମେରିକୀୟ କମ୍ପାନୀ, ଭାରତୀୟ କମ୍ପାନୀ ସହ ଜଡ଼ିତ ଆଉ ଏକ ବଡ଼ ଖୁଲାସା କରିବାକୁ ଯାଉଥିବା ନେଇ ପୂର୍ବାଭାସ ଦେଇଛି। ତେବେ ହିଣ୍ଡନ୍‌ବର୍ଗର ଏପ୍ରକାର ଚେତାବନୀ ପୂର୍ଣ୍ଣ ପୋଷ୍ଟକୁ ନେଇ ଏବେ ଚାରିଆଡେ ଭୟ ସଞ୍ଚାର ହୋଇଛି। କାରଣ ହିଣ୍ଡନବର୍ଗ ଯେତେବେଳେ ବି ମୁହଁ ଖୋଲିଛି ସେତେବେଳେ ଏହାର ସିଧାସଳଖ ପ୍ରଭାବ ଭାରତୀୟ ସେୟାର ବଜାର ଉପରେ ପଡ଼ିଛି। ଲକ୍ଷ ଲକ୍ଷ କୋଟି ଟଙ୍କା ନିବେଶକମାନେ ହରାଇଛନ୍ତି। ଏବେ ଯେତେବେଳେ ହିଣ୍ଡନବର୍ଗ ପୁଣିଥରେ ଏପ୍ରକାର କିଛି ଇସାରା କରିଛି ସେତେବେଳେ ଭାରତୀୟ ନିବେଶକ ତଥା କମ୍ପାନୀ ମାଲିକମାନେ ମାତ୍ରାଧିକ ଭୟଭୀତ ହୋଇପଡିଛନ୍ତି।

ହିଣ୍ଡନବର୍ଗ ନିଜ ପୋଷ୍ଟରେ ଲେଖିଛି ଯେ, ସମଥିଙ୍ଗ୍ ବିଗ୍ ସୁନ୍ ଇଣ୍ଡିଆ'। ତେବେ ହିଣ୍ଡନବର୍ଗ କ'ଣ କରିବାକୁ ଯାଉଛି ଏବଂ କେଉଁ ବିଷୟରେ ଖୁଲାସା କରିବାକୁ ଯାଉଛି, ଯାହାଦ୍ୱାରା ଭାରତରେ କିଛି ବଡ଼ ଘଟଣା ଘଟିବ ବୋଲି କମ୍ପାନୀ ଏପ୍ରକାର ଦାବି କରୁଛି ସେସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। କିନ୍ତୁ କମ୍ପାନୀର ଏହି ଧାଡିକିଆ ପୋଷ୍ଟରୁ ଗୋଟିଏ କଥା ଅନ୍ତତଃ ସ୍ପଷ୍ଟ ହେଉଛି ଯେ, ହିଣ୍ଡନବର୍ଗ ରିସର୍ଚ୍ଚ ପୁଣି ଥରେ ଏକ ନିର୍ଦ୍ଦିଷ୍ଟ କମ୍ପାନୀ କିମ୍ବା କିଛି ଭାରତୀୟ କମ୍ପାନୀଙ୍କ ବିଷୟରେ ଏଥର ବଡ଼ଧରଣର ଖୁଲାସା କରିବାକୁ ଯାଉଛି।




ଜାନୁଆରୀ ୨୦୨୩ରେ ହିଣ୍ଡନବର୍ଗ ରିସର୍ଚ୍ଚ ଗୌତମ ଅଦାନୀଙ୍କ କମ୍ପାନୀ ଅଦାନୀ ଗ୍ରୁପକୁ ଟାର୍ଗେଟ୍ କରି ଏକ ରିପୋର୍ଟ ପ୍ରକାଶ କରିଥିଲା। ଏହି ରିପୋର୍ଟକୁ ନେଇ ସେତେବେଳେ ଚାରିଆଡେ ହଇଚଇ ସୃଷ୍ଟି ହୋଇଥିଲା। ହିଣ୍ଡନବର୍ଗ ରିସର୍ଚ୍ଚ ପକ୍ଷରୁ ଅଦାନୀ ଗ୍ରୁପ୍ ବିରୋଧରେ ଅନେକ ଗୁରୁତର ଅଭିଯୋଗ ଅଣାଯାଇଥିଲା। ତେବେ ଏସବୁ ଅଭିଯୋଗଜନିତ ରିପୋର୍ଟ ପ୍ରକାଶ ପାଇବା ମାତ୍ରେ ଅଦାନୀ ଗ୍ରୁପ୍‌ର ସମସ୍ତ ସେୟାର ମୂଲ୍ୟ ଦ୍ରୁତ ଭାବେରେ ହ୍ରାସ ପାଇବାକୁ ଲାଗିଥିଲା। ଏପରିକି ଗୌତମ ଅଦାନୀ ବିଶ୍ୱର ୨ ନମ୍ବର ଧନୀ ତାଲିକାରୁ ୩୬ତମ ସ୍ଥାନକୁ ଖସି ଆସିଥିଲେ, କାରଣ ତାଙ୍କ ସମ୍ପତ୍ତି ରେକର୍ଡ ସଂଖ୍ୟକ ୮୬ ବିଲିଅନ୍ ଡଲାର ହ୍ରାସ ଘଟିଥିବା ରେକର୍ଡ କରାଯାଇଥିଲା। କେବଳ ସେତିକି ନୁହେଁ, ଅଦାନୀ ଗ୍ରୁପ୍‌ର ବିଦେଶୀ ତାଲିକାଭୁକ୍ତ ବଣ୍ଡ୍ ବିକ୍ରିକୁ ମଧ୍ୟ ଏହି ରିପୋର୍ଟ ଗୁରୁତର ଭାବେ ପ୍ରଭାବିତ କରିଥିଲା। ସେପଟେ ଅଦାନୀ ଗ୍ରୁପ ବିରୋଧରେ ହିଣ୍ଡନବର୍ଗର ଏହି ରିପୋର୍ଟକୁ ନେଇ ରାଜନୈତିକ ହଟଚମଟ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ହିଣ୍ଡେନବର୍ଗର ଏହି ରିପୋର୍ଟ ପରେ ଭାରତର ପୁଞ୍ଜି ବଜାର ନିୟାମକ ସେବି କମ୍ପାନିକୁ ଭାରତୀୟ ନିୟମ ଉଲ୍ଲଂଘନ ପାଇଁ ଏକ ବିଜ୍ଞପ୍ତି ବା ନୋଟିସ୍ ଜାରି କରିଥିଲା। ଅନ୍ୟପକ୍ଷେ ଏହାର ଜବାବରେ ଚଳିତ ବର୍ଷ ଜୁନ୍‌ରେ ହିଣ୍ଡନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଏକ ରିପୋର୍ଟ ପ୍ରକାଶିତ କରାଯାଇଥିଲା ଯେ, ଭାରତୀୟ ପୁଞ୍ଜି ବଜାର ନିୟାମକ, ସିକ୍ୟୁରିଟି ଆଣ୍ଡ୍ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ଏହା ବିରୋଧରେ ଭାରତୀୟ ନିୟମ ଉଲ୍ଲଂଘନ କରିଥିବା ନୋଟିସ୍ ଜାରି କରିଛି। ସେବି ନୋଟିସ୍‌କୁ ନିରର୍ଥକ ଦର୍ଶାଇବା ପୂର୍ବକ ହିଣ୍ଡେନବର୍ଗ କହିଥିଲା ଯେ ଦୁର୍ନୀତି ଏବଂ ଠକେଇର ଖୁଲାସା କରୁଥିବା ଲୋକଙ୍କୁ ନୀରବ କରିବା ଏବଂ ଭୟଭୀତ କରିବା ପାଇଁ ଏହି ବିଜ୍ଞପ୍ତି ହେଉଛି ଭାରତର ସବୁଠାରୁ ଶକ୍ତିଶାଳୀ ପ୍ରୟାସ। ସେହିପରି ଏହି ଘଟଣା ପରେ ପରେ ହିଣ୍ଡନବର୍ଗ ଏହାର ଅନ୍ୟତମ ରିପୋର୍ଟରେ କୋଟାକ୍ ବ୍ୟାଙ୍କରେ ଅନିୟମିତତା ହୋଇଥିବା ନେଇ ମଧ୍ୟ ଦର୍ଶାଇଥିଲା। ପରିଣାମସ୍ୱରୂପ, କୋଟାକ୍ ବ୍ୟାଙ୍କର ଷ୍ଟକ୍ ମୂଲ୍ୟରେ ଉଲ୍ଲେଖନୀୟ ହ୍ରାସ ଦେଖିବାକୁ ମିଳିଥିଲା। ପ୍ରାରମ୍ଭିକ ବାଣିଜ୍ୟ ଅଧିବେଶନରେ ଜୁନ୍ ଠାରୁ ଏହାର ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଥିଲା। ପରେ ହିଣ୍ଡନ୍‌ବର୍ଗ ନିଜର ଏକ ରିପୋର୍ଟରେ ସେବିର ସ୍ୱଚ୍ଛତା ତଥା କାର୍ଯ୍ୟକାରିତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲା। ପ୍ରକାଶ, ୨୦୧୭ରେ ନାଥନ୍ ଆଣ୍ଡରସନ୍‌ଙ୍କ ଦ୍ୱାରା ହିଣ୍ଡନବର୍ଗ ରିସର୍ଚ୍ଚ ନାମରେ ଏକ ଇନ୍‌ଭେଷ୍ଟମେଣ୍ଟ ରିସର୍ଚ୍ଚ ଫାର୍ମ ପ୍ରତିଷ୍ଠା କରାଯାଇଥିଲା। ଏହି କମ୍ପାନୀ ବିଶ୍ୱସ୍ତରରେ ହେଉଥିବା ପୁଞ୍ଜିଗତ କାରବାର ତଥା ନିବେଶ ଉପରେ ସତର୍କ ନଜର ରଖିଥାଏ ଏବଂ ନିବେଶ କ୍ଷେତ୍ରରେ ହେଉଥିବା ଧୋକାଧାଡ଼ି ସମ୍ପର୍କିତ ରିପୋର୍ଟ ସମୟେ ସମୟେ ପ୍ରକାଶ କରିଥାଏ।

## ଟିଭି ସୋମନାଥନ୍‌ଙ୍କୁ କ୍ୟାବିନେଟ୍ ସଚିବ ଭାବେ ନିଯୁକ୍ତି



**ନୂଆଦିଲ୍ଲୀ, ୧୦।୮/ଏଜେନ୍ସି:** ୧୯୮୭ ଆଇଏଏସ୍ ବ୍ୟାଚ୍ ତାମିଲନାଡୁ କ୍ୟାଡର ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଟିଭି ସୋମନାଥଙ୍କୁ କେନ୍ଦ୍ର ସରକାର ଦେଶର ନୂଆ କ୍ୟାବିନେଟ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ସେ ଅର୍ଥ ସଚିବ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ନୂଆ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ତେବେ ଟିଭି ସୋମନାଥନ ବର୍ତ୍ତମାନ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରୁଥିବା ରାଜୀବ ଗୌବାଙ୍କ ସ୍ଥାନ ନେବେ। ଟିଭି ସୋମାନାଥନ କାର୍ଯ୍ୟକାଳ ଅଗଷ୍ଟ ୩୦ରୁ ଆରମ୍ଭ ହେବ। ସେ ଏହି ପଦରେ ସେ ୨ବର୍ଷ ପାଇଁ କାର୍ଯ୍ୟ କରିବେ। ପ୍ରକାଶ, ଟିଭି ସୋମନାଥନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ସଚିବ ଓ ଯୁଗ୍ମ ସଚିବ ଭାବେ କାମ କରିଛନ୍ତି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ମଧ୍ୟ ସେ କାର୍ଯ୍ୟ କରି ସାରିଛନ୍ତି। ଏକଦା ସେ ବିଶ୍ୱ ବ୍ୟାଙ୍କର ନିର୍ଦ୍ଦେଶକ ରହିଥିଲେ। ସେ ଅର୍ଥନୀତିରେ ପିଏଚ୍‌ଡି ଓ ଏମ୍ଏ କରିଛନ୍ତି।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଟିମୋର ଲେଷ୍ଟେର ସର୍ବୋଚ୍ଚ ବେସାମରିକ ସମ୍ମାନ

**ନୂଆଦିଲ୍ଲୀ,୧୦।୮/ଏଜେନ୍ସି:** ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ନିଜ ତ୍ରିରାଷ୍ଟ୍ର (ଫିଜି, ନ୍ୟୁଜିଲାଣ୍ଡ ଏବଂ ଟିମୋର ଲେଷ୍ଟେ) ଗସ୍ତର ଅନ୍ତିମ ଚରଣରେ ଟିମୋର ଲେଷ୍ଟେରେ ଯାଇ ପହଞ୍ଚିଛନ୍ତି। ଏଠାରେ ପହଞ୍ଚିବା ପରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ସହ ପାଛୋଟି ନିଆଯାଇଥିଲା। ସେଠାକାର ରାଷ୍ଟ୍ରପତି ଯୋଶେ ରାମୋସ୍-ହୋର୍ତ୍ତା ନିଜେ ବିମାନବନ୍ଦରରେ ଉପସ୍ଥିତ ରହି ଶ୍ରୀମତୀ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ। ପରେ ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ, ସେଠାକାର ରାଷ୍ଟ୍ରପତି ଭବନକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶ୍ରୀମତୀ ମୁର୍ମୁ ଏହି ଅବସରରେ ଟିମୋର ଲେଷ୍ଟେ ପ୍ରଧାନମନ୍ତ୍ରୀ କେ ରାଲା ଜାନାନା ଗୁସମାଓଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି।

ଟିମୋର ଲେଷ୍ଟେ ରାଷ୍ଟ୍ରପତି ଯୋଶେ ରାମୋସ୍-ହୋର୍ତ୍ତା, ଶ୍ରୀମତୀ ମୁର୍ମୁଙ୍କୁ ନିଜ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଦି ଗ୍ରାଣ୍ଡ୍-କଲାର ଅଫ୍ ଦି ଅର୍ଡର ଅଫ୍ ଟିମୋର-ଲେଷ୍ଟେ'ରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଭାରତ ଏବଂ ଟିମୋର ଲେଷ୍ଟେ ମଧ୍ୟରେ ୩ଟି ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏବଂ ଟିମୋର ଲେଷ୍ଟେ ରାଷ୍ଟ୍ରପତି ତଥା ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ମୁଖ୍ୟତଃ ଦ୍ୱିପାକ୍ଷିକ ସୁରକ୍ଷା, ସହଯୋଗ, ଯୋଗାଯୋଗ, ବାଣିଜ୍ୟ ଏବଂ ପର୍ଯ୍ୟଟନ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନିଜ ଗସ୍ତ ଅବସରରେ ଟିମୋର ଲେଷ୍ଟେ ଗସ୍ତ ଅବସରରେ ସେଠାରେ ଥିବା ପ୍ରବାସୀ ଭାରତୀୟ ସମୁଦାୟଙ୍କୁ ସମ୍ବୋଧିତ କରିବାକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ



ଭୁଲିନାହାନ୍ତି। ନିଜ ସମ୍ବୋଧନରେ ଶ୍ରୀମତୀ ମୁର୍ମୁ ଦୁଇ ଦେଶ ମଧ୍ୟରେ ରହିଥିବା ସୁଦୃଢ଼ ସମ୍ପର୍କର ସୂତ୍ରଧର ସାଜିଥିବାରୁ ଭାରତୀୟ ସମୁଦାୟକୁ ପ୍ରଶଂସା କରିଥିଲେ।

## ୪ ଆତଙ୍କବାଦୀଙ୍କ ସ୍କେଚ୍ ଜାରି



**ଶ୍ରୀନଗର,୧୦।୮/ଏଜେନ୍ସି :** ଜମ୍ମୁ କାଶ୍ମୀର ପୁଲିସ ପକ୍ଷରୁ ଆଜି ୪ କୁଖ୍ୟାତ ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରାଯାଇଛି। ଏମାନେ କଠୁଆ ଅଞ୍ଚଳରେ ଲୁଚିଥିବା ପୁଲିସ ସନ୍ଦେହ କରୁଛି। ତେଣୁ ଏମାନଙ୍କୁ ଧରିବା ପାଇଁ ସ୍କେଚ୍ ଜାରି କରି ଲୋକଙ୍କୁ ସତର୍କ କରାଇଛି ପୁଲିସ। ଏଥିସହ ଏମାନଙ୍କ ନାଁରେ ମଧ୍ୟ ୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରକାଶ, ଗତମାସ କଠୁଆ ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଉପରେ ବଡ଼ ଧରଣର ଆତଙ୍କୀ ହମଲା ହୋଇଥିଲା। ଏଥିରେ ୫ ଯବାନ ସହିଦ୍ ହୋଇଥିଲେ। ସେହିପରି ବେଶ୍ କିଛି ଦିନ ଧରି ଆଖପାଖ ଜିଲ୍ଲାରେ ମଧ୍ୟ ଆତଙ୍କୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ପରିଲକ୍ଷିତ ହେଉଛି। ଶନିବାର ମଧ୍ୟ ଅନନ୍ତନାଗ ଜିଲ୍ଲାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏସବୁ ମଧ୍ୟରେ କଠୁଆ ଜିଲ୍ଲାରେ କିଛି ଆତଙ୍କବାଦୀ ଲୁଚିଥିବା ସନ୍ଦେହ କରୁଛି ପୁଲିସ।

**୨୦ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା**



## ୱାୟନାଡ ସ୍ଥିତି ଅନୁଧ୍ୟାନ କଲେ ପ୍ରଧାନମନ୍ତ୍ରୀ

### ଖୁବଶୀଘ୍ର କେନ୍ଦ୍ର ପକ୍ଷରୁ ଘୋଷଣା ହେବ ସ୍ୱତନ୍ତ୍ର ପ୍ୟାକେଜ୍!

**ୱାୟନାଡ,୧୦।୮/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କେରଳର ୱାୟନାଡ ଜିଲ୍ଲା ଗସ୍ତ କରି ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ମୋଦୀ ପ୍ରଥମେ ବାୟୁସେନା ହେଲିକପ୍ଟର ଯୋଗେ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ (ଧ୍ୱଂସସ୍ତୁପ ପାଲଟିଥିବା) ପୁଞ୍ଚିରି ମାଟମ୍, ମୁଣ୍ଡାକାଇ ଓ ଚୁରୁଲମାଲା ଆଦି ଅଞ୍ଚଳଗୁଡ଼ିକୁ ଆକାଶମାର୍ଗରୁ ନିରୀକ୍ଷଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହିତ କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍, ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ଏବଂ କେନ୍ଦ୍ରୀୟ ପର୍ଯ୍ୟଟନ ତଥା ତୈଳ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ମଧ୍ୟ ସାମିଲ ଥିଲେ। ଆକାଶମାର୍ଗରେ ନିରୀକ୍ଷଣ ପରେ ପ୍ରଧାନମନ୍ତ୍ରୀ କଲପେଟ୍ଟାସ୍ଥିତ ଏସ୍‌କେଏମ୍‌ଜେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡ଼ିଆରେ ଓହ୍ଲାଇ ସଡ଼କ ମାର୍ଗରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏଠାରେ ଚାଲି ଚାଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତି ଓ ଉଦ୍ଧାର କାର୍ଯ୍ୟ କିପରି ଚାଲିଛି, ସେସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ରିଲିଫ୍ କ୍ୟାମ୍ପ, ହସ୍ପିଟାଲରେ ଥିବା ଆହତ ଓ ମୃତକଙ୍କ ପରିବାରକୁ ମଧ୍ୟ ଭେଟିଛନ୍ତି।

ପ୍ରକାଶ, ଭୂସ୍ଖଳନରେ କ୍ଷତିଗ୍ରସ୍ତ ଅଞ୍ଚଳ ପାଇଁ କେରଳ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ୨ ହଜାର କୋଟି ଟଙ୍କାର ସହାୟତା ମାଗିଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ଅଞ୍ଚଳ ପରିଦର୍ଶନ କରିବାକୁ ଆସିଛନ୍ତି। ଗତ ଜୁଲାଇ ୩୦ ତାରିଖରେ ଏହି ଅଞ୍ଚଳରେ ପ୍ରବଳ ବର୍ଷାଜନିତ ଭୂସ୍ଖଳନ ହେବାରୁ ୱାୟନାଡର ୫ଖଣ୍ଡ ଗାଁ ଭାସି ଯାଇଥିଲା। କେବଳ ଭୂସ୍ଖଳନ ଯୋଗୁ ପ୍ରାୟ ୪୦୦ ଲୋକ ପ୍ରାଣ ହରାଇଥିବା ବେଳେ ଶତାଧିକ ଲୋକ ଏବେ ବି ନିଖୋଜ ରହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୀକ୍ଷା ପରେ ୱାୟନାଡ ପୀଡିତଙ୍କ ପାଇଁ କେନ୍ଦ୍ର ସରକାର ଖୁବଶୀଘ୍ର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିପାରନ୍ତି ବୋଲି ଅନୁମାନ କରାଯାଉଛି। ପ୍ରକାଶ, ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ୱାୟନାଡ ଗସ୍ତ କରିଥିଲେ ଏବଂ ମୃତକ ତଥା ଆହତଙ୍କ ପରିବାରକୁ ଭେଟି ଦୁଃଖ ବ୍ୟକ୍ତ କରିଥିଲେ। ଏହି ସମୟରେ କଂଗ୍ରେସ ପକ୍ଷରୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବା ନେଇ ରାହୁଲ ୱାୟନାଡବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୯ରୁ ୨୦୨୪ ଯାଏ ରାହୁଲ ଏହି ୱାୟନାଡ ସଂସଦୀୟ କ୍ଷେତ୍ରରୁ ଲୋକସଭା ସାଂସଦ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## କୋଲକାତା ଟ୍ରେନି ଡାକ୍ତରାଣୀ ହତ୍ୟାକାଣ୍ଡ: ଆସିଲା ପୋଷ୍ଟମର୍ଟମ ରିପୋର୍ଟ

# ମର୍ଡର ପୂର୍ବରୁ ଦୁଷ୍କର୍ମ ପ୍ରମାଣ ମିଳିଲା

**କୋଲକାତା,୧୦।୮/ଏଜେନ୍ସି:** କୋଲକାତା ଟ୍ରେନି ଡାକ୍ତରାଣୀ ହତ୍ୟାକାଣ୍ଡ ଘଟଣାରେ ନୂଆ ମୋଡ ସାମ୍ନାକୁ ଆସିଛି। ଶନିବାର ପ୍ରାଥମିକ ପୋଷ୍ଟମର୍ଟମ ରିପୋର୍ଟ ସାମ୍ନାକୁ ଆସିଥିବା ବେଳେ ଏଥିରେ ପୀଡ଼ିତାଙ୍କୁ ହତ୍ୟା କରାଯିବା ପୂର୍ବରୁ ଦୁଷ୍କର୍ମ କରାଯାଇଥିବା ଉଲ୍ଲେଖ ରହିଛି। ତାଙ୍କ ଗୁପ୍ତାଙ୍ଗରୁ ରକ୍ତସ୍ରାବ ସହ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଛି। ଏପରିକି ତାଙ୍କ ବେକର ପଛଭାଗ ହାଡ ମଧ୍ୟ ଭାଙ୍ଗିଯାଇଛି। ଦୁଷ୍କର୍ମ ପରେ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା କୋଲକାତା ପୁଲିସ୍ ସିସିଟିଭି ଫୁଟେଜ୍ ଆଧାରରେ ସଞ୍ଜୟ ରାୟ ନାମକ ଜଣେ ମେଡିକାଲ କଲେଜର ଜଣେ କର୍ମଚାରୀକୁ ଗିରଫ କରିଛି।

ଶୁକ୍ରବାର ସକାଳେ କୋଲକାତା ସ୍ଥିତ ଆର୍‌ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ହଲରୁ ଜଣେ ଯୁବ ଡାକ୍ତରାଣୀଙ୍କ ଅର୍ଦ୍ଧଲଗ୍ନ ମୃତଦେହ ଉଦ୍ଧାର ହୋଇଥିଲା। ମୃତକଜଣକ ଏହି ମେଡିକାଲ କଲେଜ୍‌ରେ ୨ୟ ବର୍ଷ ପିଜି ଡାକ୍ତରାଣୀ ଭାବେ ପାଠପଢ଼ିବା ସହ ମେଡିକାଲ ଅଭ୍ୟାସ ମଧ୍ୟ କରୁଥିଲେ। ତେବେ ମୃତ ଡାକ୍ତରାଣୀଙ୍କ ବାପା ପ୍ରଥମରୁ ହିଁ ତାଙ୍କ ଝିଅକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ ମଧ୍ୟ ପୁଲିସ୍ ପୋଷ୍ଟମର୍ଟମ୍ ରିପୋର୍ଟକୁ ଅପେକ୍ଷା କରିଥିଲା। ଅନ୍ୟପକ୍ଷେ ଏପ୍ରକାର ଏକ ଅଭାବନୀୟ ଘଟଣାକୁ ନେଇ ଉକ୍ତ ମେଡିକାଲ କଲେଜରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ଅନ୍ୟ




ଛାତ୍ରଛାତ୍ରୀମାନେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆଜି ପୋଷ୍ଟମୋର୍ଟମର ପ୍ରାଥମିକ ରିପୋର୍ଟ ଆସିଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଆଜି ଏହି ଘଟଣାରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ମମତା କହିଛନ୍ତି, ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଅତ୍ୟନ୍ତ ଘୃଣ୍ୟ। ଆବଶ୍ୟକ ହେଲେ ଦୋଷୀଙ୍କୁ ଫାଶୀ ଖୁଣ୍ଟରେ ଝୁଲାଯିବ। ରାଜ୍ୟରେ ଏପ୍ରକାର ଘଟଣାକୁ କଦାପି ବରଦାସ୍ତ କରାଯିବନାହିଁ। ଦୋଷୀ ଯିଏ କିଏ ମଧ୍ୟ ହୋଇଥାନ୍ତୁ ନା କାହିଁକି, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ। ମମତାଙ୍କ କହିବାନୁସାରେ 'ଛାତ୍ରଛାତ୍ରୀଙ୍କ ଦାବି ଏବଂ ଆନ୍ଦୋଳନ ଯଥାର୍ଥ। ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସମର୍ଥନ ସେମାନଙ୍କ ସହ ରହିଛି। ପୁଲିସ ମଧ୍ୟ ସେମାନଙ୍କ ଦାବି ଗ୍ରହଣ କରିଛି। ଅପରାଧୀ ବିରୁଦ୍ଧରେ କଠୋରରୁ କଠୋର ଦଣ୍ଡବିଧାନ କରାଯିବ।

# ଜୟ ଶ୍ରୀରାମ, ଭାରତ ମାତା କି ଜୟ' ନାରାରେ କମ୍ପୁଛି ସୀମାନ୍ତ

**ନୂଆଦିଲ୍ଲୀ,୧୦।୮/ଏଜେନ୍ସି:** ବାଂଲାଦେଶରେ ଅନ୍ତରୀଣ ସରକାର ଗଠନ ସତ୍ତ୍ୱେ ହିଂସାକାଣ୍ଡଜନିତ ପରିସ୍ଥିତିରେ ସୁଧାର ଆସିନାହିଁ। ବିକ୍ଷୋଭକାରୀମାନେ ସଂଖ୍ୟାଲଘୁ ହିନ୍ଦୁ ଏବଂ ଖ୍ରୀଷ୍ଟିଆନଙ୍କ ଉପରେ ଅତ୍ୟାଚାର ଜାରି ରଖିଛନ୍ତି। ଘରଦ୍ୱାର ଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ସବୁକିଛି ଜାଳିପୋଡି ଦିଆଯାଉଛି। ଏଭଳି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଏବଂ ନିଜ ପରିବାର ଲୋକଙ୍କ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ହଜାର ହଜାର ସଂଖ୍ୟକ ବାଂଲାଦେଶୀ ହିନ୍ଦୁ ପରିବାର ଏବେ ଭାରତ ମୁହାଁ ସାଜିଛନ୍ତି। ଏମାନେ ଭାରତରେ ଶରଣ ନେବା ଲକ୍ଷ୍ୟରେ ଭାରତ-ବାଂଲାଦେଶ ସୀମାରେ ଆସି ପହଞ୍ଚିଛନ୍ତି। କିନ୍ତୁ ଏମାନଙ୍କ ଭାରତ ପ୍ରବେଶ ପାଇଁ ମୁଖ୍ୟ ବାଧକ ସାଜିଛନ୍ତି ଭାରତୀୟ ସୀମା ସୁରକ୍ଷା ବଳ (ବିଏସଏଫ୍) ଯବାନ। ଏମାନଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଭାରତରେ ପ୍ରବେଶ କରାଇନଦେବା ପାଇଁ ସତର୍କ ସଜାଗ ରହିଥିବା ବିଏସ୍ଏଫ୍ ଯବାନ୍ ଏମାନଙ୍କୁ ସୀମାରେଖାରେ ହିଁ ଅଟକାଇ ରଖିଛନ୍ତି। ତେବେ ଏହି ସମୟରେ ଜଳାଶୟ ଭିତରେ ରହି ଭାରତକୁ ପ୍ରବେଶ ଅନୁମତି ଦେବା ଲାଗି ଯବାନଙ୍କୁ ଆକୁଳ ନିବେଦନ କରୁଥିବା ବାଂଲାଦେଶୀଙ୍କ କରୁଣ ଚିତ୍କାର ସମ୍ପର୍କୀତ ଏକ ଭିଡିଓ ସାମ୍ନାକୁ ଆସିଛି, ଯାହାକି ଅତ୍ୟନ୍ତ ହୃଦୟ ବିଦାରକ।

ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓରେ ହଜାର ହଜାର ସଂଖ୍ୟକ ବାଂଲାଦେଶୀ ନିଜ ପିଲା ପରିବାରଙ୍କ ସହ ପାଣିମଧ୍ୟରେ ଛିଡା ହୋଇ 'ଜୟ ଶ୍ରୀରାମ୍' ନାରା ଦେବା ସହ ବିଏସ୍ଏଫ୍ ଯବାନ୍‌ଙ୍କୁ ଆକୁଳ ଗୁହାରୀ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଭିଡିଓଟି ପଶ୍ଚିମବଙ୍ଗ ସୀମାନ୍ତ କୁଚବିହାର ଅନ୍ତର୍ଗତ ସିତାଲକୁଚୀ ଅଞ୍ଚଳର ବୋଲି ଜଣାପଡିଛି। ସେହିପରି କାଶିୟାର ବରୁରୀ ଅଞ୍ଚଳର ପଠାନଟୁଲୀ ଗାଁ ସୀମାରେ ବି ବହୁସଂଖ୍ୟକ ବାଂଲାଦେଶ ହିନ୍ଦୁ ଭାରତରେ ପ୍ରବେଶ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ ବି ଜୟ ଶ୍ରୀରାମ, ଭାରତ ମାତା କୀ ଜୟ ନାରା ଦେଉଛନ୍ତି। ତେବେ ବିଏସ୍ଏଫ୍ ଯବାନ ଏମାନଙ୍କୁ ସୀମା ଭିତରକୁ ନ ଆସିବାକୁ ବାରମ୍ବାର ଚେତାବନୀ ଦେଉଥିଲେ ମଧ୍ୟ ଏପରିକି ନିବେଦନ କରୁଥିଲେ ମଧ୍ୟ ଏମାନେ ବାଂଲାଦେଶରେ ଥିବା ନିଜ ଘରକୁ ଫେରିବାକୁ ରାଜିହେଉନଥିବା ଜଣେ ବରିଷ୍ଠ ବିଏସ୍ଏଫ୍ ଅଧିକାରୀ ସୂଚନା ଦେଇ କହିଛନ୍ତି। ସୂଚନାଯୋଗ୍ୟରେ ବାଂଲାଦେଶରେ ସୃଷ୍ଟି ହୋଇଥିବା ହିଂସା ଘଟଣା ଭାରତ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି।



- ସୀମାରେ ଭିଡ଼ ଜମାଇଛନ୍ତି ହଜାର ହଜାର ବାଂଲାଦେଶୀ
- ପ୍ରବେଶ ଅନୁମତି ଦେବାକୁ କରୁଛନ୍ତି ଆକୁଳ ନିବେଦନ

NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
12 + 16 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ
SUNDAY
11 AUGUST 2024
ରବିବାର
୧୧ ଅଗଷ୍ଟ ୨୦୨୪
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 85 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୮୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ଉପ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ୧୫ରେ 'ସୁଭଦ୍ରା' ଯୋଜନାର ଏସ୍‌ଓପି

**ଭୁବନେଶ୍ୱର,୧୦।୮/ଏନ୍‌ଏନ୍‌ଏସ୍:**



ବହୁଚର୍ଚ୍ଚିତ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ଆସନ୍ତା ସେପ୍ଟେମ୍ବର ୧୭ରେ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସି ପ୍ରାୟ ୫ ଲକ୍ଷ ମହିଳାଙ୍କ ଉପସ୍ଥିତରେ ଏହି ଯୋଜନା କାର୍ଯ୍ୟକାରୀ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୁନ ୨୯ରେ ନୂଆଦିଲ୍ଲୀ ଗସ୍ତବେଳେ ଏହା ଘୋଷଣା କରିଥିଲେ। ହେଲେ ପ୍ରଧାନମନ୍ତ୍ରୀ ଆସିବେ କି ନାହିଁ ତାହା ସ୍ପଷ୍ଟ ହୋଇନଥିବାବେଳେ ଆସନ୍ତା ୧୫ରେ ସୁଭଦ୍ରା ଯୋଜନା ପାଇଁ 'ଏସ୍‌ଓପି' ଜାରି ହେବ ବୋଲି ନିଷ୍ପତ୍ତି ହୋଇଛି।

ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଯେ, ଏନେଇ ମୋହନ ସରକାରଙ୍କର ପ୍ରଥମ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶହେ ଦିନ ମଧ୍ୟରେ ରାଜ୍ୟରେ 'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀ ହେବ। ସୁଭଦ୍ରା ଯୋଜନା ଅନ୍ତର୍ଗତ ହିତାଧିକାରୀ ମହିଳା ୫୦ ହଜାର ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇ ପାରିବେ। ପ୍ରତ୍ୟେକ ପରିବାରର ମୁଖ୍ୟ ମହିଳାଙ୍କୁ ହିଁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ପରିବାରର ହିତାଧିକାରୀ ମହିଳା ଉପହାର ହିସାବରେ ଏହି ରାଶିର ଲାଭ ଉଠାଇ ପାରିବେ। ଫଳରେ ଯୋଜନାରେ ମିଳିବାକୁ ଥିବା ସହାୟତା ରାଶି ଦ୍ୱାରା ମହିଳାମାନେ ନିଜର ଜୀବନ ଜୀବିକାକୁ ଆହୁରି ସୁଦୃଢ଼ କରିପାରିବେ। ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ସୁଭଦ୍ରା ଯୋଜନା ପାଇଁ ବଜେଟରେ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲେ ହେଁ ଆବଶ୍ୟକ ପଡ଼ିଲେ ତାହା ବଢ଼ିବ। ▶▶ ୭

**ସମ୍ଭାବ୍ୟ ନୀୟମାବଳି**

- ଆବେଦନକାରୀ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ
- ବିବାହିତା ହୋଇଥିବେ
- ବୟସ ସୀମା ୨୩ରୁ ୫୯
- ଆବେଦନକାରୀ କିମ୍ବା ତାଙ୍କ ସ୍ୱାମୀ ସରକାରୀ ଚାକିରୀ କରି ନଥିବେ
- ଅଙ୍ଗନବାଡ଼ି କର୍ମୀ ଆବେଦନ କରିପାରିବେ
- ପ୍ରତି ପରିବାରର ଜଣେ ଆବେଦନ କରିପାରିବେ
- ଆଧାର କାର୍ଡ଼, ଭୋଟର କାର୍ଡ଼, ରାସନ କାର୍ଡ଼, ବ୍ୟାଙ୍କ ପାସ୍ ବୁକ୍ ଜରୁରୀ

### ଓଡ଼ିଶା ପାଇଁ ୧୫ ହଜାର କୋଟି ଟଙ୍କାର ୬ ରେଳ ପ୍ରକଳ୍ପ ମଞ୍ଜୁର

# ସଂପୂର୍ଣ୍ଣ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ଭୁବନେଶ୍ୱର,୧୦।୮/ଏନ୍‌ଏନ୍‌ଏସ୍:**





ଓଡ଼ିଶା ପାଇଁ କେନ୍ଦ୍ର ସରକାର ୧୫ ହଜାର ୪ କୋଟି ଟଙ୍କାର ୬ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ମଞ୍ଜୁର କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ପାଇଁ ଏହା ଏକ ଐତିହାସିକ ନିଷ୍ପତ୍ତି। ରାଜ୍ୟର ରେଳ ପଥରେ ସମନ୍ୱିତ ଉନ୍ନତୀକରଣ ସବୁ କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହୋଇପାରିବ। ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ୍ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶନିବାର ଲୋକ ସେବା ଭବନରେ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କାଳରେ କହିଛନ୍ତି ଯେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ଏକା ଥରକେ ୧୫ ହଜାର କୋଟି ଟଙ୍କାର ୬ ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଆମେ ସମସ୍ତେ ବହୁତ୍ ଖୁସି। ସାରା ଓଡ଼ିଶାବାସୀ ଖୁସି। ଏହାଦ୍ୱାରା ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ସଂପୃକ୍ତ ଜିଲ୍ଲା ମାନଙ୍କର ଆର୍ଥିକ ବିକାଶ କ୍ଷେତ୍ରରେ ସହାୟକ ହେବ। ଏହା ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀ ଗସ୍ତ ସମୟରେ ରେଳ ମନ୍ତ୍ରୀ ତାଙ୍କୁ ମାତ୍ର ୫ ମିନିଟ୍ ପାଇଁ ଚା' ପିଇବାକୁ ଡାକିଥିଲେ। ମାତ୍ର ୫ ମିନିଟ୍‌ରେ ସେ ଓଡ଼ିଶାକୁ ୬ଟି ପ୍ରକଳ୍ପ ଦେଇଦେଲେ। ସେଥିପାଇଁ ବହୁତ ବହୁତ ଧନ୍ୟବାଦ। ରେଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନ୍ ସମୟରେ ଜମି ଅଧିଗ୍ରହଣ ଏକ ମୁଖ୍ୟ ସମସ୍ୟା ହୋଇଥାଏ। ସେଥିପାଇଁ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନ୍ୱୟନ୍ ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ ସହିତ ଅନ୍ୟାନ୍ୟ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଞ୍ଜୁର ହୋଇଥିବା ସମସ୍ତ ପ୍ରକଳ୍ପ ଉପରେ ସୂଚନା ଦେଇ କହିଥିଲେ, ମଞ୍ଜୁର ହୋଇଥିବା ପ୍ରକଳ୍ପ କିପରି ଧାର୍ଯ୍ୟ ସମୟରେ ଶେଷ ହେବ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ବିଭିନ୍ନ ପ୍ରାନ୍ତକୁ ଯୋଡ଼ିବାରେ ସଫଳ ହେବ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏକା ଥରକେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁର ହେବ। ଏହା ଏକ ଐତିହାସିକ ପଦକ୍ଷେପ। ପୂର୍ବରୁ ବର୍ଷକୁ ମାତ୍ର ୪୦ କିଲୋମିଟର ରେଳ ଲାଇନ ନିର୍ମାଣ ହେଉଥିବା ବେଳେ ଏବେ ବିଗତ ୧୦ ବର୍ଷରେ ପ୍ରତିବର୍ଷ ୩୦୦ କିଲୋମିଟରରୁ ଅଧିକ ରେଳ ପଥ ନିର୍ମାଣ ହେଉଛି। ରାଜ୍ୟ ସରକାରଙ୍କ ସହିତ ମିଳିତ ଭାବେ ଉପଯୁକ୍ତ ତଦାରଖ କରାଯାଇ ନୂଆ ପ୍ରକଳ୍ପ ଗୁଡ଼ିକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଥିଲେ।

ଓଡିଶାରେ ମଞ୍ଜୁର ହୋଇଥିବା ନୂତନ ରେଳ ପ୍ରକଳ୍ପ ଗୁଡ଼ିକ ହେଉଛି ୧୩୨୬ କୋଟି ଟଙ୍କା ମୂଲ୍ୟର ୭୩.୬୨ କିମି ଦୈର୍ଘ୍ୟ ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ (ରାୟଗଡା) ଜିଲ୍ଲା; ୩୨୭୪ କୋଟି ଟଙ୍କା ମୂଲ୍ୟର ୧୧୬.୨୧ କିମି ଦୈର୍ଘ୍ୟ ଜୁନାଗଡ଼ ରୋଡ଼-ନବରଙ୍ଗପୁର ନୂତନ ରେଳ ଲାଇନ (ନବରଙ୍ଗପୁର ଓ କଳାହାଣ୍ଡି) ଜିଲ୍ଲା; ୪୧୦୯ କୋଟି ଟଙ୍କା ମୂଲ୍ୟର ୧୭୩.୬୧ କିମି ଦୈର୍ଘ୍ୟ ମାଲକାନଗିରି-ପାଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଲମ ନୂତନ ରେଳ ଲାଇନ (ଓଡ଼ିଶାର ମାଲକାନଗିରି, ଆନ୍ଧ୍ର ପ୍ରଦେଶର ପୂର୍ବ ଗୋଦାବରୀ ଓ ତେଲେଙ୍ଗାନାର ଭଦ୍ରାଦ୍ରି କୋଥାଗୁଡେମ) ଜିଲ୍ଲା; ୨୧୦୭ କୋଟି ଟଙ୍କା ମୂଲ୍ୟର ୮୨.୦୬ କିମି ଦୈର୍ଘ୍ୟ ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ଲାଇନ (କେନ୍ଦୁଝର ଓ ମୟୂରଭଞ୍ଜ) ଜିଲ୍ଲା; ୨୫୪୯ କୋଟି ଟଙ୍କା ମୂଲ୍ୟର ୮୫.୬୦ କିମି ଦୈର୍ଘ୍ୟ ବାଙ୍ଗିରିପୋଷି-ଗୋରୁମହିଷାଣି ନୂତନ ରେଳ ଲାଇନ (ମୟୁରଭଞ୍ଜ) ଜିଲ୍ଲା; ୧୬୩୯ କୋଟି ଟଙ୍କା ମୂଲ୍ୟର ୫୯.୯୬ କିମି ଦୈର୍ଘ୍ୟ ବୁଡ଼ାମରା-ଚକୁଲିଆ ନୂତନ ରେଳ ଲାଇନ (ଓଡ଼ିଶାର ମୟୁରଭଞ୍ଜ, ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଓ ପଶ୍ଚିମ ବଙ୍ଗର ଝାରଗ୍ରାମ) ଜିଲ୍ଲା ମାନଙ୍କରେ ସେବା ଉପଲବ୍ଧ କରାଇବ।

କାର୍ଯ୍ୟକ୍ରମରେ ବିଭିନ୍ନ ସାଂସଦମାନେ ମଧ୍ୟ ଭିଡିଓ କନଫରେନ୍ସ ଜରିଆରେ ଯୋଗ ଦେଇଥିଲେ। ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ କେନ୍ଦୁଝର ସାଂସଦ ଅନନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଥିଲେ। ସେମାନେ କହିଥିଲେ ଯେ, ପ୍ରକଳ୍ପ ଦ୍ୱାରା ସେମାନଙ୍କ ଅଞ୍ଚଳରେ ରେଳ ପଥର ବିକାଶ ହେବା ସହିତ ସାରା ଭାରତ ବର୍ଷ ସହିତ ଯୋଗାଯୋଗ ସୁଦୃଢ଼ ହେବ।

# ଗାଜାଷ୍ଟ୍ରିପ୍ ସ୍କୁଲ ଉପରେ ଇସ୍ରାଏଲର ଆକ୍ରମଣ

**ଜେରୁଜେଲମ୍/ଗାଜାଷ୍ଟ୍ରିପ୍,୧୦।୮/ଏଜେନ୍ସି:**

ଇରାନ୍ ପଟୁ ଯୁଦ୍ଧ ଆଶଙ୍କା ସତ୍ତ୍ୱେ ଇସ୍ରାଏଲ କିନ୍ତୁ ହମାସ୍ ଉଗ୍ରବାଦୀଙ୍କ ଉପରେ ଆକ୍ରମଣ କରିବା ବନ୍ଦ କରିନାହିଁ। ଭାରତୀୟ ସମୟ ଶନିବାର ସକାଳୁ ଇସ୍ରାଏଲ୍ ସେନା ପକ୍ଷରୁ ଗାଜା ଷ୍ଟ୍ରିପ୍‌ରେ ଥିବା ଏକ ସ୍କୁଲ୍‌କୁ ଟାର୍ଗେଟ୍ କରି କରାଯାଇଥିଲା। ଏୟାରଷ୍ଟ୍ରାଇକ୍‌ରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ଆକ୍ରମଣ ପାଇଁ ଇସ୍ରାଏଲ୍ ସେନା ନିଜକୁ ଦାୟୀ କରିଥିବା ବେଳେ ଗାଜା ସରକାରୀ ରିପୋର୍ଟରେ କିନ୍ତୁ ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଓ ମହିଳା ରହିଥିବା ଦର୍ଶାଯାଇଛି। ପ୍ରକାଶ,

**ଏୟାରଷ୍ଟ୍ରାଇକ୍‌ରେ ଶତାଧିକ ମୃତ**

ଶନିବାର ସକାଳେ ଗାଜାର ଅଲ୍-ସହାବା ଅଞ୍ଚଳରେ ଥିବା ଅଲ୍-ତବଇନ୍ ସ୍କୁଲ ଉପରେ ଇସ୍ରାଏଲ ସେନା ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଥିବା ଗାଜାର ନାଗରିକ ସୁରକ୍ଷା ଏଜେନ୍ସି ଦାବି କରିଛି। ଇସ୍ରାଏଲର ନାଗରିକ ପ୍ରତିରକ୍ଷା ସଂସ୍ଥା ପକ୍ଷରୁ ଆଜିର ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦିଆଯାଇଛି। ଉକ୍ତ ସ୍କୁଲ ହମାସ ଆତଙ୍କବାଦୀ ଲୁଚି ରହିବା ସହିତ ତାହାକୁ ଆଡ୍ଡାସ୍ଥଳୀ କରିଥିବାରୁ ସେମାନଙ୍କୁ ନିପାତ କରିବା ଲାଗି ଏହି ଆକ୍ରମଣ କରାଯାଇଥିବା ଇସ୍ରାଏଲ ପ୍ରତିରକ୍ଷା ସଂସ୍ଥା ପକ୍ଷରୁ କୁହାଯାଇଛି। ▶▶ ୭

### ଡିସେମ୍ବର ୪ରେ ପାଳନ ହେବ ନୌସେନା ଦିବସ

# ପୁରୀ ସମୁଦ୍ରତଟରେ ସ୍ଥିତି ଅନୁଧ୍ୟାନ କଲେ ୫ ଜାହାଜ



**ପୁରୀ, ୧୦।୮/ଏନ୍‌ଏନ୍‌ଏସ୍ :**

ଆସନ୍ତା ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା ଦିବସ ପାଳନ ହେବ। ଏଥିପାଇଁ ଭାରତୀୟ ନୌସେନା ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଓଡ଼ିଶାର ପୁରୀ ସମୁଦ୍ର ତଟରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ନୌସେନାର ୫ଟି ଜାହାଜ ପୁରୀ ସମୁଦ୍ର ତଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି।

ପୁରୀ ସମୁଦ୍ର ଉପକୂଳରେ ପହଞ୍ଚିଛି ଭାରତୀୟ ନୌସେନାର ଏକାଧିକ ଯୁଦ୍ଧ ଜାହାଜ। ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀ ସମୁଦ୍ର ଉପକୂଳରେ ଅନୁଷ୍ଠିତ ହେବ ନୌସେନା ଦିବସ। ଭାରତୀୟ ନୌସେନାର ବିଭିନ୍ନ ଜାହାଜ ଏଠାରେ ରହି ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବେ। ବାୟୁସେନାର ବିଭିନ୍ନ ଯୁଦ୍ଧ ବିମାନ ଏୟାର ଶୋ କରିବା ସହ କମାଣ୍ଡୋମାନେ ମଧ୍ୟ ଏହି ଅବସରରେ ବିଭିନ୍ନ ଯୁଦ୍ଧର କଳା କୌଶଳ ପ୍ରଦର୍ଶନ କରିବେ। ଭାରତୀୟ ନୌସେନା ମଧ୍ୟ ଏହି ଅବସରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସ୍ଥିର ହୋଇଥିବା ବେଳେ ସାଧାରଣ ଲୋକମାନେ ସମୁଦ୍ର କୂଳରେ ଉପସ୍ଥିତ ରହି ନୌସେନା ଦିବସରେ ବିଭିନ୍ନ କଳା କୌଶଳ ଦେଖି ଅଭିଜ୍ଞତା ହାସଲ କରି ପାରିବେ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ପୁରୀ ସମୁଦ୍ର ତଟକୁ ଆଇଏନଏସ ଜଳାସ୍ୱ, କିଲଟନ, ସୁମେଧା, ଚାଙ୍ଗି ଭଳି ୪ଟି ଯୁଦ୍ଧ ଜାହାଜ ଓ ଗୋଟିଏ ଉଦ୍ଧାରକାରୀ ସହାୟକ ଜାହାଜ ସରସ୍ୱତୀ ଆସି ସର୍ଭେ ଆରମ୍ଭ କରିଛନ୍ତି। ▶▶ ୭

**ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

### ସେନା-ଆତଙ୍କବାଦୀ ଗୁଳିବିନିମୟ

# ୨ ଯବାନ ସହିଦ, ୩ ଗୁରୁତର

**ଶ୍ରୀନଗର,୧୦।୮/ଏଜେନ୍ସି:**

ଜମ୍ମୁ-କାଶ୍ମୀରର ଦକ୍ଷିଣ ପ୍ରାନ୍ତ ଅନନ୍ତନାଗ ଅଞ୍ଚଳ ସ୍ଥିତ ଅହଲାନ ଗାଡୋଲେ ଠାରେ ଶନିବାର ସେନା ଯବାନ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ଜଣାପଡିଛି। ତେବେ ଆତଙ୍କବାଦୀଙ୍କ ଅତର୍କିତ ଆକ୍ରମଣ ଯୋଗୁ ୨ ଭାରତୀୟ ଯବାନ୍ ସହିଦ୍ ହୋଇପଡିଥିବା ବେଳେ ଅନ୍ୟଜଣେ ଯବାନ୍ ଗୁରୁତର ଭାବେ ଆହତ ହୋଇଛନ୍ତି। ସେହିପରି ଆଜିର ଏହି ଗୁଳିବିନିମୟ ଘଟଣାରେ ସ୍ଥାନୀୟ ଅଞ୍ଚଳର ୨ ସାଧାରଣ ନାଗରିକ ମଧ୍ୟ ଗୁରୁତର ହୋଇଥିବା କୁହାଯାଉଛି। ତେବେ ସମସ୍ତ ଆହତଙ୍କୁ ଏନ୍‌କାଉଣ୍ଟର ସ୍ଥଳରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ରିପୋର୍ଟ ଲେଖାହେବା ସୁଦ୍ଧା ମଧ୍ୟ ଏନକାଉଣ୍ଟର ପ୍ରକ୍ରିୟା ଜାରି ରହିଥିବା ସେନା ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ସ୍ଥଳସେନା ଓ ସିଆରପିଏଫ୍ ଯବାନ୍‌ଙ୍କ ସହ ଜମ୍ମୁ କାଶ୍ମୀର ପୁଲିସ୍ ମଧ୍ୟ ଏହି ଏନ୍‌କାଉଣ୍ଟର ପ୍ରକ୍ରିୟାରେ ସାମିଲ ରହିଛି। ରିପୋର୍ଟ ଅନୁସାରେ କୋକେରନାଗ ସବଡିଭିଜନରେ ଥିବା ଜଙ୍ଗଲରେ କିଛି ଆତଙ୍କବାଦୀ ଥିବା ସୂଚନା ମିଳିଥିଲା। ଏହାପରେ ଭାରତୀୟ ସ୍ଥଳ ସେନା, ଜମ୍ମୁ-କଶ୍ମୀର ପୁଲିସ୍ ଓ ସିଆରପିଏଫ ଯବାନଙ୍କ ପକ୍ଷରୁ ଆତଙ୍କବାଦ ନିରୋଧ ଅପରେସନ ଆରମ୍ଭ ହୋଇଥିଲା। ▶▶ ୭

### ଅଶାନ୍ତ ବାଂଲାଦେଶରେ ହିଂସାକାଣ୍ଡ ଜାରି

# ଇସ୍ତଫା ଦେଲେ ମୁଖ୍ୟ ବିଚାରପତି

**ଢ଼ାକା, ୧୦।୮/ଏଜେନ୍ସି:**



ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପରେ ବାଂଲାଦେଶ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଓବୈଦୁଲ ହସନ ମଧ୍ୟ ଆଜି ବିବାଦୀୟ ଢଙ୍ଗରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଜଷ୍ଟିସ୍ ଓବୈଦୁଲ ହସନ୍, ଶେଖ୍ ହସିନାଙ୍କ ଏକାନ୍ତ ନିକଟତର ତଥା ବିଶ୍ୱାସଯୋଗ୍ୟ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା ଥିଲେ। ତେବେ ଶେଖ୍ ହସିନା ଇସ୍ତଫା ଦେଇ ଦେଶ ଛାଡି ପଳାୟନ କରିବା ପରେ ଓବୈଦୁଲ ହସନ୍‌ଙ୍କୁ ମଧ୍ୟ ଦେଶର ପ୍ରଧାନ ବିଚାରପତି ପଦରୁ ଇସ୍ତଫା ଦେବା ପାଇଁ ବିକ୍ଷୋଭକାରୀ ଛାତ୍ର ସଂଗଠନଗୁଡ଼ିକ ମିଳିତ ଭାବେ ଚାପ ପକାଇଆସୁଥିଲେ। ଗତ ୨ ଦିନ ଧରି ଆନ୍ଦୋଳନକାରୀମାନେ ଓବୈଦୁଲ ହସନ୍ ଏବଂ ଅନ୍ୟ ବିଚାରପତିଙ୍କ ଇସ୍ତଫା ଦାବିରେ ସୁପ୍ରିମକୋର୍ଟ ସମ୍ମୁଖରେ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ କରିଆସୁଥିବା ବେଳେ ଓବୈଦୁଲ ହସନ୍ ବାଂଲାଦେଶ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ପଦରୁ ଇସ୍ତଫା ଦେଇଥିବା 'ଦ ଡେଲି ଷ୍ଟାର୍' ରିପୋର୍ଟ କରିଛି।

ପ୍ରକାଶ, ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଇସ୍ତଫା ପରେ ପୁଣି ଆଜି ବାଂଲାଦେଶରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ଛାତ୍ର ସଂଗଠନ ସୁପ୍ରିମକୋର୍ଟ ଘେରାଉ କରି ମାତ୍ର ଏକ ଘଣ୍ଟା ମଧ୍ୟରେ ପ୍ରଧାନ ବିଚାରପତିଙ୍କ ସମେତ ଅନ୍ୟ ବିଚାରପତି ମଣ୍ଡଳୀଙ୍କ ଇସ୍ତଫା ଦାବି କରିଥିଲେ। ଯଦି ସେମାନେ ଇସ୍ତଫା ନ ଦିଅନ୍ତି ତେବେ ସମସ୍ତ ବିଚାରପତିଙ୍କ ସମେତ ପ୍ରଧାନ ବିଚାରପତିଙ୍କ ବାସଭବନ ଉପରେ ଆକ୍ରମଣ କରାଯିବ, ଦେଶରେ ପୁଣିଥରେ ବ୍ୟାପକ ହିଂସକ ପରିସ୍ଥିତି ସୃଷ୍ଟି ହେବ ବୋଲି ଛାତ୍ର ସଂଗଠନ ଚେତାବନୀ ଦେଇଥିଲେ। ତେବେ ଛାତ୍ର ସଂଗଠନ ପକ୍ଷରୁ ଏପ୍ରକାର ଅଲ୍ଟିମେଟମ୍ ମିଳିବା ପରେ ପରେ ଓବୈଦୁଲ ହସନ, ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ସେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ନିମ୍ନ ଅଦାଲତର ଅନ୍ୟ ବିଚାରପତିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତିଙ୍କୁ ଓବୈଦୁଲ ହସନ୍‌ଙ୍କ ଇସ୍ତଫା ପତ୍ର ମିଳିସାରିଥିବା ଜାଣିବାକୁ ମିଳିଛି। ▶▶ ୭

### ୧୨ରୁ ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ

# ସରିଲା ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

**ଭୁବନେଶ୍ୱର,୧୦।୮/ଏନ୍‌ଏନ୍‌ଏସ୍:**

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ୧୨ତାରିଖରୁ ଆରମ୍ଭ ହେବ। ସାମ୍ସ ପୋର୍ଟାଲରେ ୧୨ତାରିଖ ଅପରାହ୍ନ ୪ଟାରେ କମନ ଆପ୍ଲିକେସନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ନାମଲେଖା ଆବେଦନ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ୨୯ତାରିଖ ରାତି ୧୧ଟା ୪୫ ଭିତରେ ଆବେଦନ କରିପାରିବେ। ସେପ୍ଟେମ୍ବର ୨ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରଛାତ୍ରୀମାନେ ୩ତାରିଖ ସକାଳ ୧୦ଟାରୁ ୬ତାରିଖ ସନ୍ଧ୍ୟା ୫ଟା ଭିତରେ ନାମଲେଖାଇବେ। ୧୦ତାରିଖ ଅପରାହ୍ନ ୨ଟାରେ ୱେଟିଂ ଥିବା ଛାତ୍ରଛାତ୍ରୀଙ୍କର ମେଧା ତାଲିକା ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ତାଙ୍କ ନୋଟିସ ବୋର୍ଡ/ୱେବ୍‌ସାଇଟରେ ପ୍ରକାଶ କରିବେ। ସେହି ଛାତ୍ରଛାତ୍ରୀମାନେ ୧୧ ରୁ ୧୨ତାରିଖ ସନ୍ଧ୍ୟା ୫ଟା ଭିତରେ ନାମଲେଖାଇବେ। ଏହାପରେ ଯଦି ସିଟ୍ ବଳକା ପଡ଼େ ତେବେ ଶିକ୍ଷାନୁଷ୍ଠାନଗୁଡ଼ିକ ୱେଟିଂ ଥିବା ଛାତ୍ରଛାତ୍ରୀଙ୍କୁ କଲ୍ କିମ୍ବା ହ୍ୱାଟ୍‌ସ ଆପ୍ କରି ନାମଲେଖା ପାଇଁ କହିବେ। ସୂଚନାଯୋଗ୍ୟ, ରାଜ୍ୟର ୧,୦୫୬ଟି ଡିଗ୍ରୀ କଲେଜରେ ଯୁକ୍ତ ୩ ନାମଲେଖା ପାଇଁ ମୋଟ ୨,୭୪,୧୫୧ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୧,୭୭,୬୭୩ଜଣ ନାମଲେଖାଇଥିବା ବେଳେ ଆଉ ୯୬,୪୭୮ଟି ସିଟ୍ ଖାଲି ପଡ଼ିଛି।

ଅନ୍ୟପକ୍ଷରେ ୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ୨୦ତାରିଖ ପୂର୍ବାହ୍ନ ୧୧ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରଛାତ୍ରୀ ୨୨ରୁ ୨୮ଭିତରେ ନାମଲେଖାଇବେ। ତେବେ ସାମ୍ସ ପୋର୍ଟାଲର ତଥ୍ୟ ଅନୁସାରେ, ରାଜ୍ୟରେ ଥିବା ୨,୩୪୧ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ନାମଲେଖା ପାଇଁ ମୋଟ ୫,୪୭,୯୯୩ଟି ସିଟ୍ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସୁଦ୍ଧା ୩,୮୨,୧୬୧ଜଣ ଛାତ୍ରଛାତ୍ରୀ ନାମଲେଖାଇଥିବା ବେଳେ ଆହୁରି ୧,୬୫,୮୩୨ଟି ସିଟ୍ ରହିଛି। ଏଥିମଧ୍ୟରେ କଳାରେ ପ୍ରାୟ ୬୨ହଜାର, ବିଜ୍ଞାନରେ ୭୨ହଜାର, ବାଣିଜ୍ୟରେ ୧୯ହଜାର, ସଂସ୍କୃତରେ ୬ହଜାର ଏବଂ ଧନ୍ଦାମୂଳକରେ ପ୍ରାୟ ୬ହଜାର ସିଟ୍ ଏବେ ବି ଖାଲି ପଡ଼ିଛି। ▶▶ ୭

**ବିଏଡ୍, ବିଏଚ୍‌ଏଡ୍, ଏମ୍‌ଏଡ୍ ନାମଲେଖା ପାଇଁ ୧୨ରେ ମେଧା ତାଲିକା**

### ରାଜ୍ୟକୁ ଆସିଲା ୩୦୦ ଟ୍ରକ ଆଳୁ, ୟୁନିଟ ୧ ମାର୍କେଟରେ ଯୋଗାଣ ବିଭାଗର ଚଢ଼ଉ

# ବିକ୍ରି ହେଲା ୧୦୦ ଟଙ୍କାରେ ୩କେଜି ଆଳୁ

**ଭୁବନେଶ୍ୱର,୧୦।୮/ଏନ୍‌ଏନ୍‌ଏସ୍:**



ପଶ୍ଚିମ ବଙ୍ଗ ସରକାରଙ୍କ ଅସହଯୋଗ ମନୋଭାବ ଯୋଗୁ ରାଜ୍ୟରେ ଆଳୁ ସଙ୍କଟ ଦେଖା ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଏହି ସମସ୍ୟାର ସମାଧାନ ହେବାକୁ ଯାଉଛି। ଶନିବାର ରାଜ୍ୟର ବିଭିନ୍ନ ଗୋଦାମକୁ ୩୦୦ ଟ୍ରକ ଆଳୁ ଆସିଥିବା ଜଣାପଡିଛି। ସେଥିରୁ ପଶ୍ଚିମବଙ୍ଗରୁ ଝାଡ଼ଖଣ୍ଡ ଦେଇ ୨୭୦ ଆଳୁ ଗାଡ଼ି ଆସିଥିବା ବେଳେ ଉତ୍ତରପ୍ରଦେଶରୁ ୩୦ ଟ୍ରକ୍ ଆସିଛି। ଫଳରେ ରାଜ୍ୟରେ ଆଳୁ ଦର ୪୦ ଟଙ୍କା ତଳକୁ ଖସିଛି। ପାଇକାରୀ ବ୍ୟବସାୟୀଙ୍କ କହିବା କଥା, ଏବେ ମଧ୍ୟ ରାଜ୍ୟ ସୀମାରେ ପଶ୍ଚିମବଙ୍ଗ ପୁଲିସ ଆଳୁ ଗାଡ଼ିକୁ ଓଡ଼ିଶାକୁ ପଶିବାକୁ ଅନୁମତି ଦେଉନି। ଏଣୁ ବାଧ୍ୟହୋଇ ପାଇକାରୀ ବ୍ୟବସାୟୀ ଅଧିକ ଗାଡ଼ି ଭଡ଼ା ଦେଇ ଝାଡ଼ଖଣ୍ଡ ରାସ୍ତାରେ ରାଜ୍ୟକୁ ଆଳୁ ବୋଝେଇ ଟ୍ରକ୍ ଆଣୁଛନ୍ତି। ରାଜ୍ୟକୁ ଏକକାଳୀନ ଏତେ ସଂଖ୍ୟକ ଆଳୁ ଗାଡ଼ି ଆସିଥିବାରୁ ପାଇକାରୀ ବଜାରରେ ଦର ଏବେ କିଲୋ ପିଛା ୩୦ ଟଙ୍କା ରହିଛି। ଯଦିଓ ପାଇକାରୀ ଦର କିଲୋ ପିଛା ୫ ଟଙ୍କା ପର୍ଯ୍ୟନ୍ତ ଖସିଛି, ଆଳୁର ଖୁଚୁରା ଦର କିନ୍ତୁ ଖସୁନି। ଏବେ ମଧ୍ୟ ଖୁଚୁରା ବଜାରରେ କେଉଁଠି କେଉଁଠି ଆଳୁ କିଲୋ ୪୦ ଟଙ୍କା ଉପରେ ବିକ୍ରି ହେଉଛି। ଏହାକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱର ଏକ ନମ୍ବର ହାଟରେ ଚଢ଼ଉ କରାଯାଇ କିଲୋ ପିଛା ୩୫ରୁ ୩୮ ଟଙ୍କାରେ ବିକିବାକୁ ତାଗିଦ କରାଯାଇଛି। ଅନ୍ୟପଟେ ଯୋଗାଣ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ଆଳୁ କିଣାଯାଇ ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ବିକ୍ରି ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଥିବା ୯୯ଟି ଖୁଚୁରା ବିକ୍ରୟ କେନ୍ଦ୍ର ଜରିଆରେ ଖାଉଟିଙ୍କୁ ଶସ୍ତାରେ ଆଳୁ ଯୋଗାଣ ଆରମ୍ଭ ହୋଇଛି। ଏସବୁ ଖୁଚୁରା ବିକ୍ରୟ କେନ୍ଦ୍ରରେ ୧୦୦ ଟଙ୍କାରେ ୩ କିଲୋ ଆଳୁ ଦିଆଯାଉଛି। ଯେ ପର୍ଯ୍ୟନ୍ତ ବଜାର ଦରରେ ସ୍ଥିରତା ନ ଆସିଛି, ସେ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଶସ୍ତାରେ ଆଳୁ ଯୋଗାଣ ଜାରି ରହିବ ବୋଲି କୁହାଯାଇଛି। ଅଧିକ ଦରରେ ଆଳୁ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ତାଗିଦ କରିବା ସହ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଗାଣ ବିଭାଗ ଅଧିକାରୀ ଚେତାବନୀ ମଧ୍ୟ ଦେଇଛନ୍ତି। କିନ୍ତୁ ସାଧାରଣ ଗ୍ରାହକଙ୍କ ଅଭିଯୋଗ ଚଢ଼ଉ ସମୟରେ ଆଳୁ ରେଟ କମୁଛି , ଅଧିକାରୀ ମାନେ ଯିବା ପରେ ଆଳୁ ରେଟ ବଢୁଛି।

ସମସ୍ୟାର ସମାଧାନ ଲାଗି ଆଳୁର ବଜାର ଦର ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ଆଣ୍ଠା ଭିଡିଛନ୍ତି। ପରିବାର ପିଛା ୩ କିଲୋ ଆଳୁ ୧୦୦ ଟଙ୍କା ଦେଇ କିଣିପାରିବେ ଶୁଣିବା ପରେ ଲୋକେ ଭିଡ ଲଗାଇଛନ୍ତି। ଏଥିପାଇଁ ରାସନ କାର୍ଡ଼ ଦେଖାଇବାକୁ ପଡୁନଥିବାରୁ ଭିଡ ବଢ଼ି ଯାଇଛି। ଅନ୍ୟପଟେ ଆଳୁ ଦର ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଥିବା କହିଛି ବ୍ୟବସାୟୀ ସଂଘ। କିନ୍ତୁ ବଜାରରେ ଦର ନିୟନ୍ତ୍ରଣ ପାଇଁ ସମୟ ଲାଗିବ। ଆଜି ଆଇଗିଣିଆ ଆଳୁ ଗଦିରେ ୨୩ ରୁ ୨୪ ଗାଡ଼ିରେ ଆଳୁ ଆସିଛି। ▶▶ ୭

## ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିର୍ବାପନ ସମ୍ପର୍କିତ ତାଲିମ



**ବୁଗୁଡା,୧୦।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ବୁଗୁଡା ବ୍ଲକ ଅଧିନସ୍ତ ବି.କରଡାବାଡି ଗ୍ରାମର ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କୁ ଅଗ୍ନି ଅଘଟଣକୁ ପ୍ରଶମିତ କରିବା ନିମନ୍ତେ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଅବସରରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଅଗ୍ନି ନିର୍ବାପକ ଯନ୍ତ୍ରର ବିନିଯୋଗ ପ୍ରକ୍ରିୟା ସାଙ୍ଗକୁ ଅଗ୍ନି ନିର୍ବାପନର ପଦ୍ଧତି ପ୍ରଦର୍ଶନ କରିଥିଲେ । ଏଥି ସହ ଛାତ୍ରଛାତ୍ରୀମାନେ ମଧ୍ୟ ନିଜେ ନିଜେ ତାଲିମ ପ୍ରାପ୍ତ ପଦ୍ଧତିର ପ୍ରୟୋଗ କରି ଅଗ୍ନି ନିର୍ବାପନ କରିଥିଲେ । କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଉପଭୋଗ କରିବା ସହ ଅଗ୍ନି ନିର୍ବାପନର ଜ୍ଞାନ ଆହରଣ କରିଥିଲେ ।

# ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ

**ଆସିକା,୧୦।୮/ଏନ୍‌ଏନ୍‌ଏସ୍:** ଆସିକା ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଫାଇଲେରିଆ ନିରାକରଣ ଅଭିଯାନ ଶନିବାର ଠାରୁ ଆରମ୍ଭ ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ପରାମର୍ଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସିକା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲଗୋପାଳ ବେହେରାଙ୍କ ଅଧକ୍ଷତାରେ ମେଡିକାଲ୍ ପରିସରରେ ଅନୁଷ୍ଠିତ ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କିତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢୀ ଉଦ୍‌ଘାଟନ କରିଥିଲେ। ଜନସାଧାରଣଙ୍କୁ ଅତ୍ୟାଧୁନିକ ପ୍ରଣାଳୀରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ



ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ। ଫାଇଲେରିଆ ନିରାକରଣ ଅଭିଯାନ ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ କହିଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରା ଫାଇଲେରିଆ ରୋଗର କାରଣ ଓ ନିରାକରଣ ସମ୍ପର୍କରେ କହିଥିଲେ। ମଶା କାମୁଡିବା ଦ୍ୱାରା ଫାଇଲେରିଆ ଜୀବାଣୁ ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରିଥାଏ ବୋଲି କହିଥିଲେ। ଫାଇଲେରିଆ ରୋଗୀଙ୍କୁ ଜ୍ୱର ଆସିବା, ଦେହ ହାତ ଘୋଳାବିନ୍ଧା ହେବା, ଚର୍ମରେ ଲାଲ୍ ଦାଗ ପଡିବା, ଗିଲ୍‌ଟିଫୁଲି ଦରଜ ହେବା ଓ ରକ୍ତ ପଡିବା ଏବଂ ପର୍ଯ୍ୟାୟକ୍ରମେ ଗୋଡ ଫୁଲିବା, ହାତ ଫୁଲିବା, ସ୍ତନ ଫୁଲିବା, ଅଣ୍ଡକୋଶ ଫୁଲିବା ଓ ଗୋଦର ଗୋଡ ଭଳି ଲକ୍ଷ୍ୟଣ ଦେଖାଦେଇଥାଏ । ପ୍ରଥମ ଅବସ୍ଥାରୁ ହିଁ ଏହାର ଉପଚାର ପାଇଁ ଯତ୍ନବାନ ହେବାକୁ ପଡିବ ବୋଲି କହିଥିଲେ। ଆସିକା ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଆସିକା ମେଡିକାଲର ଡାକ୍ତର ପି.ଶ୍ୟାମସୁନ୍ଦର, ସୌମ୍ୟଶ୍ରୀ ସାହୁ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ କେଦାର ପାତ୍ର, ଶ୍ରାବଣୀ ନାହାକ, ରଂଜନ ସ୍ୱାଇଁ, ସୁନିଲ୍ ଘଡେଇ, ସରସ୍ୱତୀ ରାଓ, ବିଷ୍ଣୁପ୍ରିୟା ବିଷୋୟୀ, ବିଶ୍ୱଜିତ୍ ସାମନ୍ତରାୟ, ଅମିତ୍ କୁମାର ଦାଶ, ଅଜିତ୍ ପ୍ରଧାନ, ଦୀନବନ୍ଧୁ ଦାଶ, ସୁଚିତ୍ରା ଶତପଥୀ, ହୃଷିକେଶ ଦାଶଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ, ସଚେତନ ନାଗରିକ, ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ନକଲି ନିଯୁକ୍ତିପତ୍ର ଦେଇ ଠକେଇ ଅଭିଯୋଗ, ୩ ଗିରଫ

**ବୁଗୁଡ଼ା,୧୦।୮/ଏନ୍‌ଏନ୍‌ଏସ୍:** କୋର୍ଟରେ ଜୁନିୟର୍ ଟାଇପିଷ୍ଟ ପଦ ପାଇଁ ନକଲି ନିଯୁକ୍ତି ପତ୍ର ଦେଇ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଠକାମୀର ଶିକାର ହୋଇଥିବା ଯୁବକ ସମେତ ୩ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଯୁବକମାନେ ହେଲେ ବୁଗୁଡ଼ା ନିକଟସ୍ଥ ଷୋହଳମାଇଲିର ପ୍ରଭାତ କୁମାର ପାତ୍ର ଓ ଭଞ୍ଜନଗର ଲଣ୍ଡେଇ ସାହିର ରମେଶ ପାତ୍ର ଏବଂ ଭଞ୍ଜନଗର କରିମ ହୋଟେଲ ଗଳିରେ ରହୁଥିବା ଜନ୍ମେଜୟ ପାଣିଗ୍ରାହୀ ଓରଫ ଟୁଲୁ ବୋଲି ଜଣାପଡିଛି । ବୁଗୁଡ଼ାର ପ୍ରଭାତ କୁମାର ପାତ୍ର ବି.ଟେକ ପଢା ସାରି ଚାକିରୀ ଅନ୍ୱେଷଣରେ ଥିବା ବେଳେ ସେ ଗତ ବର୍ଷ ଜୁଲାଇ ମାସରେ ସମ୍ପର୍କୀୟ ରମେଶ ପାତ୍ରଙ୍କ ଜରିଆରେ ଟୁଲୁ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିଥିଲେ । ଟୁଲୁ ଚାକିରୀ କରାଇଦେବ କହି ୬ ଲକ୍ଷ ଟଙ୍କାର ଡିଲ କରିଥିଲା । ଚାକିରୀ ଆଶାରେ ପ୍ରଭାତ ଟୁଲୁଙ୍କୁ ୨ ଲକ୍ଷ ଟଙ୍କା ଅଗ୍ରିମ ଦେଇ ବାକି ଟଙ୍କା ଚାକିରୀ ହେବା ପରେ ଦେବେ ବୋଲି କଥା ଛିଣ୍ଡିଥିଲା । ଗତ ଜୁଲାଇ ୯ ତାରିଖରେ ବୁଗୁଡ଼ା ଅଦାଲତରେ ଟାଇପିଷ୍ଟ ପଦବୀରେ ଚାକିରୀ ପାଇଥିବା ଏବଂ ଚଳିତ ଅଗଷ୍ଟ ୭ ତାରିଖରେ ବୁଗୁଡ଼ା ଅଦାଲତରେ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ କରି ଚାକିରୀରେ ଯୋଗ ଦେବାକୁ ରେଜିଷ୍ଟ୍ରି ପୋଷ୍ଟରେ ନିଯୁକ୍ତି ପତ୍ର ପାଇବା ପରେ ଆଉ ୨ ଲକ୍ଷ ୭୧ ହଜାର ଟଙ୍କା ଟୁଲୁଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଭାତ ପଠାଇବା ସହ ଖୁସିରେ ପୂଜାପାଠ କରି ସାହି ପଡୋଶୀଙ୍କୁ ମିଠା ବାଣ୍ଟିଥିଲେ। ଗତ ୭ ତାରିଖରେ ନିଯୁକ୍ତି ପତ୍ରକୁ ଧରି ପ୍ରଭାତ ବୁଗୁଡ଼ା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟରେ ପହଞ୍ଚିଥିଲେ । ଯାଞ୍ଚ ବେଳେ କୋର୍ଟର କର୍ମଚାରୀମାନେ ନିଯୁକ୍ତି ପତ୍ରକୁ ନକଲି ବୋଲି ଦର୍ଶାଇଥିଲେ । ବୁଗୁଡ଼ା ଜେଏମଏଫସି ମାଜିଷ୍ଟ୍ରେଟ ଏହି ଲେଟର ଦେଖିବା ପରେ ଏହା ନକଲି ହୋଇଥିବା ଜାଣି ବୁଗୁଡ଼ା ଥାନାକୁ ଖବର ଦେଇଥିଲେ । ବୁଗୁଡ଼ା ଥାନା ଅଧିକାରୀ ପ୍ରଭାତ ରଞ୍ଜନ ମହାନ୍ତି ତୁରନ୍ତ ପ୍ରଭାତଙ୍କୁ ଧରି ବୁଗୁଡ଼ା ଥାନାକୁ ଆଣି ଏ ନେଇ କେସ୍ ନଂ ୩୯୮/୨୪ ରେ ଏକ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଥିଲା । ଏହା ପଛରେ ଏକ ଗ୍ୟାଙ୍ଗର ହାତ ଥିବା ଜାଣିବାକୁ ପାଇଥିଲେ । ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ ଭଞ୍ଜନଗର ଯାଇ ରମେଶ ଓ ଟୁଲୁ ପାଣିଗ୍ରାହୀଙ୍କୁ ଗିରଫ କରିଥିଲେ । ଏଥି ସହ ଟୁଲୁଙ୍କ ଘରେ ଖାନତଲାସ କରି ବିଭିନ୍ନ ଚାକିରୀ ପାଇଁ ରଖାଯାଇଥିବା ଅନ୍‌ଲାଇନ ଆବେଦନ ଫର୍ମ ଏବଂ ନଗଦ ୬୫ ହଜାର ଟଙ୍କା ଜବତ କରିବା ସହ ଟୁଲୁଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୨ ଲକ୍ଷ ୩୦ ହଜାର ଟଙ୍କା ଜବତ ହୋଇଥିବା ଜଣାପଡିଛି । ଏହି ରାକେଟରେ ଥିବା ଆଉ ଜଣେ ଆସାମୀକୁ ମଧ୍ୟ ପୁଲିସ ଖୋଜୁଥିବା ଜଣାପଡିଛି।

## ବନ୍ୟପ୍ରାଣୀ ସପ୍ତାହ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା

**ପୋଲସରା,୧୦।୮/ଏନ୍‌ଏନ୍‌ଏସ୍:** ପୋଲସରା ଏନ୍‌ଏସିର ରାଣୀପଡ଼ା ସ୍ଥିତ କଲ୍ୟାଣ ମଣ୍ଡପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ପୋଲସରା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଏନ୍‌ଏସିର ୮ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଏଥିରେ ଜୁନିଅର ବିଭାଗରେ ୧୫ ଓ ସିନିୟର ବିଭାଗରେ ୧୪ ଏହିପରି ମୋଟ ୨୯ଜଣ ଅଂଶ ଗ୍ରହଣ କରିଥିଲେ । ପୋଲସରା ବନାଞ୍ଚଳ ଅଧିକାରୀ ଅନିଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟରୁ




ଆସିଥିବା ଛାତ୍ର ଛାତ୍ରୀମାନେ ବନ୍ୟପ୍ରାଣୀ ସୁରକ୍ଷା ସାଙ୍ଗକୁ ଜଙ୍ଗଲ ସୁରକ୍ଷାକୁ ନେଇ ଚିତ୍ରାଙ୍କନ କରିଥିଲେ । ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ପୋଲସରା ବନବିଭାଗର ବନପାଳ ସରସ୍ୱତୀ ନାୟକ, ମୁନା ଦାସ, କାର୍ତ୍ତିକ ସାହୁଙ୍କ ସମେତ ଫରେଷ୍ଟ ଗାର୍ଡ ସମୂହ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଧାୟକଙ୍କ ଦ୍ୱାରା ଚଢେୟାପଲ୍ଲୀରେ ବୃକ୍ଷରୋପଣ



**ପୁରୁଷୋତ୍ତମପୁର,୧୦।୮/ଏନ୍‌ଏନ୍‌ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଆଛୁଲି ପଞ୍ଚାୟତର ଚଢେୟାପଲ୍ଲୀ ଗ୍ରାମରେ ବିଜେପି ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡାଙ୍କ ସଂଯୋଜନାରେ ଚଢ଼େୟାପଲ୍ଲୀ ଶିବ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗ ଦେଇଥିବା ବେଳେ ଦଳୀୟ ନେତା ଓ କର୍ମୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ସେଠୀ ମନ୍ଦିର ପରିସରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ କରିବା ସହ ଅନ୍ୟମାନେ ମଧ୍ୟ ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଅସ୍ୱାସ୍ଥ୍ୟକର ପରିବେଶକୁ ସନ୍ତୁଳିତ କରିବା ପାଇଁ ସମସ୍ତେ ଗଛ ଲଗାଇବା ସହ ତାର ସୁରକ୍ଷା ପାଇଁ ଧ୍ୟାନ ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ପରେ ବିଧାୟକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଯାଇ ପରିଦର୍ଶନ କରିଥିଲେ। ସେଠାରେ ପିଲାଙ୍କ ପାଠ ପଢା ସମ୍ପର୍କରେ ପଚାରି ବୁଝିବା ସହ ଛାତ୍ରଛାତ୍ରୀଙ୍କ ସ୍ମାର୍ଟ କ୍ଲାସ ବୁଲି ଦେଖିଥିଲେ। ଛାତ୍ରଛାତ୍ରୀଙ୍କୁ କିଛି ପ୍ରଶ୍ନ ପଚାରି ତାଙ୍କ ଠାରୁ ଉତ୍ତର ପାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଛୁଲି ସରପଞ୍ଚ ସୁଧାକର ଗୌଡ, ବିଜେପି ଆଛୁଲି ମଣ୍ଡଳ ସଭାପତି ମାନସ ରଞ୍ଜନ ଗୌଡଙ୍କ ସମେତ ବହୁ ନେତା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲିବାକୁ ଦାବି

**ବାଲିଗୁଡା,୧୦।୮/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତର ବିଲାବାଡିଠାରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ଦୀର୍ଘ ବର୍ଷ ହେବ ବନ୍ଦ ରହିଛି । ଗ୍ରାମବାସୀ ଅଭିଯୋଗ ମୁତାବକ ବିଲାବାଡି ଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ବନ୍ଦ ରହିଥିବାରୁ ଅଞ୍ଚଳବାସୀ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି । ଅନ୍ୟପଟେ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ବର୍ଷ ବର୍ଷ ଧରି ଚିକିତ୍ସାଳୟ ବନ୍ଦ ଥିଲେ ମଧ୍ୟ ବିଭାଗ ଚୁପ ରହିଛି । ଯାହାକୁ ନେଇ ବିଲାବାଡି ଗ୍ରାମର




ଶତାଧିକ ମହିଳା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ଉପସ୍ଥିତ ରହି ବନ୍ଦ ଥିବା ଚିକିତ୍ସାଳୟକୁ ତୁରନ୍ତ ଖୋଲିବା ନିମନ୍ତେ ସରକାରଙ୍କୁ ଦାବି କରିଛନ୍ତି ।

## ପିକଅପ୍ ଭ୍ୟାନ ସହ ଗଞ୍ଜେଇ ଜବତ: ୨ ଗିରଫ

**ବାଲିଗୁଡା,୧୦।୮/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ପୋଲିସ ଦାରିଙ୍ଗବାଡିର ବଇନ ଶଙ୍ଖ ନିକଟରେ ବ୍ଲକିଂ କରି ଯାଞ୍ଚ କରୁଥିଲାବେଳେ ସେଠାରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା । ଏକ ମାଲବାହୀ ମାକ୍ସ ପିକଅପ ଗାଡିକୁ ଅଟକାଇବା ସହ ୨ ଯୁବକଙ୍କୁ କାବୁ କରିଛି । ସୂଚନା ଅନୁଯାୟୀ, ଗୋଟିଏ ମ୍ୟାକ୍ସ ପିକଅପ ମାଲ ବୁହା ଗାଡ଼ି ନଂ. ଓଡ଼ି-୦୪-ଏଲ-୩୦୮୯ ରେ ତିଲୋରୀ ଅଞ୍ଚଳରୁ ୧ କୁଇଣ୍ଟାଲ ଗଞ୍ଜେଇ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା । ଏଥିରେ ସମ୍ପୃକ୍ତି ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଦାରିଙ୍ଗବାଡି ବ୍ଲକ ତିଲୋରୀ ପଞ୍ଚାୟତ ଜଗେରମାହା ଗ୍ରାମର ଏଲିଆସ ଦିଗାଲ ଏବଂ ଉକ୍ତ ଅଞ୍ଚଳର ସନୋଜ ପ୍ରଧାନ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଦିନ ଦିପ୍ରହରରେ ପୋଲିସକୁ ଚକମା ଦେଇ ଗଂଜେଇ ଚୋରା ଚାଲାଣ କରୁଥିବା ଯୁବକଙ୍କୁ ଏବେ ମହଙ୍ଗା ପଡିଛି । ଅନ୍ୟଅଟେ ଏହି ଗଞ୍ଜେଇ କାରବାରରେ ଆଉ କେଉଁ କେଉଁ ମାନଙ୍କର ସମ୍ପୃକ୍ତି ରହିଛି, ମାଲବୁହା ଗାଡିଟି କାହାର, ସେ ନେଇ ପୋଲିସ ଟିକିନିଖି ତଦନ୍ତ ଆରମ୍ଭ କରିଛି।

## ଆସିକାର ପୂର୍ବତନ ଏନ୍‌ଏସି ନଗରପାଳିକାଙ୍କ ପରଲୋକ

**ଆସିକା,୧୦।୮/ଏନ୍‌ଏନ୍‌ଏସ୍:** ଆସିକା ସେବା ସମବାୟ ସମିତିର ନିର୍ଦ୍ଦେଶିକା ତଥା ଏନ୍‌ଏସିର ପୂର୍ବତନ ନଗରପାଳିକା ସ୍ୱରୂପାରାଣୀ ରାଉତ (୫୬)ଙ୍କ ଆଜି ଦେହାନ୍ତ ଘଟିଛି। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଥିଲା। ସ୍ୱର୍ଗତ ଶ୍ରୀମତୀ ରାଉତ ଦୀର୍ଘ ଦିନ ଧରି ଆସିକା ଏନ୍‌ଏସିର ଉପନଗରପାଳିକା ଓ କିଛି ଦିନ ନଗରପାଳିକା ରୂପେ ଅବସ୍ଥାପିତ ରହି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ।



ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ନଚିକେତା ସ୍ୱାଇଁ, ଭଗବାନ ସାହୁ, ସୂର୍ଯ୍ୟକାନ୍ତ ପରିଡା, ଭବାନୀ ଶଙ୍କର ମଲିକ, ହରେକୃଷ୍ଣ ମଲିକ, ଅନିଲ୍ କୁମାର ନାୟକ, ରାଜେଶ୍ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟା ଅନିମା ପରିଡା ଓ ବି.ମନୋଜ କୁମାର ଦୋରା, ଆସିକା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ବିଜେଡି ନେତା ଶିବ ନାହାକ, ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃର ସଭାପତି କାର୍ତ୍ତିକେଶ୍ୱର ପରିଡା, ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଜୋନ୍ ୩ର ସଂପାଦକ ସନ୍ତୋଷ କୁମାର ପୋଲାଇ, ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ନାୟକ, ଏମ୍.ତାରିଣୀ ସେନାପତି, ପ୍ରସନ୍ନ କୁମାର ତ୍ରିପାଠୀ, ପ୍ରମୋଦ କୁମାର ତ୍ରିପାଠୀଙ୍କ ସମେତ ଅଞ୍ଚଳବାସୀ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ତାଙ୍କ ପାର୍ଥୀବ ଶରୀର ଆସିକା ବାଣିବିହାର ୨ୟ ଲାଇନ୍ ସ୍ଥିତ ନିଜ ବାସଭବନରେ ପହଞ୍ଚିବା ପରେ ବହୁ ସଚେତନ ନାଗରିକ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ତଥା ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃର ନିର୍ଦ୍ଦେଶକ ଇଂ. ସଚ୍ଚିଦାନନ୍ଦ ରାଉତ, ପୁତ୍ର ବିକ୍ରମାନନ୍ଦ ରାଉତ ଓ ନିଗମାନନ୍ଦ ରାଉତଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଆସିକା ଏନ୍‌ଏସିର ପ୍ରାକ୍ତନ ନଗରପାଳିକା ସ୍ୱରୂପାରାଣୀ ରାଉତ ଜଣେ ଧର୍ମପ୍ରାଣ, ପରୋପକାରୀ, ମେଳାପୀ ଓ ବନ୍ଧୁବତ୍ସଳ ମହିଳା ରୂପେ ପରିଚିତ ଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ଉଦ୍‌ଘାଟିତ

**କନ୍ଧମାଳ,୧୦।୮/ଏନ୍‌ଏନ୍‌ଏସ୍:** ତୁଡିପାଜୁ ଜବାହାର ନବୋଦୟ ବିଦ୍ୟାଳୟ ସଭାଗୃହ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡାଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ଉଦଘାଟିତ ହୋଇଯାଇଛି । ଉକ୍ତ ସମାରୋହରେ ଜିଲ୍ଲା ଅତିରକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ପ୍ରସନ୍ନ କୁମାର ତ୍ରିପାଠୀ, ଅଧକ୍ଷା ଶ୍ରୀମତୀ ନମୀତାରାଣୀ ପଣ୍ଡା, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ, ଉପ ଅଧୀକ୍ଷକ ଯତୀନ୍ଦ୍ର କୁମାର ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶ୍ରୀମତୀ ଜ୍ୟୋସ୍ନାରାଣୀ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମିଶନ ପରିଚାଳକ ଶିବରଞ୍ଜନ ଦାଶ, ଜୟକୃଷ୍ଣ ସାହୁ, ଅଶୋକ କୁମାର ସାହୁ , ହିମାଂଶୁ ପ୍ରଧାନ ଏବଂ ୫୦୦ରୁ ଅଧିକ ୧୧ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଅତିଥିମାନେ କୃମିନାଶକ ଔଷଧ ସେବନର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ଉକ୍ତ ଔଷଧ ସେବନ କରିବା ଦ୍ୱାରା ପିଲାମାନଙ୍କର ରକ୍ତହୀନତା, ପୁଷ୍ଟିହୀନତା ଆଦି ରୋଗର ନିରାକରଣ କରାଯାଇପାରିବ ଏବଂ ଘରେ ଶିଶୁ ମାନଙ୍କର ପରିଷ୍କାର ପରିଚ୍ଛନ୍ନତା ରଖିବା ସହ ଚପଲ ବ୍ୟବହାର କରିବା, ପାଇଖାନା ବ୍ୟବହାର କରିବା, ନିୟମିତ ଖାଦ୍ୟ ଖାଇବା ପୂର୍ବରୁ ହାତ ଧୋଇବା, ନଖ କାଟିବା, ବାରମ୍ବାର ଆଙ୍ଗୁଠି ପାଟିରେ ନ ପୁରାଇବା, ଫଳକୁ ଧୋଇ କରି ଖାଇବାକୁ ଉତ୍ସାହିତ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ୧୦ ଅଗଷ୍ଟ ଦିନ କରାଯିବ। ଯେଉଁମରାନେ ସେବନ ନ କରିପାରି ରହିଥିବେ ତେବେ ୧୭ ଅଗଷ୍ଟ ୨୦୨୪ ଦିନ ଔଷଧ ସେବନ କରିବେ । ଏହି କାର୍ଯ୍ୟକ୍ରମ ପ୍ରତ୍ୟକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ପରିଚାଳିତ ହେବ । ତତସହିତ ୬ ରୁ ୯ ମାସ ପର୍ଯ୍ୟନ୍ତ ପ୍ରତ୍ୟକ ପିଲାଙ୍କୁ ଗୋଟିଏ ଡୋଜ ଭିଟାମିନ ଏ ଦ୍ରବଣ ଅଗଷ୍ଟ ମାସ ଶେଷ ସୁଦ୍ଧା ନିର୍ଦ୍ଧାରିତ ଟିକାକରଣ କେନ୍ଦ୍ରରେ ପ୍ରଦାନ କରାଯିବ । ଆମ ଜିଲ୍ଲାରେ ସର୍ବ ମୋଟ ୨,୧୮,୫୯୮ ଜଣ (୧-୧୯ ବର୍ଷର) ପିଲା ଓ ୨୦-୨୪ ବର୍ଷ ମଧ୍ୟରେ ୩୨,୩୧୩ ଜଣ ଗର୍ଭଧାରଣ କରି ନଥିବା ଏବଂ ସ୍ତନ୍ୟପାନ କରାଉନଥିବା ମହିଳାମାନଙ୍କୁ ଟାବଲେଟ ଓ ଦ୍ରବଣ ପ୍ରଦାନ କରିବା ପାଇଁ ନିର୍ଦ୍ଧାରିତ କରାଯାଇଛି । ଗୁମାଗଡ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡାକ୍ତର କଳ୍ପନା ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।




## ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ



**ବାଲିଗୁଡା,୧୦।୮/ଏନ୍‌ଏନ୍‌ଏସ୍:** ବାଲିଗୁଡା ପୋଲିସ ଦ୍ୱାରା ବ୍ରାଉନସୁଗର ଜବତ ସହ ଜଣେ ଗିରଫ ହୋଇଛି । ସୂଚନା ପ୍ରକାରେ ଗତକାଲି ରାତିରେ ଏସଆଇ ସଂଜୟ ସ୍ୱାଇଁ ପାଟ୍ରୋଲିଂ କରିବା ସମୟରେ ବାଲିଗୁଡାର କଟାରୀ ସାହିରେ ଥିବା କୃଷି ବିଭାଗ କାର୍ଯ୍ୟାଳୟ ପାଖରେ ଯୁବକ ରାଧାଶ୍ୟାମ କାର୍ଜିକୁ ସନ୍ଦେହ କରି ତାକୁ ତଲାସିଥିଲେ। ଏହି ସମୟରେ ତାର ପ୍ୟାଣ୍ଟ ପକେଟରୁ ବ୍ରାଉନସୁଗର ସହ ନଗଦ ଟଙ୍କା ୮୫୩୯୦ ଓ ଗୋଟିଏ ମୋବାଇଲ ବାହାରିଥିଲା ଏହି ସବୁକୁ ଜବତ କରିଥିଲେ। ଏହାପରେ ତାକୁ ଥାନାକୁ ଆଣି ଦେଖିବା ବେଳେ ବ୍ରାଉନସୁଗର ୬.୨୦ଗ୍ରାମ ଥିଲା ଯାହାର ଆନୁମାନିକ ମୁଲ୍ୟ ୬୦ହଜାରଟଙ୍କା ହେବ। ଏହାପରେ ଗିରଫ ଯୁବକଙ୍କୁ କେଶ ନମ୍ବର ୧୭୮/୨୪ରେ ମାମଲାରୁଜୁକର କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ସୁଶାନ୍ତକୁମାର ସାହୁ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ବାଲିଗୁଡା ସହରରେ ଏବେ ଯୁବପିଢି ଏହି ବ୍ରାଉନସୁଗର ନିଶାରେ ପଡିଛନ୍ତି ଓ ବ୍ରାଉନସୁଗର ବେପାରୀମାନେ ଯୁବପିଢ଼ିକୁ ନିଶାନ କରି ବାଲିଗୁଡାରେ କାରବାର ବଢାଇଛନ୍ତି ଏହାକୁ ନେଇ ଅନେକ ଦିନ ହେବ ଥାନାରେ ଅଭିଯୋଗ ହୋଇଆସୁଥିଲା।

## ତାରାତାରିଣୀ କଲେଜରେ ସାମାଜିକ ସେବା କାର୍ଯ୍ୟକ୍ରମ



**ପୁରୁଷୋତ୍ତମପୁର,୧୦।୮/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ଏନଏସି ଅଞ୍ଚଳରେ ଥିବା ତାରାତାରିଣୀ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ସଂସ୍ଥାର ପ୍ରଥମ ଓ ଦ୍ୱିତୀୟ ୟୁନିଟ୍ ଅଗଷ୍ଟ କ୍ରାନ୍ତି ଦିବସ ଓ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଏକ ରାଲି ମହାବିଦ୍ୟାଳୟ ପରିସରରୁ ବାହାରିଥିଲା । ବିଜ୍ଞାପିତ ଅଞ୍ଚଳ ବଜାର ମଧ୍ୟରେ ଥିବା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟ ପରିସରକୁ ସଫା କରାଯିବା ସହ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ଧ୍ୟାରାଣୀ ପାତ୍ର, ପରିଚାଳନା ପରିଷଦର ସଭାପତି ବାସୁଦେବ ମହାପାତ୍ର, ପ୍ରୋଗ୍ରାମ ଅଫିସର ହରପ୍ରିୟା ନାୟକ, କୃଷ୍ଣ ଚନ୍ଦ୍ର ନାୟକ, ଡ. ରମେଶ ଚନ୍ଦ୍ର ସେନାପତି, ଡ. ପ୍ରଦୀପ କୁମାର ସାହୁ, ଏନ୍. ମୋହନ, ସୁଧୀର କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

## ଡାଲା ଅଟୋରୁ ଡେଇଁ ଗୁରୁତର ଯୁବକଙ୍କ ମୃତ୍ୟୁ

**ବୁଗୁଡା,୧୦।୮/ଏନ୍ଏନ୍ଏସ୍:** ଚଳନ୍ତା ଡାଲା ଅଟୋରୁ ଡେଇଁ ଗୁରୁତର ହୋଇ ପଡିଥିବା ଜନୈକ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତକ ଜଣକ ହେଲେ ବୁଗୁଡା ଏନ୍ଏସି ଅନ୍ତର୍ଗତ ହରିଶରଣପୁର ଶାସନର ବିବାହିତ ଯୁବକ ବାବୁ ଗୌଡ । ପ୍ରକାଶ ଯେ, ଆଜି ସକାଳେ ଏଠାକାର ଗୋଲାବଞ୍ଜର ଗାଁ ନିକଟସ୍ଥ ବିଲରେ ଧାନ ତଳି ଘରା ଭାଙ୍ଗି ବାବୁ ଘରକୁ ଫେରିଥିଲା । ଘରୁ କିଛି ଟଙ୍କା ନେଇ ପ୍ରଚୁର ମଦ୍ୟପାନ କରି ପୁଣି ବିଲକୁ ଯାଉଥିବା ବେଳେ ବେତାରସିଂ ପଟକୁ ଯାଉଥିବା ଏକ ଡାଲା ଅଟୋକୁ ଅଟକାଇ ସେଥିରେ ଚଢିଥିଲା । କିଛି ସମୟ ପରେ ଗୋଲାବଞ୍ଜର ଗାଁ ଆସିଯିବାରୁ ସେ ଚଳନ୍ତା ଡାଲା ଅଟୋରୁ ଡେଇଁ ପଡିବାରୁ ମୁଣ୍ଡ ରାସ୍ତାରେ ବାଡାଇ ହୋଇଯାଇଥିଲା । ଫଳରେ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେବା ସହ ଅଚେତ ହୋଇଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ବ୍ରହ୍ମପୁର ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି ।

## ଲଗାଣ ବର୍ଷାରେ ଧସିଲା ବ୍ରିଜ ପାର୍ଶ୍ୱ ରାସ୍ତା

**ବାଲିଗୁଡ଼ା, ୧୦।୮/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା କମିବା ପରେ ଗ୍ରାମାଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । କେତେକ ଅଞ୍ଚଳରେ ରାସ୍ତା ଧୋଇ ହେବା ସହ କିଛି ବ୍ରିଜ ଦବି ଯାଇଛି ଫଳରେ ଗ୍ରାମବାସୀ ଯାତାୟାତ କରିନ ପାରି ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି । ସଲାଗୁଡ଼ା ପଂଚାୟତ ଏବଂ ଜାର୍ଗୀ ଭଟା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜ ପାର୍ଶ୍ୱ ମାଟି ଅତଡ଼ା ଲଗାଣ ବର୍ଷା ପାଣି ଯୋଗୁଁ ଧୋଇ ହୋଇ ଗର୍ତ୍ତ ହୋଇଛି । ଫଳରେ



ଉଭୟ ଗ୍ରାମକୁ ସାତ ଦିନ ହେବ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଜାର୍ଗୀଭଟା ଗ୍ରାମବାସୀ ସଲାଗୁଡା ପଂଚାୟତ ଏବଂ ବାରଖମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇନ ପାରି ଅନେକ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି । ୧୦୮ ଗାଡ଼ି ଏବଂ ବ୍ଲକ ପକ୍ଷରୁ ପରିଚାଳିତ ବସ୍ ଜାର୍ଗୀଭଟା ଗ୍ରାମକୁ ପହଂଚି ପାରୁନ ଥିବା ୱାର୍ଡ଼ ମେମ୍ବର ସଂକୀର୍ତନ ଡିଗାଲ ଅଭିଯୋଗ କରିଛନ୍ତି । ଜାର୍ଗୀଭଟା ଗ୍ରାମର ଛାତ୍ର ଛାତ୍ରୀ ବିଦ୍ୟାଳୟ ଏବଂ କଲେଜ ଯିବା ସମୟ ରେ ହଇରାଣ ହରକତ ହେଉଥିବା ଅଭିଯୋଗ କରିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତା ମରାମତି କରିବା ନିମନ୍ତେ ଗ୍ରାମବାସୀ ଅଶୋକ କହଁର, ରାପୁ ଡିଗାଲ, ସଂକୀର୍ତନ ଡିଗାଲ ପ୍ରମୁଖ ଦାବି କରିଛନ୍ତି ।

## ସରକାରୀ ବାଳିକା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ

**ବ୍ରହ୍ମପୁର,୧୦।୮/ଏନ୍ଏନ୍ଏସ୍:** ସ୍ଥାନୀୟ ବ୍ରହ୍ମପୁର ମହାନଗର ନିଗମ ସମ୍ମୁଖ ସରକାରୀ ବାଳିକା ବିଦ୍ୟାଳୟର ପରିଚାଳନା ଓ ଉନ୍ନୟନ କମିଟି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୨୦୨୪-୨୫ ଶିକ୍ଷାବର୍ଷ ଲାଗି ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଉନ୍ନୟନ କମିଟିର କର୍ମକର୍ତ୍ତାଙ୍କୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭୁପେନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ବିକାଶ ତଥା ରାଜ୍ୟସରକାରଙ୍କର ପ୍ରସ୍ତୁତ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ କରିବା ସକାସେ ଅଭିଭାବକମାନଙ୍କୁ ସଚେତନଶୀଳ ପଦକ୍ଷେପ ପାଇଁ



ଆଲୋଚନା କରାଯାଇଥିଲା । ବୈଠକରେ ଆଗାମୀ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଉନ୍ନୟନ କମିଟିର ସଭାନେତ୍ରୀ ରୂପେ ଏମ୍. ଦିପାରାଣୀ ଓ ଉପସଭାପତି ନରସିଂହ ବାଡତ୍ୟାଙ୍କ ସମେତ ଅନ୍ୟାନ୍ୟ କମିଟି ସଦସ୍ୟ ଚୟନ କରାଯାଇଥିଲା । ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ବନାନୀ ପାଣିଗ୍ରାହୀ, ବିରଜାବାଳା ସାହୁ, ଶିବାନୀ ଦାସ, କେ. ଉଷାରାଣୀ, ନକ୍ଷେତ୍ରପ୍ରଭା ମହାରଣା, ସୁଜତା କୁମାରୀ ଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ବୃନ୍ଦ ବୈଠକ ସକ୍ରୀୟ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ । ଉପସ୍ଥିତ ସମସ୍ତ ଅଭିଭାବକ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

### ଅଗଷ୍ଟ କ୍ରାନ୍ତି ଦିବସ ପାଳିତ

## ମହାପୁରୁଷଙ୍କ ସ୍ମୃତିଚାରଣ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ବ୍ରହ୍ମପୁର,୧୦।୮/ଏନ୍ଏନ୍ଏସ୍:** ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ସ୍ଥାନୀୟ ଗାନ୍ଧୀନଗର ଛକ ନିକଟରେ ସ୍ୱାଧୀନତା



ସଂଗ୍ରାମରେ ମହାପୁରୁଷଙ୍କ ଅବାଦନ ସମ୍ପର୍କରେ ସ୍ମୃତିଚାରଣ କରିବା ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଅଗଷ୍ଟ ୯ ତାରିଖ ଭାରତ ଇତିହାସରେ ଏକ ସ୍ମରଣୀୟ ଦିନ ହୋଇଥିବାରୁ ଆଜି ଗାନ୍ଧୀନଗର ଛକ ନିକଟରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶୌଣ୍ଡିକ ସମାଜ, ମହାତ୍ମା ହେଲପିଙ୍ଗ୍ ହେଣ୍ଡ, ବିଜୁ ପଟ୍ଟ ନାୟକ ସିନିଅର ସିଟିଜେନ୍ ଫୋରମ୍ ତରଫରୁ କେଣ୍ଡଲ୍ ଲଗାଇ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଭାରତ ସ୍ୱାଧୀନତା ପରଠାରୁ ଏହି ଦିନକୁ ଅଗଷ୍ଟ କ୍ରାନ୍ତି ଦିବସ ଭାବେ ପାଳନ କରାଯାଉଛି । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଭାରତକୁ ବ୍ରିଟିଶ ମୁକ୍ତ କରିବା ପାଇଁ ଏହିଦିନ ଭାରତ ଛାଡ଼ ଆନ୍ଦୋଳନ ଡ଼ାକରା ଦେଇଥିଲେ ମହାତ୍ମା ଗାନ୍ଧୀ । ଯାହାପରେ ଭାରତବାସୀ ଏକଜୁଟ ହେଇ ବ୍ରିଟିଶଙ୍କ ବିରୋଧରେ ଲଢ଼େଇ ଆରମ୍ଭ କରିଥିଲେ । ୧୯୪୨ ରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନକୁ ୧୯୪୭ରେ ସିଦ୍ଧି ପ୍ରାପ୍ତ ହୋଇଥିଲା । ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ଇଂରାଜୀ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ପ୍ରାପ୍ତି କରିଥିଲା । ତେଣୁ ଅଗଷ୍ଟ ମାସକୁ ଭାରତ ଇତିହାସରେ ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟ ଭାବେ ମନ ପକାଯାଏ ବୋଲି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଏମ୍. ଭେଙ୍କଟ ରମଣ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସବିତା ସାହୁକାର, ସିମାଞ୍ଚଳ ପ୍ରସାଦ ବିଷୋୟୀ, ବାସୁଦେବ ସାହୁକାର, ଏ. ସୁରେଶ, ଭି ଭେଙ୍କଟ ରମଣ ଓମକାର, ଅରୁଣ କୁମାର, ବି ରାଜୁ, ବି. ରାମା ବାବୁ ଯୋଗ ଦେଇଥିଲେ ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ




**ବ୍ରହ୍ମପୁର,୧୦।୮/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସ୍ନାତୋକତ୍ତର ରାଜନୀତି ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗ ଏବଂ ସ୍ନାତୋକତ୍ତର ଇତିହାସ ବିଭାଗର ମିଳିତ ଆନୁକୂଲ୍ୟରେ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ, କୁଳ ସଚିବ ସଚ୍ଚିଦାନନ୍ଦ ନାୟକ ଏବଂ ସ୍ନାତୋକତ୍ତର ବିଭାଗ ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗଦେଇ ସ୍ୱାଧିନତା ସଂଗ୍ରାମୀମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ପରେ ଛାତ୍ରଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରା କରି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୟ ଗାନ କରିଥିଲେ । ଶେଷରେ ସ୍ନାତୋକତ୍ତର ପରିଷଦର କମିଟି ହଲ୍‌ରେ ଅନୁଷ୍ଠିତ ସଭା କାର୍ଯ୍ୟରେ ସମସ୍ତେ ସାମିଲ ହୋଇଥିଲେ । ଉକ୍ତ ସଭାରେ ଇତିହାସ ବିଭାଗର ମୁଖ୍ୟ ଡ. ସଦାନନ୍ଦ ନାୟକ, ରାଜନୀତି ବିଜ୍ଞାନ ବିଭାଗର ସଂଯୋଜକ ଡ. ସାରଦା ପ୍ରସନ୍ନ ରାଉତ, ଡ. ରାଜେଶ ସେଠୀ, ଲୋକପ୍ରଶାସନ ବିଭାଗର ସଂଯୋଜକ ସଞ୍ଜୟ ମେହେର, ଡ. ରମାକାନ୍ତ ଭୂୟାଁ, ଡ. ଶଙ୍କର୍ଷଣ ମଲ୍ଲିକ ମଞ୍ଚାସୀନ ଥିଲେ । ଡ. ସୌମେନ୍ଦ୍ର କୁମାର ମହାନ୍ତି, ଡ. ଭାଗ୍ୟଶ୍ରୀ ରଥ, ଡ. ଦିଲ୍ଲିପ କୁମାର ମାଝୀ, ଯଜ୍ଞଦତ୍ତ ପଟ୍ଟନାୟକ ପ୍ରମୁଖ ପ୍ରାଧ୍ୟାପକ ପ୍ରାଧ୍ୟାପିକା ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଏବଂ ପ୍ରାଧ୍ୟାପକ ପ୍ରାଧ୍ୟାପିକାମାନେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ଓ ସଂଗ୍ରାମ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ବର୍ତ୍ତମାନ ସମୟରେ ଅଗଷ୍ଟ କ୍ରାନ୍ତି ଦିବସର ଉପାଦେୟତା ସମ୍ବନ୍ଧରେ ମତ ଉପସ୍ଥାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ଦାରିଦ୍ରତା, ଅସମାନତା, ସାମ୍ପ୍ରଦାୟିକ ଓ ଜାତିଗତ ବିଭେଦ, ବେକାରୀ ଓ ଦୁର୍ନୀତି ଭଳି ସାମାଜିକ ବ୍ୟାଧିଗୁଡିକୁ ଦମନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ବୋଲ୍‌ବମ୍ ହରହରବମ୍ ଧ୍ୱନୀରେ ସାହିବସ୍ତି ପ୍ରକମ୍ପିତ

**ଆସିକା,୧୦।୮/ଏନ୍ଏନ୍ଏସ୍:** ଶ୍ରାବଣ ମାସର ଚତୁର୍ଥ ସୋମବାରରେ ବିଭିନ୍ନ ଶୈବପୀଠ ଗୁଡ଼ିକରେ ଦେବଦେବ ମହାଦେବଙ୍କୁ ଜଳାଭିଷେକ କରିବା ନିମନ୍ତେ ଶନିବାର ଆସିକା ତଥା ଏହାର ଆଖପାଖ ବିଭିନ୍ନ ଅଞ୍ଚଳର ବୋଲ୍‌ବମ୍ ଭକ୍ତମାନଙ୍କ ଋଷିକୁଲ୍ୟା ନଦୀପଠାରେ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଆସିକା ଋଷିକୁଲ୍ୟା ନଦୀପଠାରେ ବିଭିନ୍ନ ସାହି ବସ୍ତିର ବୋଲ୍‌ବମ୍ ଭକ୍ତ ମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସାରି ଜଳଧରି ବୋଲ୍‌ବମ୍ ଯାତ୍ରାରେ ବାହାରି ଥିଲେ । ମାନସିକ ପୂରଣ ଲାଗି ଶୈବଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ କରି ଦୀର୍ଘପଥ ଚାଲିଚାଲି ଆସନ୍ତା ସୋମବାର ଦିନ ଭୋରରେ ଶୈବପୀଠ ଗୁଡ଼ିକରେ ଜଳ ଲାଗି କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରାବଣମାସର ସୋମବାରରେ ମହାଦେବଙ୍କ ନିକଟରେ ଜଳଲାଗି କଲେ ନିଜର ତଥା ପରିବାରର ମଙ୍ଗଳ ସାଧନ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଆସିକା ତଥା ଏହାର ଆଖପାଖ



ଅଞ୍ଚଳର ଶୈବଭକ୍ତ ମାନେ ବୋଲ୍‌ବମ୍ ଯାତ୍ରାରେ ବାହାରିଛନ୍ତି । ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ଜଳାଭିଷେକ କରିପାରିବେ, ସେଥିନେଇ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଦକ୍ଷିଣ ଓଡିଶା ତଥା ଆସିକା ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ରୂପେ ପରିଚିତ ପୁଢୁଗେଶ୍ୱର ଓ ସୁବର୍ଣ୍ଣେଶ୍ୱର ଶୈବପୀଠ ପରିଚିତ । ଏହି ପୀଠରେ ଜଳାଭିଷେକ ଲାଗି ମାନସିକଧାରୀ ବୋଲବମ୍ ଭକ୍ତମାନେ ଶନିବାର ଠାରୁ ପଦଯାତ୍ରାରେ ବାହାରିଥିବା ଜଣାପଡିଛି । ଆସିକା ଏନ୍ଏସି ଅଧୀନସ୍ଥ ୧୪ ନମ୍ବର ୱାର୍ଡ ଓ ୧୫ ନମ୍ବର ୱାର୍ଡର ଭକ୍ତମାନେ ଋଷିକୁଲ୍ୟା ନଦୀରେ ପୂଜାର୍ଚ୍ଚନା ସାରି ଜଳାଭିଷେକ ଯାତ୍ରାରେ ବାହାରିଥିବା ଜଣାପଡିଛି । ଶ୍ରାବଣ ସୋମବାରରେ ମହାଦେବଙ୍କ ପୀଠରେ ଜଳାଭିଷେକ କଲେ ମାନସିକ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି ।

## ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଅଭିଭାବକ ଓ ଶିକ୍ଷକ ସମନ୍ୱୟ ବୈଠକ



**କନ୍ଧମାଳ,୧୦।୮/ଏନ୍ଏନ୍ଏସ୍:** ସ୍ଥାନୀୟ ତୁଡ଼ିପାଜୁ ସ୍ଥିତ ପି.ଏମ୍.ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ସଭାଗୃହ ପରିସରରେ ଅଭିଭାବକ ଓ ଶିକ୍ଷକ ମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅଧ୍ୟକ୍ଷା ମମତାରାଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ପ୍ରଥମେ ଅଧ୍ୟକ୍ଷା ଶ୍ରୀମତୀ ପଣ୍ଡା ଅଭିଭାବକ ମାନଙ୍କୁ ସ୍ୱାଗତ କରିବା ସହିତ ବିବରଣୀ ପାଠ କରିଥିଲେ । ଉପପ୍ରାଚାର୍ଯ୍ୟ ଯତିନ୍ କୁମାର ରଥ ନବୋଦୟ ବିଦ୍ୟାଳୟ ଉପରେ ଆଲୋକପାତ କରିବା ସହିତ ଆଗାମି ଶିକ୍ଷାବର୍ଷରେ ହେବାକୁ ଥିବା ଷଷ୍ଠଶ୍ରେଣୀ ପ୍ରବେଶିକା ପରୀକ୍ଷା ଏବଂ ପିକରଣ ବୃଦ୍ଧି ଉପରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ନୂତନ ଅଭିଭାବକ ଶିକ୍ଷକ ସମିତି ଗଠନ ପାଇଁ ନିଷ୍ପତ୍ତି ନିଆଯାଇ ନୂତନ ସଦସ୍ୟ ମାନଙ୍କୁ ମନୋନୀତ କରାଯାଇଥିବା ବେଳେ ଟିକାବାଲି ବ୍ଲକ ପାଇଁ ଅଭିଭାବକ ରୋହିତ୍ ପ୍ରଧାନ, ଜି.ଉଦୟଗିର ବ୍ଲକ ପାଇଁ ରାଞ୍ଜିଲତା ମାଣ୍ଡାଙ୍ଗି , ଫିରିଙ୍ଗିଆ ବ୍ଲକ ପାଇଁ ସୁଶାନ୍ତ କୁମାର ପଟନାୟକ ଏବଂ ପ୍ରିୟଙ୍କା କହଁର, କେ.ନୂଆଗାଁ ବ୍ଲକ ପାଇଁ ମନୋରଂଜନ ସାହୁ ଓ ରୁକ୍ମଣି ପ୍ରଧାନ, ଦାରିଙ୍ଗିବାଡ଼ି ବ୍ଲକ ପାଇଁ ଗୌରି ଶଙ୍କର ସାହୁ , କୋଟଗଡ଼ ବ୍ଲକ ପାଇଁ କ୍ଲର୍କ ବଳିୟାରସିଂ, ବାଲିଗୁଡ଼ା ବ୍ଲକ ପାଇଁ ନମିତା ପଟନାୟକ, ଖଜୁରିପଡ଼ା ବ୍ଲକ ପାଇଁ ବସ୍ତିଆ କହଁର, ଦାରିଙ୍ଗବାଡ଼ି ବ୍ଲକ ପାଇଁ ମମିତା ସାହୁ, ରାଇକିଆ ବ୍ଲକ ପାଇଁ ସୁଦାମ କୁମାର ପାତ୍ର ଏବଂ ତୁମୁଡ଼ିବନ୍ଧ ବ୍ଲକ ପାଇଁ ମାନସ କୁମାର ସାହୁ, ଚକାପାଦ ବ୍ଲକ ପାଇଁ ଲୋପମୁଦ୍ରା ମହାପାତ୍ର ଏବଂ ଫୁଲବାଣୀ ବ୍ଲକ ପାଇଁ ସଂଯୁକ୍ତା କୁମାରୀ ମିଶ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ଶିକ୍ଷକ ସଦସ୍ୟଭାବେ ଏନ୍.ଶ୍ରୀପତି ଚୌଧୁରୀ, ବାସୁଦେବ ମିଶ୍ର, ସୋନୀ ଅଗ୍ରୱାଲା, ଭିନା ରାୟ ଏବଂ ସଂଜିନ୍ ବିଶ୍ୱକର୍ମାଙ୍କୁ ସଦସ୍ୟଙ୍କୁ ମନୋନୀତ କରାଯାଇଛି । ବିଜ୍ଞାନ ଅଧାପିକା ସୁଶ୍ରୀ ବସୁଧା ମିଶ୍ରଙ୍କ ସଂଯୋଜନାରେ ନୂତନ ଅଭିଭାବକ ଶିକ୍ଷକ ସମିତି ସଦସ୍ୟ ମାନଙ୍କୁ ମନୋନୀତ କରାଯାଇଥିବା ବେଳେ ସନ୍ତୋଷ କୁମାର ରଥ ଓ ସୁଶାନ୍ତ କୁମାର ପଟନାୟକ ଅଭିଭାଷଣ ପ୍ରଦାନ କରିଥିଲେ । ଇତିହାସ ଅଧାପକ ନିତିନ୍ ଭରଦ୍ୱାଜ ଧନ୍ୟବାପ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଗଞ୍ଜେଇ ଜବତ, ଚାରି ଗିରଫ

**କୁକୁଡାଖଣ୍ଡି,୧୦।୮/ଏନ୍ଏନ୍ଏସ୍:** କନ୍ଧମାଳରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଗଞ୍ଜେଇ ଗାଡିକୁ ଆଜି କୁକୁଡାଖଣ୍ଡି ରାଉତ ବନ୍ଧଠାରେ ଗୁଇନ୍ଦା ଅବକାରୀ ବିଭାଗ ପକ୍ଷରୁ ଚଢଉ କରି ଜବତ କରାଯାଇଛି । ତିନୋଟି ଗାଡି ବୋଲେରୋ (ନଂ-ଓଡି ୦୫ଏସି ୧୨୨୭), ଅଲ୍‌ଟୋ (ନଂ-ଓଆର ୧୪ପି ୦୬୬୩) ଏବଂ ଅନ୍ୟ ଏକ ଗାଡି (ନଂ-ଓଆର୦୨ବିପି ୬୪୬୯)କୁ ଜବତ କରାଯାଇଛି । ୩ଟି ଗାଡିରୁ ଗଞ୍ଜେଇ ଜବତ ହୋଇଥିବା ବେଳେ ଚାରି ଜଣଙ୍କୁ ଗିରିଫ କରିଛି ଅବକାରୀ ପୁଲିସ୍ । ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଦୁଇ ଜଣ କନ୍ଧମାଳ ଅଞ୍ଚଳର ହୋଇଥିବା ବେଳେ ଆଉ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କ ଘର ଭୁବନେଶ୍ୱର ଏବଂ ଅନ୍ୟ ଜଣେ ନୟାଗଡର ବୋଲି ଜଣାପଡିଛି । ଗିରଫ ବ୍ୟକ୍ତିଙ୍କ ନାମ ପୁଲିସ ପକ୍ଷରୁ ଘୋଷଣା କରାଯାଇନାହିଁ । ଗଞ୍ଜେଇ ଜବତ ବେଳେ ଫୋଟ ଉତ୍ତୋଳନକୁ ଏସ୍ଆଇ ରୋକଠକ୍ ମନା କରିଥିବାରୁ ସାଧାରଣରେ ନାନା ଚର୍ଚ୍ଚା ଆଲୋଚନା ସୃଷ୍ଟି ହୋଇଛି । ଗୁଇନ୍ଦା ପୁଲିସ ପକ୍ଷରୁ କେସ୍ ନଂ ୩୨୪/୩୨୫ରେ ମାମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ ନାରାୟଣ ଜେନାଙ୍କ ସୂତ୍ରରୁ ପ୍ରକାଶ ।

## ସିଟି ହାଇସ୍କୁଲରେ ଜାତୀୟ କୃମିନାଶକ ଦିବସ



**ବ୍ରହ୍ମପୁର,୧୦।୮/ଏନ୍ଏନ୍ଏସ୍:** ସ୍ଥାନୀୟ ସିଟି ହାଇସ୍କୁଲ ପକ୍ଷରୁ ବିଦ୍ୟାଳୟ ପରିସରରେ କୃମିନାଶକ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମାତୃ ଓ ଶିଶୁ କାର୍ଯ୍ୟକ୍ରମ ପରିଚାଳକ ଶକ୍ତି କୁମାର ଦିଗାଲଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଫାସୁତରା ରହିବା ସହ ଭଲ ଭାବେ ହାତ ଧୋଇ ଖାଇବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝୀଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାକାନ୍ତ ମିଶ୍ର, ଅତିରକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ ରଞ୍ଜନ ପଣ୍ଡା, ସିଡିପିଓ କଳ୍ପନା ପାଢୀ, ସହକାର୍ଯ୍ୟ ପରିଚାଳକ ମଳୟ କୁମାର ବିଶ୍ୱାଳ, ନଗର ତଥ୍ୟ ପରିଚାଳକ ଦେବାଶିଷ ସାମଲ, ଜନସ୍ୱାସ୍ଥ୍ୟ ପରିଚାଳକ ଉମେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ଖୁଆଇବା ସହିତ ନିୟମିତ ବ୍ୟବଧାନରେ ଏହାକୁ ଖାଇବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଏନ୍‌ସିସି ଚିଫ୍ ଅଫିସର ଗୋପାଳ କୃଷ୍ଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଫୁଲବାଣୀ ପୌରାଧ୍ୟକ୍ଷା ଅନାସ୍ଥା ମାମଲା

## ହାଇକୋର୍ଟରେ ହାଜର ହେବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

**କନ୍ଧମାଳ,ଫୁଲବାଣୀ,୧୦।୮/ଏନ୍ଏନ୍ଏସ୍ :** ଫୁଲବାଣୀ ପୌରାଧ୍ୟକ୍ଷଙ୍କ ଅନାସ୍ଥାକୁ ନେଇ ଚାଲିଥିବା ଘଟଣାରେ କେଁ ଛିଡୁନି । ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ଆସ୍ଥା ଭୋଟରେ ହାରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାକୁ ନେଇ ଛକାପଂଝା ଚାଲିଛି । ଗତ ୨୩ ତାରିଖରୁ ଅନାସ୍ଥା ପ୍ରସ୍ତାବ ପାରିତ ହୋଇଥିଲେ ସୁଦ୍ଧା ଅଧ୍ୟକ୍ଷା ପଦବୀ ପାଇଁ ବର୍ତ୍ତମାନ ସୁଦ୍ଧା କାହାରିକୁ ଦାୟିତ୍ୱ ଦିଆ ଯାଇନାହିଁ । ନା ଜିଲାପାଳ ନା ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଏହି ବିଷୟରେ ଚୁପ୍ ଅଛନ୍ତି । ଜିଲାପାଳ ଆଜି ପର୍ଯ୍ୟନ୍ତ ପୌରାଧ୍ୟକ୍ଷାଙ୍କ ବହିଷ୍କାର ଉପରେ କୌଣସି ଚିଠି ଜାରି କରି ନାହାନ୍ତି । ଫଳରେ ଏହାକୁ ନେଇ ବିଜେଡି କାଉନସିଲର ମୃତ୍ୟୁଞ୍ଜୟ ପେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ରାଜ୍ୟ ସରକାର ଏ ସମ୍ପର୍କରେ ତୁରନ୍ତ ଏ ସମ୍ପର୍କରେ ନିର୍ଦ୍ଦେଶ ଜାରୀ କରିବା ପାଇଁ ନିବେଦନ କରିଛନ୍ତି । ଏହାର ଶୁଣାଣି କରି ଆସନ୍ତା ୨୧ ତାରିଖରେ ଅଦାଲତରେ ହାଜିର ହେବା ପାଇଁ କନ୍ଧମାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ସୂଚନାଯୋଗ୍ୟ, ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ପ୍ରକାଶ କରି ପୌର ପରିଷଦର ୧୦ ଜଣ କାଉନସିଲର ଗତ ଏପ୍ରିଲ ୧୦ ତାରିଖରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଏହା ଉପରେ ଆଲୋଚନା ପାଇଁ ସେହି ମାସ ୨୩ ତାରିଖରେ ବୈଠକ ପାଇଁ ଜିଲାପାଳ ନୋଟିସ ଜାରି କରିଥିଲେ । ଏହା ବିରୋଧରେ ଅଧ୍ୟକ୍ଷା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ଦ୍ୱିତୀୟ ଥର ପାଇଁ ଜୁଲାଇ ୧୯ ତାରିଖରେ ବୈଠକ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା । ସେହିଦିନ ନିର୍ବାଚନ ଅଧିକାରୀ ଅନୁପସ୍ଥିତ ରହିବାରୁ ୨୩ ତାରିଖକୁ ଘୁଞ୍ଚି ଥିଲା ବୈଠକ । ସେହିଦିନ ଅନାସ୍ଥା ଉପରେ ଆଲୋଚନା କରାଯାଇ ଆସ୍ଥା ଭୋଟ ଗ୍ରହଣ କରାଯାଇଥିଲା । ପୌରାଧ୍ୟକ୍ଷାଙ୍କ ବିରୋଧରେ ୧୦ଟି ଭୋଟ ଯାଇଥିଲା । କିନ୍ତୁ ଫଳ ଆଜି ପର୍ଯ୍ୟନ୍ତ ଘୋଷଣା ହୋଇ ପାରିଲା ନାହିଁ କି ସେହି ପଦବୀରେ ଆଜି ପର୍ଯ୍ୟନ୍ତ କାହାରିକୁ ଦାୟିତ୍ୱ ଦିଆଯାଇ ପାରିଲା ନାହିଁ । ଫଳରେ ପୌର ପରିଷଦରେ ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ରହିବା ସହିତ ଅଚଳାବସ୍ଥା ସୃଷ୍ଟି ହୋଇଛି ।

## ବିଦ୍ୟାଳୟରେ ଅଭିଭାବକ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ଆସିକା,୧୦।୮/ଏନ୍ଏନ୍ଏସ୍:** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ୨୦୨୪-୨୫ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି/ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଗୁଡିକରେ ଅନୁଷ୍ଠିତ ବୈଠକରେ ସମସ୍ତ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍‌ସି), ସ୍କୁଲ ପରିଚାଳନା ଓ ଉନ୍ନୟନ କମିଟି (ଏସ୍ଏମ୍‌ଡିସି) ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୩ଟି କ୍ଲଷ୍ଟରର ୧୩୫ଟି ପ୍ରାଥମିକ, ଉଚ୍ଚପ୍ରାଥମିକ



ବିଦ୍ୟାଳୟ ଗୁଡିକରେ ଏହି ପିଟିଏମ୍ ବୈଠକ ଅନୁଷ୍ଠିତ ହୋଇଥିଲା । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ପାତ୍ର ଓ ବିଭୁନନ୍ଦନ ପଣ୍ଡାଙ୍କ ପରାମର୍ଶକ୍ରମେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶିବଶଙ୍କର ଜେନା, ସିମାଞ୍ଚଳ ସେଠୀ, ସତ୍ୟନାରାୟଣ ସେଠୀ, ନିରଂଜନ ପରିଡା, ଧୋବା ବେହେରା, ମନୋରଂଜନ ପାଢୀ, ସରୋଜ କୁମାର ନାୟକ, କାଳୁଚରଣ ଲେଙ୍କା, ଜଗନ୍ନାଥ ଦାଶ, ଶୁଭେନ୍ଦୁ ଶେଖର ଜେନା, ବଂଶୀଧର ପରିଡା, ବିଦ୍ୟାଧର ସାହୁଙ୍କ ସମେତ ଶିକ୍ଷା ବିଭାଗର ବହୁ ବରିଷ୍ଠ ପଦାଧିକାରୀ ବିଭିନ୍ନ ବିଦ୍ୟାଳୟକୁ ଗସ୍ତ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରୀଙ୍କ ଅଭିଭାବକ, ଏଏମ୍‌ସି, ଏଏସ୍‌ମ୍‌ଡିସିର ସଦସ୍ୟମାନେ ଏହି ଅଭିଭାବକ-ଶିକ୍ଷକ ବୈଠକରେ ଉପସ୍ଥିତ ଥିଲେ । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିରାପତ୍ତା ବ୍ୟବସ୍ଥା, ଅନ୍‌ଲାଇନ୍ ସୁରକ୍ଷା ଓ ସାଇବର ସଚେତନତା, ଆସନ୍ତା ସେପ୍ଟେମ୍ବର ପହିଲାରୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛତା ପକ୍ଷ ପାଳନର ସଫଳ ରୂପାୟନ, ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସୁରଭି-୨୦୨୪ ର ସଫଳତା, ବିଦ୍ୟାଳୟରେ ୟୁଥ୍ ଓ ଇକୋ କ୍ଲବ୍ ଗଠନ, ଛାତ୍ରଛାତ୍ରୀମାନଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା । କେନ୍ଦୁପଦର, ନିମିନା, ବାଲିସିରା, କେ.ନୁଆଁପଲ୍ଲୀ, ଗଙ୍ଗାପୁର, ଆସିକା ଏନ୍ଏସି, ବାବନପୁର, ଭେଟନଇ, ବଡଖୋଲି, ହରିଡାପଦର, କାଳଷଣ୍ଡପୁର, ନଳବଣ୍ଟା, ଖାରିଆ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଏହି ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି ।

ନିତିଦିନ NITIDIN
ରବିବାର, ୧୧ ଅଗଷ୍ଟ, ୨୦୨୪

**ନିତି ଭାରତୀ**
ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭଲଗୁଣ ଅଛି, ତାକୁ ନିଜ ଭିତରକୁ ଆଣ ଏବଂ ନିଜ ଢଙ୍ଗରେ ତାକୁ ଗ୍ରହଣ କରିନିଅ; ଅନ୍ୟମାନଙ୍କ ଭଳି ହୁଅନାହିଁ।
- ସ୍ୱାମୀ ବିବେକାନନ୍ଦ



**ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା...**

ମନୋଜ କୁମାର ମହାପାତ୍ର

# ମୃତ୍ୟୋର୍ମା ଅମୃତଂ ଗମୟ

ପ୍ରତ୍ୟେକ ମନୁଷ୍ୟ ଆଧ୍ୟାତ୍ମିକ ଓ ସାଂସାରିକ ଜୀବନର ଦୁଇଟି ଦିଗ ମଝିରେ ସଂଘର୍ଷର ସମ୍ମୁଖୀନ ହୁଏ। ଏହାର ପ୍ରକୃତ କାରଣ ହେଉଛି ଯେ ଆମେ ଏଭଳି ଦୁଇଟି ପରସ୍ପର ବିରୋଧୀ ମାନସିକତା ଭିତରେ ସନ୍ତୁଳନ ରଖି ପାରନ୍ତିନି, ଯେଉଁଥିପାଇଁ ମଣିଷ ଅସୁରକ୍ଷିତ ମନେକରେ ଓ ଭୟଭୀତ ହୁଏ ଜୀବନ କାଳଯାକ। ମଣିଷ ଯେତେ ସଭ୍ୟ ଶିକ୍ଷିତ ହେଉଛି, ସେତେ ତା'ର ମନସ୍ତାତ୍ତ୍ୱିକ ଦ୍ୱନ୍ଦ୍ୱ ସାଂଘାତିକ ହେବାରେ ଲାଗିଛି। ଅବଶ୍ୟ କେହି କହନ୍ତିନି ଯେ ମଣିଷ କେବଳ ଆଧ୍ୟାତ୍ମିକ ଜୀବନ ବଞ୍ଚୁ ଅବା କେବଳ ସାଂସାରିକ ଜୀବନ ବଞ୍ଚୁ। ଏହି ଦୁଇଟିକୁ ସନ୍ତୁଳିତ କରି ଜୀବନ ବଞ୍ଚିବା ଶ୍ରେୟସ୍କର ବୋଲି ଆମର ଧର୍ମ ଶିକ୍ଷା ଦେଇଥାଏ। କାହିଁକି ନା କେବଳ ସନ୍ତୁଳିତ ଜୀବନ ନିର୍ବାହ ମଣିଷକୁ ଜୀବନର ଅର୍ଥ ବା ଉଦ୍ଦେଶ୍ୟ ବୁଝାଇ ଦିଏ। ଏହି ପରିପ୍ରେକ୍ଷୀରେ ପ୍ରଖ୍ୟାତ ସୁଇସ ମନୋବିଜ୍ଞାନୀ କାର୍ଲ ୟୁଙ୍ଗ ତାଙ୍କର ପ୍ରବନ୍ଧ 'ସ୍ପିରିଚୁଆଲ ପ୍ରୋବ୍ଲେମ୍ ଅଫ୍ ମଡର୍ଣ୍ଣ ମ୍ୟାନ୍'ରେ ସୁନ୍ଦର କଥାଟିଏ ଲେଖିଛନ୍ତି- ଯେଉଁ ଦୁଇ ଦୁଇଟା ବିଶ୍ୱଯୁଦ୍ଧ ସଂଘଟିତ ହେଲା, ତାହାର ଭୟାନକ ପରିଣାମ ସ୍ୱରୂପ ଆମେ ଆମର ବିଶ୍ୱାସ ଓ ମୂଲ୍ୟ ହରାଇ ବସିଲେ। କେବଳ ସେତିକି ନୁହେଁ, ଆମେ ଆମ ପୂର୍ବପୁରୁଷଙ୍କଠାରୁ ପାଇଥିବା ଆଧ୍ୟାତ୍ମିକ ବିଶ୍ୱାସ ଓ ନିଶ୍ଚିତତାକୁ ହରାଇ ବସିଲୁ ଏବଂ ସେହି ସ୍ଥାନରେ ରୋପଣ କଲୁ ଭୌତିକ ସୁରକ୍ଷା, ଭୌତିକ କଲ୍ୟାଣକାରୀ ଯୋଜନା ଓ ଭୌତିକ ମାନବିକତାର ଆଦର୍ଶ। ସତରେ ଭୌତିକ ଆଦର୍ଶ ଯେତେ ଉଚ୍ଚ ସ୍ୱରଯୁକ୍ତ ଶବ୍ଦସମ ପ୍ରତୀୟମାନ ହେଲେ କ'ଣ ହେବ, କେବେ ବି ମନୁଷ୍ୟର ଅନ୍ତଃସ୍ଥଳୀକୁ ସ୍ପର୍ଶ କରି ପାରିବ ନାହିଁ।

ଆଉ ପାଦେ ଆଗେଇ ଯାଇ କାର୍ଲ ୟୁଙ୍ଗ କହିଲେ- ଠିକ୍ ଅଛି, ଆଧୁନିକ ମଣିଷ ଆଜି ଅନ୍ଧବିଶ୍ୱାସ ଓ କୁସଂସ୍କାରର ଫାଶ ଭିତରୁ ଅବଶ୍ୟ ମୁକୁଳି ଯାଇଛି। ହେଲେ କ'ଣ ହେବ ? ସେଇ ସ୍ଥାନରେ ଜୀବନରେ ଶାନ୍ତି ଓ ସନ୍ତୋଷ ଦେଇ ପାରୁଥିବା ଜିନିଷକୁ ସ୍ଥାନିତ କରି ପାରିନାହିଁ, ଯାହା ଫଳରେ ଅନିଶ୍ଚିତତା ଓ ଅସ୍ୱଚ୍ଛତା ଏପର୍ଯ୍ୟନ୍ତ ତା'ର ପିଛା ଛାଡୁନି, ଯାହା ଆଧୁନିକ ସଭ୍ୟତାର ବୈଶିଷ୍ଟ୍ୟ ପାଲଟିଛି। ଆଧୁନିକ ବିକାଶ ଓ ଅର୍ଥନୈତିକ ପ୍ରଗତିରୁ ଯେଉଁ ସୁଖ ଉପଲବ୍ଧ ହୁଏ, ତାହା କେବେ ବି ମଣିଷ ମନରେ ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ସ୍ଥିରତା ଓ ଶାନ୍ତି ପ୍ରତିଷ୍ଠା କରି ପାରେନି। ମଣିଷ ଯେତେ ଭୌତିକ ଓ ଅର୍ଥନୈତିକ ବିକାଶ ପଥରେ ଅଗ୍ରସର ହେଉଛି, ସେତେ ତା'ର ମନ ରାଜ୍ୟରେ ଭୟ ଓ ଅନିଶ୍ଚିତତା ସୃଷ୍ଟି ହେଉଛି।

ସେଇଭଳି ମତଟିଏ ଦେଇ ଜର୍ମାନ-ଆମେରିକୀୟ ସାମାଜିକ ମନୋବିଜ୍ଞାନୀ ଏରିକ୍ ଫ୍ରୋମ କହିଛନ୍ତି- ଆଜି ମଣିଷ ଆବଶ୍ୟକତାଠାରୁ ଅଧିକ କାମନାଗ୍ରସ୍ତ, ସମାଜରେ ପ୍ରତିଷ୍ଠା ଓ ସମ୍ମାନ ପାଇଁ ଆତୁର ଏବଂ ଧନ ସମ୍ପତ୍ତି ଠୁଳେଇବା ନିଶା ସର୍ବଦା ତାକୁ ପରାସ୍ତ କରେ ଯାହା ଆଧ୍ୟାତ୍ମିକ କଲ୍ୟାଣ କ୍ଷେତ୍ରରେ ସାଜେ ବାଧକ। ସେ କୁହନ୍ତି ଯେ ମଣିଷ ଯେଉଁ ଦିନଠାରୁ ପ୍ରକୃତି ଉପରେ ସକ୍ରିୟ ନିୟନ୍ତ୍ରଣ ରଖିବା ଆରମ୍ଭ କଲା, ଆମର ସଭ୍ୟତା ସେହି ଦିନଠାରୁ ଆରମ୍ଭ ହେଇ ଚାଲିଲା ଶିଳ୍ପ ଯୁଗ ପର୍ଯ୍ୟନ୍ତ। ବିଜ୍ଞାନ, ମେକାନିକାଲ ଓ ଇଲେକ୍ଟ୍ରିକାଲ ଯନ୍ତ୍ର, ପ୍ରଯୁକ୍ତିବିଦ୍ୟା, କମ୍ପ୍ୟୁଟର, ପରମାଣୁ ଶକ୍ତି ଇତ୍ୟାଦିର ବହୁଳ ପ୍ରଚଳନ ଆମର ଦୈହିକ ପରିଶ୍ରମକୁ ପଛରେ ପକାଇ ମାନସିକ ଶକ୍ତି ଉପରେ ବିଜୟ ପତାକା ଉଡ଼ାଇଲା। ଆମର ଈଶ୍ୱର, ଦେବଦେବୀ ଓ ଧର୍ମ ବିଶ୍ୱାସ, ଏପରିକି ନୈତିକତା ଓ ମୂଲ୍ୟବୋଧ ରସାତଳଗାମୀ ହେଲା। ମଣିଷ ଭାବିଲା ନିଜକୁ ସର୍ବଶକ୍ତିମାନ। ଆତ୍ମ-ସଚେତନତାକୁ ବିସ୍ମରଣ କରି, ବାହ୍ୟ ଜଡ ବସ୍ତୁ ସହିତ ଏକବାରେ ବନ୍ଧୁତା ସ୍ଥାପନ କରି, ଆଧ୍ୟାତ୍ମିକତା ଓ ଭୌତିକତା ଭିତରେ ସନ୍ତୁଳନ ରଖିବାରେ ସମର୍ଥ ହେଲାନି। ବିଖ୍ୟାତ ଦାର୍ଶନିକ ଓ ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଭାଷାରେ- ବିଜ୍ଞାନରୁ ଜାତ ପ୍ରଯୁକ୍ତିବିଦ୍ୟା ଆଧାରିତ ସଭ୍ୟତା ସମ୍ପନ୍ନ ବିଶାଳ ସମାଜରେ ମଣିଷ ଆଜି ଅବ୍ୟକ୍ତିତ୍ୱ ଏକାଙ୍ଗ (Depersonalized Unit) ପାଲଟିଛି। ବସ୍ତୁ ଉପରେ ନିୟନ୍ତ୍ରଣ ରଖିବା ସ୍ଥାନରେ ବସ୍ତୁ ମଣିଷର ଜୀବନକୁ ନିୟନ୍ତ୍ରଣ କରୁଛି, ଯାହା ଫଳରେ ମଣିଷ ଭିତରେ ଅନ୍ତର୍ନିହିତ ସ୍ପିରିଟ୍ ବା ଆତ୍ମା ନକାରାତ୍ମକ ମାନସିକତା ଭିତରେ ହଜିଯାଏ।

ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ମାନବ ସଭ୍ୟତା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ବେଶ୍ ବିକଶିତ ଓ ଉପକୃତ ଏବଂ ମଣିଷକୁ ଶାନ୍ତି ଓ ସଂଗତିରେ ଜିଇଁବା ପାଇଁ ପଥ ଉନ୍ମୁକ୍ତ କରି ପାରିଛି। ଅନ୍ୟ ପକ୍ଷରେ, ଏହା ବି ମନୁଷ୍ୟକୁ ଅନିଶ୍ଚିତତା, ଭୟ, ବ୍ୟର୍ଥତା, ନୈରାଶ୍ୟର ଗହ୍ୱରକୁ ଠେଲି ଦେଇଛି। କାହିଁକି ନା ମଣିଷ ଆତ୍ମ-ସଚେତନତାର ପଥରୁ ବିଚ୍ୟୁତ ହୋଇ କେବଳ ବାହ୍ୟ ଜଡ଼ ବସ୍ତୁକୁ ବେଶୀ ଭଲ ପାଇ ବସିଛି। ଦେହ ଓ ମନ ହେଉଛି ଭୌତିକ ସଂରଚନା। କିନ୍ତୁ ଅନ୍ତର୍ନିହିତ ଆତ୍ମା ହିଁ ଚେତନା। ମଣିଷ ଯେଉଁ ବିଭିନ୍ନ ଭୌତିକ ଓ ମନସ୍ତାତ୍ତ୍ୱିକ କ୍ଷେତ୍ରରେ କାର୍ଯ୍ୟ କରେ, ତାହା କେବେ ବି ତାକୁ ଜୀବନର ପୂର୍ଣ୍ଣତା ପ୍ରଦାନ କରି ପାରିବନି। ତାକୁ ଅନ୍ତର୍ମୁଖୀ ହେବାକୁ ପଡ଼ିବ, ନିଜ ଭିତରେ ରହିଥିବା ଅନନ୍ତ ଦିବ୍ୟ ସମ୍ଭାବନାକୁ ଉଦ୍ରେକ କରିବାକୁ ହେବ। ଏପରିକି ଧର୍ମର ବାହ୍ୟ ଅନୁଷ୍ଠାନ ତାକୁ ବିଶେଷ ସାହାଯ୍ୟ କରି ପାରିବନି। ସେଥିପାଇଁ ସ୍ୱାମୀ ବିବେକାନନ୍ଦ କହିଲେ, ଧର୍ମକୁ ଉପଲବ୍ଧିରେ ପରିଣତ କରିବାକୁ ହେବ। ତେବେ ଯାଇଁ ମଣିଷ ନିଜର ସୂକ୍ଷ୍ମ ଅସ୍ତିତ୍ୱକୁ ବୁଝି ପାରିବ।

କଠ ଉପନିଷଦର ବ୍ୟାଖ୍ୟା କରି ଆଦି ଶଙ୍କରାଚାର୍ଯ୍ୟ କହିଛନ୍ତି- ଗୋଟିଏ ସହର ଓ ଏହାର ମାଲିକ ପରସ୍ପରଠାରୁ ଭିନ୍ନ। ସହରରେ କୌଣସି ଜିନିଷ ପରିବର୍ତ୍ତିତ ହେଲେ ସହରର ପ୍ରଭୁ ବା ମାଲିକ ଉପରେ କୌଣସି ପ୍ରଭାବ ପଡ଼େନି। ସେହିଭଳି ଦେହର ବୃଦ୍ଧି ଓ କ୍ଷୟ ଦ୍ୱାରା ଆତ୍ମା ଆଦୌ ପ୍ରଭାବିତ ହୁଏନି। ଆତ୍ମା ହିଁ ଶୁଦ୍ଧ ଚୈତନ୍ୟ, ଯାହାର ସୀମା ନାହିଁ। ସେ ହେଉଛନ୍ତି ଆଦି-ଅନ୍ତଶୂନ୍ୟ। ମନୁଷ୍ୟର ଇନ୍ଦ୍ରିୟ, ମନ, ବୁଦ୍ଧି ଆତ୍ମାର ଟେର୍ ପାଏନି। ଯିଏ ନିଜ ଭିତରେ ସ୍ଥିତ ଚେତନା ରୂପକ ଆତ୍ମାକୁ ଉପଲବ୍ଧି କରେ, ସେ ଅନ୍ତହୀନ ଆନନ୍ଦ ସାଗରରେ ବୁଡ଼ିଯାଏ। କିନ୍ତୁ ବସ୍ତୁ ଉପଭୋଗରୁ ସୀମିତ ସୁଖ କ୍ଷଣସ୍ଥାୟୀ। ଥରେ ନିଜର ଅନ୍ତର୍ନିହିତ ଆତ୍ମାକୁ ଜାଣି ପାରିଲେ ସଂସାରର ସମସ୍ତ ବସ୍ତୁକୁ ଜାଣିବା ପାଇଁ ବାଟ ଖୋଲିଯାଏ।

ମୁଣ୍ଡକ ଉପନିଷଦରେ ଏକ ସୁନ୍ଦର ଦୃଷ୍ଟାନ୍ତ ଆମେ ଦେଖିବାକୁ ପାଆନ୍ତି। ଜଣେ ମହାନ ଗୃହସ୍ଥ ସୌନକ ଏକଦା ବ୍ରହ୍ମଜ୍ଞାନୀ ଋଷି ଅଙ୍ଗିରାସଙ୍କ ନିକଟକୁ ଯାଇ ପ୍ରଶ୍ନଟିଏ ପଚାରିଥିଲେ- ହେ ମହାଭାଗ, ସେ କିଏ ଯାହାଙ୍କୁ ଜାଣିଲେ ଜଗତର ସମସ୍ତ ଅସ୍ତିତ୍ୱକୁ ସହଜରେ ଜାଣି ହୁଏ ? ଋଷି ଅଙ୍ଗିରାସ ଏହାର ସିଧା ଉତ୍ତରଟିଏ ନ ଦେଇ କହିଲେ- ବତ୍ସ, ଏହି ଜଗତରେ ଦୁଇଟି ବିଦ୍ୟା ରହିଛି; ଗୋଟିଏ ପରା, ଅନ୍ୟଟି ଅପରା। ପରା ହିଁ ଶ୍ରେଷ୍ଠ ଏବଂ ଅପରା ନିକୃଷ୍ଟ। ପରମ ଆତ୍ମାଙ୍କୁ ଜାଣିବାର ଜ୍ଞାନ ହେଉଛି ପରା ଓ ଧର୍ମ ଓ ଅଧର୍ମ ଇତ୍ୟାଦି ଜ୍ଞାନର ଫଳକୁ ଜାଣିବା ହେଉଛି ଅପରା। ଅପରା ବିଦ୍ୟା ହିଁ ଅଜ୍ଞାନ ଓ ଅବିଦ୍ୟା। ଅଜ୍ଞାନ ଅପସାରିତ ହେଲେ ପରା ବିଦ୍ୟା ଲାଭ କରାଯାଏ। ଆତ୍ମା ଯିଏ, ବ୍ରହ୍ମ ସିଏ। ତାଙ୍କୁ ଜାଣିଲେ ସଂସାରର ସମସ୍ତ ଜିନିଷକୁ ଜାଣିହୁଏ। ବ୍ରହ୍ମବିଦ୍ ଋଷି ଅଙ୍ଗିରାସଙ୍କ କହିବାର ଉଦ୍ଦେଶ୍ୟ ଯେ ପ୍ରଥମେ ଅବିଦ୍ୟା, ଅଜ୍ଞାନକୁ ଜାଣ; ତତ୍ ପଶ୍ଚାତ୍ ପରମ ବିଦ୍ୟାକୁ ଜାଣି ପାରିବ। ଅର୍ଥାତ୍ ସଂସାରର ସମସ୍ତ ବସ୍ତୁ ଓ ସାଂସାରିକ ଜ୍ଞାନରୁ ମିଳୁଥିବା ଜ୍ଞାନ ହିଁ ଅବିଦ୍ୟା ବା ଅଜ୍ଞାନ ଯାହା ପରା ବିଦ୍ୟାକୁ ଜାଣିବା ପାଇଁ ପଥ ନିରୋଧ କରିଥାଏ। ସୁତରାଂ, ପ୍ରଥମେ ଅଜ୍ଞାନକୁ ଚିହ୍ନ; ତା'ପରେ ଧୀରେ ଧୀରେ ନିଜ ଭିତରୁ ହଟାଅ, ତେବେ ଯାଇ ପରା ବିଦ୍ୟା ଆଡ଼କୁ ଲମ୍ବିଥିବା ପଥରେ ପଥିକ ସାଜିବ।

ଠିକ୍ ସେହିପରି ଜଡ଼ ବସ୍ତୁର ପ୍ରକୃତ ରୂପକୁ ଆମେ ଜାଣିବା ଉଚିତ। ଜଡ଼ ବସ୍ତୁର ଉପକାରିତା ଓ ଅପକାରିତା ପ୍ରତି ସଚେତନ ହେବା ଉଚିତ। ଆମେ ଯେତେବେଳେ ଜଡ଼ ବସ୍ତୁରୁ ପ୍ରାପ୍ତ ଅସ୍ଥାୟୀ ସୁଖ ପ୍ରତି ମୁହଁ ଫେରାଇବାକୁ ଆରମ୍ଭ କରିବା, ସେତେବେଳେ ଆମର ମନ ନିଶ୍ଚିତ ଆତ୍ମା ଅଭିମୁଖେ ଢଳିବ ହିଁ ଢଳିବ। ଶାସ୍ତ୍ର ପଢ଼ି ବା ଧାର୍ମିକ ଆଚାର୍ଯ୍ୟଙ୍କ ପରାମର୍ଶ ଶୁଣି ମଣିଷର ପରା ବିଦ୍ୟାର ଜ୍ଞାନ ହୋଇପାରେ, କିନ୍ତୁ ତାହା ଅନୁଭୂତିରେ ଆସେ ନାହିଁ। ଏକାନ୍ତ ଆଧ୍ୟାତ୍ମିକ ସାଧନା ମଣିଷକୁ ଅନୁଭୂତିସମ୍ପନ୍ନ କରିଥାଏ। ଶ୍ରୀ ରାମକୃଷ୍ଣ କୁହନ୍ତି- ଜ୍ଞାନ ହେଲେ ମଧ୍ୟ ସର୍ବଦା ଅନୁଶୀଳନ ପ୍ରୟୋଜନ। ଲୋଟା ଦିନେ ମାଜିଲେ କ'ଣ ହେବ- ପକାଇ ରଖିଲେ ପୁଣି କଳଙ୍କି ଲାଗିଯିବ।

ବର୍ତ୍ତମାନର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ସନ୍ତୁଳିତ ଜୀବନ ନିର୍ବାହ କରିବାକୁ ହେଲେ ଅନ୍ତର୍ନିହିତ ଚେତନାକୁ ପ୍ରାଥମିକତା ଦେଇ ମନକୁ ଆକର୍ଷଣ କରୁଥିବା ବାହ୍ୟ ଜଡ଼ ବସ୍ତୁ ଉପରେ ନିୟନ୍ତ୍ରଣ ରଖିବାକୁ ହେବ। ଭାରସାମ୍ୟ ହିଁ ମନ ଭିତରସ୍ଥ ସଂଘର୍ଷର ଅବସାନ ଘଟାଇ ପାରିବ। ଏପରି ସନ୍ତୁଳିତ ଜୀବନ ନିଶ୍ଚିତ ମଣିଷ ପାଇଁ ବରଦାନ ସଦୃଶ ହେବ, ଯାହା ଫଳରେ ଜୀବନର ଉଦ୍ଦେଶ୍ୟକୁ ଭଲ ଭାବେ ବୁଝିହେବ।

ବୃହଦାରଣ୍ୟକ ଉପନିଷଦରେ ରହିଛି ଏକ ଲୋକପ୍ରିୟ ପ୍ରାର୍ଥନା- ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ। ଅର୍ଥାତ୍ ଅସତ୍ୟରୁ ସତ୍ୟ, ଅନ୍ଧାରରୁ ଆଲୋକ, ମୃତ୍ୟୁରୁ ଅମୃତ ଆଡ଼କୁ ମୋତେ ନିଅ। ଏଠାରେ ସତ୍-ଚିତ୍-ଆନନ୍ଦଙ୍କୁ ଆଧ୍ୟାତ୍ମିକ ସାଧନା ପାଇଁ ବ୍ୟବହାର କରାଯାଇଛି, କାହିଁକି ନା ଏହା ଆମକୁ ଅମୃତତ୍ତ୍ୱ ଆଡ଼କୁ ନେଇଯିବ। ଆମେ ସାଧାରଣତଃ ସଚେତନ ଯେ ଏହି ଜଗତରେ କିଛି ଜିନିଷ ରହିଛି, ଯାହା ଅନ୍ୟ ଜିନିଷ ଅପେକ୍ଷା ବେଶୀ କ୍ଷଣସ୍ଥାୟୀ। ଅନ୍ୟ ପକ୍ଷରେ, ଏମିତି କିଛି ଜିନିଷ ବି ରହିଛି ଯାହା ଅନ୍ୟ ଜିନିଷଠାରୁ ଅଧିକ ସ୍ଥାୟୀ। ପ୍ରତ୍ୟେକ ବସ୍ତୁ ଓ ପରିସ୍ଥିତିର ସମୂହତା ଭିତରେ ଆମେ ସେମାନଙ୍କର କ୍ଷଣଭଙ୍ଗୁରତାର ମୂଲ୍ୟାଙ୍କନ କରି ପାରିବା। ଆପେକ୍ଷିକ ଦୃଷ୍ଟିରୁ ନିତ୍ୟ ବା ସତ୍ୟ ଏବଂ ଅନିତ୍ୟ ବା ମିଥ୍ୟାକୁ ବିବେକ ଦ୍ୱାରା ଆମେ ମୂଲ୍ୟାଙ୍କନ କରି ଜାଣି ପାରିବା। ସବୁବେଳେ ଅଧିକ କ୍ଷଣଭଙ୍ଗୁର ଜିନିଷ ଅପେକ୍ଷା ବେଶୀ ସ୍ଥାୟୀ ଜିନିଷକୁ ପସନ୍ଦ କରିବା ଉଚିତ। ଏହି ପ୍ରକ୍ରିୟାକୁ ବୈରାଗ୍ୟ କୁହାଯାଏ। ଏହା ହିଁ ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ପ୍ରଥମ ପଦକ୍ଷେପ। ସେଥିପାଇଁ ଏହାକୁ ଅସତୋ ମା ସଦ୍‌ଗମୟ ବୋଲି ଉପନିଷଦ କହିଛନ୍ତି। ଏତାଦୃଶ ପ୍ରକ୍ରିୟା ଅନୁସରଣ କରି ଯେତେବେଳେ ଜଣେ ସାଧକ ବେଶ୍ କିଛି ଉପଲବ୍ଧି ହାସଲ କରେ, ସେତେବେଳେ ସାଧକ ଜଣେ ଗୁରୁଙ୍କ ପାଖକୁ ଯାଏ ଅଧିକ ଗୂଢ଼ ତତ୍ତ୍ୱ ଶ୍ରବଣ କରିବାକୁ। ଏହାକୁ କୁହନ୍ତି ଶ୍ରବଣମ୍। ଗୁରୁଙ୍କ ପାଖରୁ ସାଧନାର ତତ୍ତ୍ୱ ଶ୍ରବଣ କରି ସାଧକ ରୀତିମତ ଉକ୍ତ ବିଷୟରେ ବାରମ୍ବାର ସ୍ୱୟଂ ନିଜର ବୁଦ୍ଧିକୁ ବ୍ୟବହାର କରି ଭାବିବାକୁ ଲାଗେ। ଏହି ପ୍ରକ୍ରିୟାକୁ କୁହନ୍ତି ମନନ। ତତ୍ ପଶ୍ଚାତ୍ ଗୁରୁ ବତେଇ ଥିବା ଶିକ୍ଷା ଉପରେ ମଣିଷ ସ୍ଥିର ଚିତ୍ତରେ ଧ୍ୟାନ ଅଭ୍ୟାସ କରେ। ଏହାକୁ କୁହନ୍ତି ନିଦିଧ୍ୟାସନ। ଏହି ଭାବରେ ସମ୍ପାଦିତ ପ୍ରକ୍ରିୟା ସାଧକକୁ ଜ୍ଞାନର ଆଲୋକ ଆଡ଼କୁ ନେଇଯାଏ। ସେଥିପାଇଁ ଏହାକୁ ତମସୋ ମା ଜ୍ୟୋତିର୍ଗମୟ ଭାବରେ ଉପନିଷଦରେ ସୂଚିତ କରାଯାଇଛି। ଶେଷରେ ଏହି ସାଧନ ପ୍ରକ୍ରିୟା ଯୋଗୁଁ ସାଧକ ଦେହ ଓ ମନ ଅଭିମାନରୁ ନିଜକୁ ଅଲଗା କରିବାକୁ ସକ୍ଷମ ହୁଏ ଏବଂ ଅନନ୍ତ ଶୁଦ୍ଧ ଚେତନା ସହିତ ନିଜକୁ ଚିହ୍ନିତ କରେ। ଏହି ମାର୍ଗରେ ଗତି କରି ଶେଷରେ ସାଧକ ଅମୃତତ୍ୱ ଲାଭ କରେ। ସେଥିପାଇଁ ଏହାକୁ ମୃତ୍ୟୋର୍ମା ଅମୃତଂ ଗମୟ ଭାବରେ ସୂଚିତ କରାଯାଇଛି। ସୁତରାଂ, ସତ୍-ଚିତ୍-ଆନନ୍ଦ ଯେତେବେଳେ ସତ୍ୟ, ଜ୍ଞାନ ଓ ଆନନ୍ଦ ଭାବରେ ପ୍ରଥମ ଓ ଦ୍ୱିତୀୟ ପଦକ୍ଷେପରେ ଅନୁଭୂତ ହୁଏ, ସେତେବେଳେ ସାଧକର ଆଧ୍ୟାତ୍ମିକ ସାଧନା ଶିଖର ଦେଶରେ ପହଞ୍ଚେ।■

# ଷଡ଼ଯନ୍ତ୍ରର ଅନ୍ୟ ନାମ ଅନୁପ୍ରବେଶ

ବିହାରରୁ ଅଲଗା ହୋଇ ୧୫ ନଭେମ୍ବର ୨୦୦୦ ମସିହାରେ ଝାଡ଼ଖଣ୍ଡ ଏକ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ପାଇଲା, ଯାହାର ରାଜଧାନୀ ହେଲା ରାଞ୍ଚି। ୮୧ଟି ବିଧାନସଭା, ୧୪ଟି ଲୋକସଭା ଓ ୬ଟି ରାଜ୍ୟସଭା ଆସନବିଶିଷ୍ଟ ଝାଡ଼ଖଣ୍ଡ ରାଜ୍ୟ, ୨୪ଟି ଜିଲ୍ଲାରେ ବିଭକ୍ତ। ଏହାର ସୀମା- ପୂର୍ବରେ ପଶ୍ଚିମବଙ୍ଗ, ପଶ୍ଚିମରେ ଛତିଶଗଡ଼, ଉତ୍ତର-ପଶ୍ଚିମରେ ଉତ୍ତରପ୍ରଦେଶ, ଉତ୍ତରରେ ବିହାର, ଦକ୍ଷିଣରେ ଓଡ଼ିଶା ସହିତ ଲାଗିଛି। ପ୍ରାକୃତିକ ଶୋଭା, ସମ୍ପଦ ଓ ବିଚିତ୍ରତା ପାଇଁ ଏହାକୁ ଲ୍ୟାଣ୍ଡ୍ ଅଫ୍ ଫରେଷ୍ଟ ବୋଲି ମଧ୍ୟ କୁହାଯାଏ। ଭାରତର ୪୦% ଖଣିଜ ଝାଡ଼ଖଣ୍ଡରେ ରହିଛି। ତେବେ ମଧ୍ୟ ଏହାର ୩୯% ଜନସଂଖ୍ୟା ଦାରିଦ୍ର୍ୟ ସୀମାରେଖାର ତଳେ ଓ ପ୍ରାୟ ୧୯% ଶିଶୁ ଅପପୁଷ୍ଟିର ଶିକାର ହେବା କ୍ଷୋଭର ବିଷୟ।



ରାଜୀବ ଗୋପାଳ ସ୍ୱାଇଁ

ଛୋଟନାଗପୁର, ହଜାରିବାଗ, ପାଲାମୁ, ସିଂହଭୂମ୍ ଇତ୍ୟାଦିରୁ ପ୍ରାପ୍ତ ଅନେକ ଗୁମ୍ଫା ଚିତ୍ର, ମାଟି ପାତ୍ର, ଲୁହା ମଳ ପ୍ରଭୃତି ବସ୍ତୁମାନଙ୍କର କାର୍ବନ୍ ଡେଟିଂ ଦ୍ୱାରା ଏ ଅଞ୍ଚଳ ମଧ୍ୟ ପ୍ରସ୍ତର ଯୁଗ, ତାମ୍ର ଯୁଗ, ଲୌହ ଯୁଗ ସହିତ ସମ୍ପର୍କିତ ବୋଲି ପ୍ରମାଣିତ ହୋଇଛି। ଏପରି ଏକ ପୁରାତନ ସଭ୍ୟତାର ଦାୟାଦ ହେଲେ ତା'ର ଆଦିମ ଅଧିବାସୀ। ସେମାନେ ହିଁ ଉକ୍ତ ମାଟିର ପ୍ରକୃତ ସନ୍ତାନ ଓ ପରିଚୟ। ଇଂରେଜମାନଙ୍କ ବିରୁଦ୍ଧରେ ଏହି ଆଦିମ ଅଧିବାସୀମାନଙ୍କର ଜନଜାତୀୟ ବିଦ୍ରୋହ ପ୍ରଥମେ ୧୭୬୭ ମସିହାରେ ଜାଗନ୍ନାଥ ସିଂହ ପାତରଙ୍କ ନେତୃତ୍ୱରେ ସଂଘଟିତ ହୋଇଥିଲା। ତାଙ୍କ ସହିତ ଥିଲେ ଭୂମିଜ ଆଦିବାସୀଗଣ। ପରେ ଜମିଦାରମାନଙ୍କ ବିରୁଦ୍ଧରେ ଯେଉଁ ସଂଗ୍ରାମ ଓ ବ୍ରିଟିଶ୍ ଶାସନ ବିରୁଦ୍ଧରେ ବିଦ୍ରୋହ ହୋଇଥିଲା, ସେଥିରେ ଭୂମିଜ, ମୁଣ୍ଡା, ସାନ୍ତାଳମାନେ ସକ୍ରିୟ ଭୂମିକା ନେଇଥିଲେ। ସାନ୍ତାଳ ଜନଜାତିର ଲୋକମାନେ ଅଷ୍ଟାଦଶ ଶତାବ୍ଦୀରେ ଝାଡ଼ଖଣ୍ଡର ରାଜମହଲ ପାର୍ବତ୍ୟାଞ୍ଚଳରେ ବସବାସ କରିବାକୁ ଆରମ୍ଭ କରିଥିଲେ। ୧୮୫୭ ମସିହା ସିପାହି ବିଦ୍ରୋହ ପୂର୍ବରୁ ୧୮୫୫ ମସିହାରେ ଏହି ବୀର ଜନଜାତି ସିଦ୍ଧୁ ଓ କାହ୍ନୁ ନାମକ ଦୁଇ ଭାଇଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ, ବୀର ବିର୍ସା ମୁଣ୍ଡାଙ୍କ ନାମ ମଧ୍ୟ ପ୍ରାତଃସ୍ମରଣୀୟ। ଇଂରେଜମାନେ ଏହି ଅଞ୍ଚଳକୁ ସାନ୍ତାଳ ପରଗଣା ଭାବରେ ନାମିତ କରିଥିଲେ। ଏପରି ସଂଘର୍ଷ ସମୟରୁ ହିଁ ଏହି ଜନଜାତିର ଲୋକମାନେ ନିଜ ଭୂସମ୍ପତ୍ତିକୁ ଅଣଆଦିବାସୀ ଲୋକଙ୍କୁ ନ ବିକିବା ପାଇଁ ନିୟମ ପ୍ରଣୟନ କରିଥିଲେ। କିନ୍ତୁ ସେମାନେ ଏବେ ଷଡ଼ଯନ୍ତ୍ରର ଶିକାର ହେଉଛନ୍ତି। ଛଳନା ଦ୍ୱାରା ସେମାନଙ୍କ ପାଖରୁ ଜଳ, ଜମି, ଜଙ୍ଗଲ ଛଡ଼ାଇ ନେବାକୁ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ସେମାନେ ଅବହେଳିତ, ଦୁଃସ୍ଥ ତଥା ଅଭାବ ଅନଟନରେ କାଳାତିପାତ କରୁଛନ୍ତି। ସେହି ବୀର ଜନଜାତି ନିଜର ଅସ୍ମିତା ଓ ଅସ୍ତିତ୍ୱ ପାଇଁ ସଂଘର୍ଷ କରିବା ଅତ୍ୟନ୍ତ କଷ୍ଟଦାୟକ ଓ ତାହା ଆମର ଶାସନତନ୍ତ୍ର ପ୍ରତି ପ୍ରଶ୍ନବାଚୀ ସୃଷ୍ଟିକରେ।

ଝାଡ଼ଖଣ୍ଡର ପାକୁଡ, ସାହିବଗ, ଗୋଡ୍‌ଡା, ଜାମତାଡା, ଦୁମକା ଓ ଦେଓଘର ଅଞ୍ଚଳକୁ ସାନ୍ତାଳ ପରଗଣା ବୋଲି ବୁଝାଏ। ଝାଡ଼ଖଣ୍ଡ ସରକାର ଏକଥା ସ୍ୱୀକାର କରନ୍ତି ଯେ ସାନ୍ତାଳ ପରଗଣା ଓ ଅନ୍ୟାନ୍ୟ ଜିଲ୍ଲାରେ ବାଂଲାଦେଶୀ ମୁସଲମାନମାନଙ୍କର ଅନୁପ୍ରବେଶ ଘଟିଛି। ବାଂଲାଦେଶୀ ଅନୁପ୍ରବେଶକାରୀମାନେ ପ୍ରଥମେ ଅନ୍ତଃରାଷ୍ଟ୍ରୀୟ ସୀମାରେଖା ପାଲଟି ଥିବା ନଦୀ ଓ ସନ୍ତସନ୍ତିଆ ଅଞ୍ଚଳ ଦେଇ ପଶ୍ଚିମବଙ୍ଗରେ ପହଞ୍ଚିଥାନ୍ତି। ପଶ୍ଚିମବଙ୍ଗର ମୁର୍ସିଦାବାଦ ସୀମା ଅତିକ୍ରମ କରି ଝାଡ଼ଖଣ୍ଡର ପାକୁଡ ଓ ପରେ ପାକୁଡରୁ ଟ୍ରେନ୍ ଯୋଗେ ସାହିବଗ ପହଞ୍ଚିବା ପାଇଁ ତାଙ୍କୁ କୌଣସି ଅସୁବିଧା ହୋଇ ନଥାଏ। ସେହିପରି ଏମାନେ ନୌକାରେ ଗଙ୍ଗା ନଦୀ ପାର ହୋଇ ସାହିବଗରୁ ବିହାରର କଟିହାରରେ ଅକ୍ଳେଶରେ ପହଞ୍ଚିଥାନ୍ତି। ଏମାନଙ୍କର ପ୍ରଥମେ ଆଶ୍ରୟ ସ୍ଥଳ ପାଲଟନ୍ତି ବିଭିନ୍ନ ମଦ୍ରାସା। ଅସାଧୁ ଶାସନତନ୍ତ୍ର ଓ ସ୍ଥାନୀୟ ଧର୍ମାନ୍ଧ କୁଚକ୍ରୀ ଗୋଷ୍ଠୀଙ୍କ ମିଳିତ ପ୍ରୟାସରେ ଅବୈଧ ଅନୁପ୍ରବେଶକାରୀମାନଙ୍କୁ ଭୋଟର ତାଲିକାରେ ସ୍ଥାନ ମିଳିଯାଏ। ସେମାନେ ସ୍ଥାୟୀ ବାସିନ୍ଦାର ମାନ୍ୟତା ସହ ସାବଲୀଳ ବିଚରଣ କରନ୍ତି। ଯୋଜନାବଦ୍ଧ ଭାବେ ଆଦିବାସୀମାନଙ୍କର ନିକଟବର୍ତ୍ତୀ ହୋଇ ଅତି ସହଜରେ ଆଦିବାସୀ ଝିଅମାନଙ୍କ ସହ ବିବାହ କରନ୍ତି। ଝାଡ଼ଖଣ୍ଡର ସୀମାବର୍ତ୍ତୀ ପଞ୍ଚାୟତଗୁଡ଼ିକୁ ଦେଖିଲେ ଏ ଡେମୋଗ୍ରାଫିକ୍ ପରିବର୍ତ୍ତନ ବିଷୟରେ ସ୍ପଷ୍ଟ ସୂଚନା ମିଳେ। ଏକୁଟିଆ ଉଦ୍ଧୱା ବ୍ଲକ୍‌ରେ ନୂଆକରି ଗଠିତ ହୋଇଥିବା ସମସ୍ତ ୮ଟି ପଞ୍ଚାୟତ ମୁସଲମାନଙ୍କ ଦ୍ୱାରା ଶାସିତ ହେବା ଏ କଥାର ସୁଦୃଢ଼ ପ୍ରମାଣ। ଯେଉଁ କେତେକ ପଞ୍ଚାୟତରେ ଆଦିବାସୀ ମହିଳା ସରପଞ୍ଚ ଦେଖିବାକୁ ମିଳନ୍ତି, ସେମାନଙ୍କ ସ୍ୱାମୀ ସବୁ ବାଂଲାଦେଶୀ ମୁସଲମାନ। ଏହି ମହିଳା ସରପଞ୍ଚମାନେ ନିଜର ଧର୍ମ ପରିବର୍ତ୍ତନ କରି ମୁସଲମାନ ହୋଇ ସାରିଛନ୍ତି। ଆଉ ପ୍ରକୃତରେ ସେମାନଙ୍କ ସ୍ୱାମୀମାନେ ହିଁ ଏ ସମସ୍ତ ପଞ୍ଚାୟତର ମୁଖିଆ ଓ ପରୋକ୍ଷରେ ଆଦିବାସୀ ଜମିର ଅଧିକାରୀ। ପ୍ରଶାସନର ଆଖି ଆଗରେ ତଥା ଅସାଧୁ ଧର୍ମୀୟ ଗୋଷ୍ଠୀର ଚକ୍ରାନ୍ତରେ ବିଦେଶୀ ଅନୁପ୍ରବେଶକାରୀଗଣ ଆମ ଦେଶର ଆଭ୍ୟନ୍ତରୀଣ ଶାସନ ବ୍ୟବସ୍ଥାରେ ସାମିଲ୍ ହେବା ଆମ ଗଣତନ୍ତ୍ର ପାଇଁ ଶୁଭ ସଂକେତ ନୁହେଁ।

ଝାଡ଼ଖଣ୍ଡର ପାକୁଡ ଜିଲ୍ଲାଟି ପଶ୍ଚିମବଙ୍ଗର ମୁସଲିମ ବହୁଳ ମୁର୍ସିଦାବାଦ ସୀମା କ୍ଷେତ୍ର ସହିତ ଲାଗି ରହିଛି। ଏଇ କିଛି ବର୍ଷ ମଧ୍ୟରେ ପାକୁଡ ସହରର ଭିତରେ ଓ ବାହାରେ ସଂଖ୍ୟାଧିକ ମଦ୍ରାସା ଓ ମସଜିଦ୍ ଦେଖିବାକୁ ମିଳେ। ଏକୁଟିଆ ସାହିବଗରେ ହିଁ ୪୩ଟି ରାଜ୍ୟ ଅନୁଦାନପ୍ରାପ୍ତ ମଦ୍ରାସା ରହିଛି। ତୁଳନାତ୍ମକ ଭାବରେ ୨୦୦୧ ଓ ୨୦୧୧ ଜନଗଣନାକୁ ଦେଖିଲେ ଜଣାଯାଏ ଯେ ପାକୁଡରେ ୪୨% ମୁସଲମାନ ବଢ଼ିଥିଲା ବେଳେ ସାନ୍ତାଳ ଜନସଂଖ୍ୟାରେ ୧୯.୫% ବୃଦ୍ଧି ଘଟିଛି। ସାହିବଗରେ ୩୭% ମୁସଲମାନ ଜନସଂଖ୍ୟା ବଢ଼ିଥିବା ବେଳେ ସାନ୍ତାଳ ଜନସଂଖ୍ୟାରେ ମାତ୍ର ୧୦.୮%ର ବୃଦ୍ଧି ଦେଖା ଯାଇଛି। ୨୦୦୮ ମସିହା ବେଳକୁ ସମ୍ପୂର୍ଣ୍ଣ ସାନ୍ତାଳ ପରଗଣାରେ ମୋଟ ଜନସଂଖ୍ୟାର ୧୯% ମୁସଲମାନ ଓ ୬୧% ଆଦିବାସୀ ଥିଲେ। କିନ୍ତୁ ଏବେ ଆଦିବାସୀମାନେ ୪୦%କୁ ଖସି ଆସିଥିବା ବେଳେ ମୁସଲମାନମାନଙ୍କ ସଂଖ୍ୟା ବଢ଼ି ୪୦%ରେ ପହଞ୍ଚିଛି। ସାନ୍ତାଳ ପରଗଣାରେ ମୁସଲମାନମାନଙ୍କର ସଂଖ୍ୟା ବୃଦ୍ଧି ଓ ଆଦିବାସୀ ଜନସଂଖ୍ୟାରେ ଦ୍ରୁତ ହ୍ରାସ ପାଇଁ ମୁଖ୍ୟତଃ ବାଂଲାଦେଶୀ ମୁସଲମାନମାନଙ୍କ ଅନୁପ୍ରବେଶକୁ ଦାୟୀ କରାଯାଏ। ଅନୁପ୍ରବେଶକାରୀମାନେ ଆଦିବାସୀ ଝିଅମାନଙ୍କ ସହିତ ବିବାହ, ଉକ୍ତ ମହିଳାମାନଙ୍କ ଧର୍ମାନ୍ତରୀକରଣ, ସେମାନଙ୍କ ସହିତ ଅନିୟନ୍ତ୍ରିତ ପରିବାର ବୃଦ୍ଧି ଓ ଜନ୍ମିତ ପିଲାମାନେ ସ୍ୱତଃ ମୁସଲମାନ ହେଉଥିଲା ବେଳେ ମୂଳ ଆଦିବାସୀମାନେ ଜନ୍ମ ନିୟନ୍ତ୍ରଣର ଅଭ୍ୟାସ କରୁଥିବାରୁ ଏହା ହିଁ ଡେମୋଗ୍ରାଫିକ୍ ପରିବର୍ତ୍ତନର ମୂଳ କାରଣ ବୋଲି ସେଠାରେ ସମସ୍ତେ ଅବଗତ ଅଛନ୍ତି॥

ଜନସଂଖ୍ୟାରେ ଏପରି ଅସ୍ୱାଭାବିକ ପରିବର୍ତ୍ତନକୁ ନେଇ ଅନେକ ରାଜନୈତିକ ଆରୋପ, ପ୍ରତ୍ୟାରୋପ ଦେଖିବାକୁ ମିଳେ। ବିଜେପି ସାଂସଦ ନିଶିକାନ୍ତ ଦୁବେ ଏ ସମ୍ପର୍କରେ ସଂସଦରେ ପ୍ରଶ୍ନ ଉଠାଇ ସାରିଛନ୍ତି। ସେ କୁହନ୍ତି ଯେ ଏହା ଏକ ଷଡ଼ଯନ୍ତ୍ରର ଅଂଶବିଶେଷ। ଅବିଭକ୍ତ ବିହାର ଓ ପଶ୍ଚିମବଙ୍ଗର ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକ ମୁସଲମାନ ବହୁଳ ହେବା ଏହାର ପ୍ରମାଣ ତଥା ଆଦିବାସୀମାନଙ୍କ ସଂଖ୍ୟା ହ୍ରାସ ଏକ ଚିନ୍ତାଜନକ ବିଷୟ। ୧୯୫୧ ଜନଗଣନା ଓ ୧୯୫୨ର ଭୋଟର ତାଲିକାକୁ ଆଧାର କରି ଏଠାରେ ଜାତୀୟ ନାଗରିକ ପଞ୍ଜିକରଣ (ଏନ୍‌ଆର୍‌ସି) ଆଇନ୍ ଲାଗୁ କରାଯିବାକୁ ଝାଡ଼ଖଣ୍ଡ ବିଧାନସଭାରେ ମଧ୍ୟ କଥା ଉଠିଛି। ଏହା ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହିତ ଏ ପ୍ରକାରର ଡେମୋଗ୍ରାଫିକ୍ ପରିବର୍ତ୍ତନକୁ ରୋକି ପାରିବ ବୋଲି ଆଲୋଚନା ହୋଇଛି। କିନ୍ତୁ ଝାଡ଼ଖଣ୍ଡ ସରକାର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ଶାସକ ଦଳ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଏହାକୁ ବିଜେପିର ଅପପ୍ରଚାର ବୋଲି କହୁଥିବା ବେଳେ କଂଗ୍ରେସର ଆଲମ୍‌ଗିରି ଆଲମ୍ କୁହନ୍ତି, ଏହା କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରର ଚରମ ବିଫଳତା ଓ ଅପାରଗତା, କାରଣ ସୀମାର ସୁରକ୍ଷା ହେଉଛି କେନ୍ଦ୍ର ସରକାରଙ୍କ ଅଧୀନ ଓ ଅନୁପ୍ରବେଶ ବନ୍ଦ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ନଦୀ ନିଜେ ଅନ୍ତଃରାଷ୍ଟ୍ରୀୟ ସୀମା ହୋଇଥିବାରୁ ତା' ଉପରେ ତାରବାଡ଼ ଦେବା ସମ୍ଭବ ହୋଇନାହିଁ। ଏହି ପ୍ରାକୃତିକ ପ୍ରତିବନ୍ଧକର ଆଢୁଆଳରେ ଅନୁପ୍ରବେଶ ଘଟିଥାଏ। ଏହା ସୀମା ସୁରକ୍ଷା ବଳଙ୍କ ପାଇଁ ଏକ ସମସ୍ୟା ବୋଲି ସରକାର ସ୍ୱୀକାର କରନ୍ତି। ଯେଉଁ ସ୍ଥାନୀୟ ଲୋକ ଅନୁପ୍ରବେଶକାରୀଙ୍କୁ ଶରଣ ଦେଉଛନ୍ତି, ସେଇମାନେ ହିଁ ହେଉଛନ୍ତି ପ୍ରକୃତ ଅପରାଧୀ। ଏଭଳି ପରିସ୍ଥିତିରେ ସାନ୍ତାଳ ପରଗଣାରେ ଏନ୍‌ଆର୍‌ସି ହିଁ ଏକମାତ୍ର ଉପାୟ ବୋଲି ବିଜେପିର ନିଶିକାନ୍ତ ଦୁବେ କୁହନ୍ତି।

ଏ ସମ୍ପର୍କରେ ରାଞ୍ଚି ଉଚ୍ଚ ନ୍ୟାୟାଳୟରେ ସୟଦ୍ ଦାନିଏଲ୍ ଦାନିଶ୍‌ଙ୍କ ଦ୍ୱାରା ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି, ଯାହାର ମୁଖ୍ୟ ପ୍ରସଙ୍ଗ ରହିଛି, ସାନ୍ତାଳ ପରଗଣାର ପାଞ୍ଚ ଜିଲ୍ଲା ସାହିବଗ, ଗୋଡ୍‌ଡା, ପାକୁଡ, ଦୁମକା ଓ ଜାମତାଡାରେ ଅବୈଧ ମଦ୍ରାସା, ଅନୁପ୍ରବେଶ ତଥା ଆଦିବାସୀ ମହିଳାଙ୍କ ସହିତ ବାଂଲାଦେଶୀ ମୁସଲମାନଙ୍କ ବିବାହ। କିନ୍ତୁ ନ୍ୟାୟିକ ବ୍ୟବସ୍ଥାରେ ଏହାର ସମାଧାନ କେବେ ଓ କିପରି ହେବ, ତାହା ଦେଖିବାକୁ ବାକି ରହିଛି। ଅନ୍ୟ ପକ୍ଷରେ ଯଦି ରାଜନୈତିକ ସ୍ତରରେ ଏହି ପ୍ରକ୍ରିୟାର ଆଶୁ ସମାଧାନ କରା ନଯାଏ, ତେବେ ତା'ର ପରିଣତି ଯେ ସମଗ୍ର ଦେଶ ଭୋଗ କରିବ, ଏଥିରେ ତିଳାର୍ଦ୍ଧେ ସନ୍ଦେହ ନାହିଁ। ଦେଶ ଭିତରେ ଥାଇ ଦେଶର ସାମାଜିକ ଭାରସାମ୍ୟ ନଷ୍ଟ କରୁଥିବା, ଜନସଂଖ୍ୟା ସମ୍ପର୍କୀୟ ଯୋଜନାବଦ୍ଧ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିବା ତତ୍ତ୍ୱମାନଙ୍କ ପ୍ରତି ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନକୁ ଦେଶବାସୀ ନିଶ୍ଚୟ ଅପେକ୍ଷା କରିବେ। ରାଜ୍ୟ ତଥା ଦେଶର ଶାନ୍ତି, ସୁରକ୍ଷା ଓ ସ୍ଥିରତା ପ୍ରଭାବିତ ହେବା ପୂର୍ବରୁ ଆନୁଷଙ୍ଗିକ ପଦକ୍ଷେପ ଅତି ଆବଶ୍ୟକ।

କେବଳ ଯେ ଝାଡ଼ଖଣ୍ଡ ଏପରି ଘଟଣାରେ ଆକ୍ରାନ୍ତ, ତାହା ନୁହେଁ; କେରଳ, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ବିହାର ପରି ଅନେକ ରାଜ୍ୟ ଓ ଅଞ୍ଚଳ ଏପରି ସମସ୍ୟାରେ ଜର୍ଜରିତ। ଓଡ଼ିଶାର କେତେକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ, ଯେପରିକି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଇତ୍ୟାଦିରେ ଅନେକ ବାଂଲାଦେଶୀ ଅନୁପ୍ରବେଶକାରୀ ଦେଖିବାକୁ ମିଳନ୍ତି। ସରକାରୀ ହିସାବରେ ଏମାନଙ୍କ ସଂଖ୍ୟା ପ୍ରାୟ ଚାରି ହଜାର ଥିଲା ବେଳେ ଏହା ପ୍ରକୃତ ସତ୍ୟ ନୁହେଁ। ଏହାଠାରୁ ଅନେକ ଗୁଣରେ ଅଧିକ ଅନୁପ୍ରବେଶକାରୀ ସାରା ରାଜ୍ୟରେ ଘୁରି ବୁଲୁଛନ୍ତି। ଓଡ଼ିଶା ସରକାର ଏଥି ପ୍ରତି ସଜାଗ ରହିବା ବାଞ୍ଛନୀୟ। ଆମେ ସାଧାରଣ ନାଗରିକ ଭାବରେ ନିଜ ଅଞ୍ଚଳର ସରକାରୀ, ପତିତ, ମନ୍ଦିର, ଜମି, ନଦୀପଠା, ମୁହାଣ ଓ ଜଳାଶୟ, କେନାଲ, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ରାସ୍ତାକଡ଼ ଇତ୍ୟାଦି ଅଞ୍ଚଳରେ ଯଦି କୌଣସି ଅଚିହ୍ନା ଲୋକ କି ଫେରି କରୁଥିବା କି ସନ୍ଦେହଜନକ ଭାବରେ ଘୁରି ବୁଲୁଥିବା ଅଚିହ୍ନା ଲୋକ ଅବୈଧ ଜବରଦଖଲ କରୁଥିବା ଦେଖନ୍ତି, ତେବେ ସେମାନଙ୍କ ପ୍ରତି ସତର୍କ ହେବା ବିଧେୟ। ଦୃଢ଼ତାର ସହିତ ତାହାର ବିରୋଧ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ଆବଶ୍ୟକ। ଘର ତୋଳିବାକୁ ପଶ୍ଚିମବଙ୍ଗରୁ ଆସୁଥିବା ଶ୍ରମିକ, ମିସ୍ତ୍ରୀ ମଧ୍ୟ ଆପଣଙ୍କ ତାଲିକାରୁ ବାଦ୍ ପଡ଼ିବା ଉଚିତ୍ ନୁହେଁ। ଖାଲି ସେତିକି ନୁହେଁ, ଆପଣ ଆପଣଙ୍କ ପାଖାପାଖି ଗଢ଼ି ଉଠୁଥିବା ଅବୈଧ ମାଂସ ଦୋକାନ, ଝୁମ୍ପୁଡ଼ିଗୁଡ଼ିକୁ ବି ନିଶ୍ଚୟ ଦୃଷ୍ଟି ରଖନ୍ତୁ । ଶିଳ୍ପାଞ୍ଚଳରେ କର୍ତ୍ତୃପକ୍ଷ ତଥା ଅଞ୍ଚଳବାସୀ- ଉଭୟ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ୍। ଚେଷ୍ଟା କରନ୍ତୁ ସେମାନେ ଯେପରି ଆପଣଙ୍କ ସାଧାରଣ ଜୀବନର ଅଂଶ ପାଲଟି ଆପଣଙ୍କ ଶାନ୍ତି ଓ ସୌହାର୍ଦ୍ଦ୍ୟ ନଷ୍ଟ କରି ପାରିବେ ନାହିଁ।■

ନାଲକୋ ନଗର, ଅନୁଗୁଳ,
ମୋ: ୭୬୮୪୯୮୯୫୫୭
rajibrvpl@gmail.com

# ସଙ୍ଗୀତ: ରୋଗର ମହୌଷଧି

ସଙ୍ଗୀତର ମୂର୍ଚ୍ଛନା ବ୍ୟକ୍ତିର ହୃଦୟତନ୍ତ୍ରୀକୁ ସ୍ପର୍ଶ କରିବା ସହିତ ମନକୁ ଗଭୀର ଭାବେ ପ୍ରଭାବିତ କରିଥାଏ ଏବଂ ସ୍ୱରରେ ଥିବା ମନଛୁଆଁ ଆକର୍ଷଣ ଓ ଅନ୍ତର୍ନିହିତ ଭାବ ବ୍ୟକ୍ତିକୁ ବେଳେ ବେଳେ ଭାବ ବିହ୍ୱଳ କରିଦିଏ। ସନ୍ଧ୍ୟାରେ ଗାଁ ମନ୍ଦିର, ଗ୍ରାମ ଦେବତୀ ଓ ଭାଗବତ ଘରେ ବାଜୁଥିବା ଘଣ୍ଟ, ଘଣ୍ଟା ଓ ଶଙ୍ଖ ଧ୍ୱନିର ତରଙ୍ଗ କାନରେ ବାଜିଲେ ଦିନଯାକର କ୍ଳାନ୍ତି କେବଳ ମେଣ୍ଟିଯାଏ ନାହିଁ, ଭାରାକ୍ରାନ୍ତ ମନକୁ ମଧ୍ୟ ହାଲ୍‌କା କରିଦିଏ। ମନରେ ଏକ ଶାନ୍ତ ଓ ଆଧ୍ୟାତ୍ମିକ ଚେତନା ଭରିଦିଏ। ସେଇଥିପାଇଁ ବୋଧହୁଏ ଆଦିମ କାଳରୁ ପୂର୍ବପୁରୁଷମାନେ ସକାଳ ଓ ସନ୍ଧ୍ୟାରେ ଦେବାଳୟମାନଙ୍କରେ ଘଣ୍ଟ, ଘଣ୍ଟା ଓ ଶଙ୍ଖ ଧ୍ୱନି ବ୍ୟବସ୍ଥାର ପ୍ରଚଳନ କରି ଆସିଛନ୍ତି।

ଆମେ ସହରୀ ଜୀବନରେ ଏବେ ସେହି ପରମ୍ପରାକୁ ପାସୋରି ଯାଇଛୁ। କିଛି ଗାଁରେ ଏହି ପରମ୍ପରା ଏବେ ବି ଚାଲିଛି। ସହରୀ ଜୀବନରେ ଏହାର ବ୍ୟତିକ୍ରମ ଦେଖା ଯାଉଛି। ସହରୀ ଜୀବନରେ ଦିନସାରା କ୍ଳାନ୍ତ ହୋଇ ଅଫିସରୁ କିମ୍ବା କର୍ମସ୍ଥଳୀରୁ ଫେରିବା ପରେ କ୍ଳାନ୍ତି ମେଣ୍ଟାଇବା ପାଇଁ ଆମେ ଟିଭି ଖୋଲି ବସି ଯାଉଛୁ, ଯାହା ଶରୀର ପାଇଁ କେବେ ବି ଲାଭଦାୟକ ନୁହେଁ ବୋଲି ଡାକ୍ତରମାନଙ୍କ ମତ।



ଅମ୍ବିକା ପ୍ରସାଦ କାନୁନ୍‌ଗୋ

**ଆମମାନଙ୍କ ଅନୁଭବ:** ଅନେକେ ଅନୁଭବ କରିଥିବେ ଯେ ସକାଳୁ ବିଛଣା ଛାଡ଼ିଲା ବେଳକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ, ମହାମନ୍ତ୍ର, ଗଣେଶଙ୍କ ବନ୍ଦନା, ଗାୟତ୍ରୀ ମନ୍ତ୍ର, ଭଜନ କୀର୍ତ୍ତନ ଆଦି ଘରେ ଯଦି ଟିଭି, ରେଡ଼ିଓ କିମ୍ବା ସାଉଣ୍ଡ ବକ୍ସରେ ବାଜୁଥାଏ, ତାହା ମନ ଭିତରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ସହ ମନ ଉପରେ ସକାରାତ୍ମକ ପ୍ରଭାବ ପକାଇ ଥାଏ ଏବଂ ସେହି ଦିନଟି ଭଲରେ କଟିଥିବାର ଅନୁଭବ ଅନେକଙ୍କର ରହିଛି।

**ମସ୍ତିଷ୍କର ସ୍ନାୟୁକୋଷ ସହ ଶରୀରର ଶିରା ପ୍ରଶିରା ସଂଲଗ୍ନ:** ସାଧାରଣତଃ ମଣିଷ ଶରୀରରେ ଯେତେ ଶିରା ପ୍ରଶିରା ରହିଛି, ତାହା ମସ୍ତିଷ୍କରେ ଥିବା ସ୍ନାୟୁକୋଷ ସହ ସଂଲଗ୍ନ ଓ ତାହାଦ୍ୱାରା ନିୟନ୍ତ୍ରଣାଧୀନ। ଯେତେବେଳେ ସ୍ନାୟୁକୋଷ ନିଷ୍କ୍ରିୟ କିମ୍ବା ଦୁର୍ବଳ ହୋଇପଡ଼େ, ସେତେବେଳେ ଶରୀରରେ କେତେକ ସମସ୍ୟା ସୃଷ୍ଟିହୁଏ ଏବଂ ଚିକିତ୍ସା ଆବଶ୍ୟକ ହୋଇପଡ଼େ। ଡାକ୍ତରମାନଙ୍କ ମତରେ, ଶରୀରର ସମସ୍ତ କ୍ରିୟାର ନିୟନ୍ତ୍ରଣ ମସ୍ତିଷ୍କରେ ରହିଛି।

**ଶବ୍ଦ ତରଙ୍ଗ କିପରି କାମ କରେ:** ଜଣେ ଯେତେବେଳେ ଗୀତଟିଏ ବୋଲେ କିମ୍ବା ଟିଭି, ରେଡ଼ିଓ କିମ୍ବା ମାଇକ୍‌ରେ ସଙ୍ଗୀତ ବାଜିଲେ ସେହି ଶବ୍ଦ ବାୟୁମଣ୍ଡଳ ବା ଇଥରରେ ଏକ ତରଙ୍ଗ ସୃଷ୍ଟିକରେ। ଏହି ତରଙ୍ଗ ବୃତ୍ତାକାର ଧାରଣ କରି କ୍ରମେ ସମ୍ପ୍ରସାରିତ ହୋଇ ଚାଲେ। ଏହି ଶବ୍ଦ ତରଙ୍ଗ ଯେତେବେଳେ ବ୍ୟକ୍ତିର ଶ୍ରବଣେନ୍ଦ୍ରିୟକୁ ସ୍ପର୍ଶ କରେ, ସେତେବେଳେ ଶ୍ରବଣେନ୍ଦ୍ରିୟ ବା କାନ ଗହ୍ୱରରେ ଥିବା ସୂକ୍ଷ୍ମ ପରଦାରେ ଶବ୍ଦ ତରଙ୍ଗ ଆଘାତ କରେ ଏବଂ ସେହି ଶବ୍ଦ ତରଙ୍ଗ କ୍ରମେ କ୍ରିୟାଶୀଳ ହୋଇ ମସ୍ତିଷ୍କର ସ୍ନାୟୁରେ ସୂକ୍ଷ୍ମ ଆଘାତ ଦେଇଥାଏ। ସେହି ପ୍ରକ୍ରିୟା ମସ୍ତିଷ୍କରେ ଥିବା ସ୍ନାୟୁକୋଷଗୁଡ଼ିକୁ ସକ୍ରିୟ କରେ। ଫଳରେ ସ୍ନାୟୁକୋଷ ସହିତ ଯୋଡ଼ି ହୋଇ ଥିବା ଶିରା ପ୍ରଶିରାଗୁଡ଼ିକ କ୍ରମେ କ୍ରିୟାଶୀଳ ହୋଇ ପଡ଼ିବା ସହିତ ପୂର୍ବ ଭଳି କାର୍ଯ୍ୟ କରିବା ଆରମ୍ଭ କରିଦିଏ। ଫଳରେ ସ୍ନାୟୁ ସମ୍ପର୍କିତ ପୀଡ଼ିତ କେତେକ ରୋଗରୁ ରୋଗୀକୁ ଉପଶମ ମିଳିଥାଏ ଏବଂ ବ୍ୟକ୍ତିର ମାନସିକ ପ୍ରକ୍ରିୟାରେ ପରିବର୍ତ୍ତନ ଘଟେ। ମନ ଉତ୍‌ଫୁଲ୍ଲିତ ହୋଇଉଠେ।

**ସଙ୍ଗୀତର ସାତ ସୁରେ ଜୀବନ ବନ୍ଧା:** ସଙ୍ଗୀତର ସାତ ସୁରେ ( ସା ରେ ଗା ମା ପା ଧା ନି) ବନ୍ଧା ଏ ଜୀବନ। ଗବେଷକମାନଙ୍କ ମତରେ, ପ୍ରତି ସ୍ୱରର ପ୍ରଭାବ ମଣିଷର ମନ ଓ ସ୍ନାୟୁ ଉପରେ ରହିଛି। ମନୋବ୍ୟାଧି ଚିକିତ୍ସା ବିଶେଷଜ୍ଞ ତଥା ଗବେଷକ ମାଇକେଲ ହେଡରିକଙ୍କ ମତରେ, ନିୟମିତ ଭାବେ ନିଜ ପସନ୍ଦର ଗୀତ ଶୁଣିଲେ ମସ୍ତିଷ୍କରେ ରକ୍ତ ସଞ୍ଚାଳନ ବୃଦ୍ଧି ହେବା ସହିତ ସ୍ମରଣ ଶକ୍ତିର ମଧ୍ୟ ବୃଦ୍ଧି ଘଟିଥାଏ। ସଙ୍ଗୀତର ତରଙ୍ଗ ବୟସ୍କ ବ୍ୟକ୍ତି, ବାର୍ଦ୍ଧକ୍ୟଜନିତ ମସ୍ତିଷ୍କ ରୋଗ (ଆଲଝେଇମର), ପାର୍କିନ୍‌ସନ୍ ରୋଗ, ଉଚ୍ଚ ରକ୍ତଚାପ, ଆବେଗ ଓ ଉଦ୍‌ବେଗଜନିତ ଚାପ ଆଦିରୁ ସୁସ୍ଥ ଅବସ୍ଥାକୁ ଫେରାଇ ଆଣିବାରେ ଯଥେଷ୍ଟ ସମ୍ଭାବନା ରହିଛି। ଶାସ୍ତ୍ରୀୟ ସଙ୍ଗୀତ ନିୟମିତ ଶୁଣିବା ଦ୍ୱାରା ବ୍ୟକ୍ତିର ଧିଶକ୍ତି ପ୍ରଖର ହୋଇଥାଏ ବୋଲି ଗବେଷକମାନେ କହିଛନ୍ତି।

**ସଙ୍ଗୀତର ପ୍ରକାର ଭେଦ:** ସାଧାରଣତଃ ସଙ୍ଗୀତର ଅନେକ ପ୍ରକାର ରହିଛି। ପ୍ରତ୍ୟେକଟି ସଙ୍ଗୀତର ଧାରା, ଶବ୍ଦର ତରଙ୍ଗ ଓ ଗତି ଭିନ୍ନ ଭିନ୍ନ। ସ୍ୱର ସ୍ନାୟୁକୋଷରେ ନାନା ପ୍ରକାର ତରଙ୍ଗ (ଉନ୍ମାଦନା) ସୃଷ୍ଟିକରେ। ଅନେକ ଅନୁଭବୀ କୁହନ୍ତି ଯେ ଭକ୍ତି ସଙ୍ଗୀତର ସ୍ୱର ମନରେ ତନ୍ମୟତା ଓ ତଲ୍ଲୀନତା ଭାବ ସୃଷ୍ଟି କରିବା ବେଳେ ଦେଶାତ୍ମବୋଧକ ସଙ୍ଗୀତ ମନରେ ବୀରତ୍ୱ ଓ ଦେଶପ୍ରେମର ଭାବ ଜାଗ୍ରତ କରାଇ ଥାଏ। ଦୁଃଖ ବା ଦରଦୀ ଭାବର ସଙ୍ଗୀତ ହୃଦୟର ସମସ୍ତ ପ୍ରକାର ଉତ୍ସାହ ଓ ଉଦ୍ଦୀପନାକୁ ନିୟନ୍ତ୍ରଣ କରି ମଣିଷକୁ ଭିନ୍ନ ଏକ ଭାବ ଜଗତକୁ ନେଇଯାଏ। ସେହିପରି ପ୍ରେମ ଓ ପ୍ରଣୟର ସଙ୍ଗୀତ ମନରେ ଏକ କାଳ୍ପନିକ ରୋମାଞ୍ଚକର ଭାବ ସୃଷ୍ଟି କରୁଥିବା ବେଳେ ମନ ପସନ୍ଦର ଚଳଚ୍ଚିତ୍ର ଗୀତଟିଏ ଶୁଣିଲେ ମନ ଖୁସି ହୋଇଯାଏ। ସେହିପରି ପାଶ୍ଚାତ୍ୟ ପପ୍ ସଙ୍ଗୀତ ଓ ଜାଜ୍ ସଙ୍ଗୀତର ଶବ୍ଦ ତରଙ୍ଗ ଯୁବ ଗୋଷ୍ଠୀଙ୍କୁ ଭିନ୍ନ ଏକ ଦୁନିଆକୁ ନେଇଯାଏ ଏବଂ ମନରେ ଉଦ୍ଦାମତା ଭରିଦିଏ। ଏହା ମନକୁ ଚଳଚଞ୍ଚଳ କରେ ଓ ଶରୀରର ଶୀରା ପ୍ରଶିରାକୁ ସକ୍ରିୟ କରିବାରେ ସହାୟକ ହୋଇଥାଏ। ମୋଟାମୋଟି କହିବାକୁ ଗଲେ, ସଙ୍ଗୀତକୁ ଜୀବନରୁ ଅଲଗା କରାଯାଇ ପାରେ ନାହିଁ।

**ସଙ୍ଗୀତରେ ରହିଛି ବିମୋହନ କରିବାର ଶକ୍ତି:** ସଙ୍ଗୀତର ଶକ୍ତି ଶିଶୁ, ପଶୁ, ମଣିଷ, ଏପରିକି ବିଷଧର ସର୍ପକୁ କିଛି ସମୟ ପାଇଁ ବିମୋହିତ କରି ରଖିବାର କ୍ଷମତା ରହିଛି। ଗାଁ ଗହଳିରେ ମା'ମାନେ ଅଝଟ ଛୋଟ ପିଲାମାନଙ୍କୁ 'ଧୋରେ ବାୟା ଧୋ...' ଗୀତ ଶୁଣାଇ ଶୋଇ ଦେଉଥିଲେ। କେଳାର 'ପଦ୍ମତୋଳା' ଫଣା ଟେକି ଶୁଣିବାକୁ ବିଷଧର ସାପ ବି ଭଲପାଏ। ଇତିହାସ ଦେଖିଲେ ଜଣାଯାଏ ଯେ ଆକବରଙ୍କ ଦରବାରରେ ପ୍ରସିଦ୍ଧ ସଙ୍ଗୀତଜ୍ଞ 'ତାନ୍‌ସେନ୍'ଙ୍କ ସଙ୍ଗୀତ 'ମେଘମହ୍ଲାର' ସୃଷ୍ଟି କରି ପାରୁଥିଲେ, ଫଳରେ ମେଘ ଧରାକୁ ଛୁଇଁ ପାରୁଥିଲା। ଗବେଷକ ପ୍ରଫେସର ଡାନିଆଲ ମୋନାର୍ଡ଼ଙ୍କ ଗବେଷଣାର ତଥ୍ୟ ଅନୁଯାୟୀ, ସଙ୍ଗୀତ ତରଙ୍ଗର ପ୍ରଭାବ ଶରୀରର ଉତ୍ତେଜିତ ସ୍ନାୟୁ ଏବଂ ଶରୀର ଓ ରୋଗ ଉପରେ ରହିଛି। ମଧୁର ସ୍ୱର ସ୍ନାୟୁରେ ଆହ୍ଲାଦ ସୃଷ୍ଟି କରିବା ସହିତ ମନକୁ ଉତ୍‌ଫୁଲ୍ଲିତ କରିଥାଏ। ଏହାର ପ୍ରଭାବରେ ମଣିଷ ଦୁଃଖ ଓ ସନ୍ତାପ ଭୁଲିବାକୁ ସକ୍ଷମ ହୁଏ।

ଅନେକ ପରୀକ୍ଷା ନିରୀକ୍ଷା ପରେ ଏବେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସଙ୍ଗୀତର ପ୍ରୟୋଗ ଦ୍ୱାରା ଅନେକ ସୁଫଳ ମିଳିଛି। ମାନସିକ ଏବଂ ବିଭିନ୍ନ ରୋଗର ଚିକିତ୍ସାରେ ସଙ୍ଗୀତକୁ ଉପଯୋଗ କରାଯାଇ ରୋଗୀର ମୁହଁରେ ହସ ଫୁଟାଯାଇ ପାରୁଛି। ଏବେ ବଡ଼ ବଡ଼ ବେସରକାରୀ ସଂସ୍ଥା, ବ୍ୟାଙ୍କ, ଆଇଟି କାର୍ଯ୍ୟାଳୟ, ବିମାନ ଆଦିରେ କର୍ମଚାରୀ ଓ ଗ୍ରାହକମାନଙ୍କ ମନକୁ ଖୁସ୍ ରଖିବା ପାଇଁ କ୍ଷୀଣ ସ୍ୱରରେ ମନମତାଣିଆ ଗୀତ ବଜାଯାଉଛି।

**ଗବେଷକଙ୍କ ମତ:** ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ତଥା ଗବେଷକ ଏଲିନା ମାନେସଙ୍କ ଅନୁଯାୟୀ, ସଙ୍ଗୀତର ପ୍ରଭାବ ମନ ଉପରେ ଅଧିକ। କେବଳ ସଙ୍ଗୀତର ସ୍ୱର ନୁହେଁ, ସଙ୍ଗୀତ ସହ ବ୍ୟବହୃତ ବାଦ୍ୟଯନ୍ତ୍ର ଯଥା ବଂଶୀ, ଗିଟାର, ପିଆନୋ, ହାରମୋନିୟମ ଆଦିରୁ ଯେଉଁ ଶବ୍ଦ ତରଙ୍ଗ ସୃଷ୍ଟି ହୁଏ, ତାହା ନିୟମିତ ଭାବେ ଏକାଗ୍ରତାର ସହିତ ଶୁଣିଲେ ବ୍ୟକ୍ତିର ବୌଦ୍ଧିକ ଶକ୍ତି ଅଧିକ ପ୍ରଖର ହୋଇଥାଏ। ସଙ୍ଗୀତ ବାରମ୍ବାର ଶୁଣିବା ଦ୍ୱାରା ମନର ସ୍ଥିତିରେ ପରିବର୍ତ୍ତନ ଆସେ, ସେ ଉତ୍‌ଫୁଲ୍ଲିତ ଅନୁଭବ କରେ। ମନ ଖୁସ୍ ରହିଲେ ମନୋବଳ ଦୃଢ଼ ହୋଇଯାଏ, ଏହାର ସୁପ୍ରଭାବ ଶରୀର ଉପରେ ପଡ଼େ, ରୋଗୀ ଆରୋଗ୍ୟ ଲାଭ କରେ।■

ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର
ମୋ: ୭୯୭୮୮୭୫୯୦୭

ତୃତୀୟ ପୃଷ୍ଠାରୁ...

## ୧୫ରେ...

ବିଜେପି ମା'ମାନଙ୍କୁ କେବେବି ଭୋଟ୍ ବ୍ୟାଙ୍କ୍ ଭାବେ ବ୍ୟବହାର କରେନି। ବିଜେପି ସେମାନଙ୍କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବ। ମିଶନ ଶକ୍ତି କେବେବି ବନ୍ଦ ହେବନି। ରାଜ୍ୟରେ ଯେମିତି ଲକ୍ଷପତି ଦିଦିଙ୍କ ସଂଖ୍ୟା ବଢ଼ିବ ସେ ନେଇ ତାଙ୍କ ସରକାର କାମ କରୁଛି। ମିଶନ ଶକ୍ତି ମା'ମାନଙ୍କୁ ଦୁବାଇ ବୁଲାଇନେଲେ ସେମାନଙ୍କ ବିକାଶ ହୋଇଯିବନି, ସେମାନଙ୍କ ଏକ୍ସପୋଜର ଭିଜିଟ୍ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସ୍କୁଟି ନେଇ ମିସନ ଶକ୍ତିର ମହିଳାମାନେ ପସ୍ତାଉଛନ୍ତି। ଗତ ସରକାର ସେମାନଙ୍କ ଉପରେ ଋଣ ଭାର ବଢାଇ ଦେଇଛି ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି।

## ଇସ୍ତଫା ଦେଲେ...

ବାଂଲାଦେଶରେ ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ବ୍ୟାପକ ହିଂସାକାଣ୍ଡ ସଂଘଠିତ ହେବା ପରେ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଇସ୍ତଫା ଦାବିରେ ଅଡିବସିଥିଲେ ଆନ୍ଦୋଳନକାରୀ ଛାତ୍ର ସଂଗଠନ। ଏସବୁ ମଧ୍ୟରେ ଗତ ଅଗଷ୍ଟ ୫ରେ ଆନ୍ଦୋଳନକାରୀମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିଥିଲେ। ସ୍ଥିତି ଏପରି ହୋଇଥିଲା ଯେ, ନିଜ ପଦରୁ ଇସ୍ତଫା ଦେଇ ଭାରତ ଚାଲିଆସିବାକୁ ସେ ବାଧ୍ୟ ହୋଇଥିଲେ। ତେବେ ବର୍ତ୍ତମାନ ସେଠାରେ ଅନ୍ତରୀଣ ସରକାର ଗଠନ ହୋଇଛି। ନୋବେଲ ଶାନ୍ତି ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ମଧ୍ୟବର୍ତ୍ତୀକାଳୀନ ସରକାର କାର୍ଯ୍ୟ କରୁଛନ୍ତି। ବାଂଲାଦେଶରେ ସଂଘଠିତ ହିଂସାକାଣ୍ଡରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୭୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଲୋକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତଥାପି ଛାତ୍ର ସଂଗଠନ ପୁଣି ହିଂସା ଆରମ୍ଭ କରି ଦେଇଛନ୍ତି।

ବାଂଲାଦେଶ ସାମ୍ବିଧାନିକ ନିୟମ ଅନୁସାରେ, ପ୍ରଧାନମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେବାର ୯୦ ଦିନ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା। କିନ୍ତୁ ଏପର୍ଯ୍ୟନ୍ତ ରାଷ୍ଟ୍ରପତି ସେଠାରେ ସାନି ନିର୍ବାଚନ ସମ୍ପର୍କରେ ବିଧିବଦ୍ଧ ତାରିଖ ଘୋଷଣା କରିନାହାନ୍ତି। ଯଦି ନିର୍ବାଚନ ହୁଏ ଶେଖ୍ ହସିନା ମଧ୍ୟ ନିର୍ବାଚନ ଲଢିବେ, ଅର୍ଥାତ୍ ସେ ପୁନର୍ବାର ବାଂଲାଦେଶ ଯିବେ। ଏସମ୍ପର୍କରେ ହସିନାଙ୍କ ପୁଅ ସଜିବ୍ ୱାଜେଦ୍ କ୍ରମାଗତ ଭାବେ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସମୟରେ କହିଆସୁଛନ୍ତି।

## ୨ ଯବାନ...

ଅପରେସନ ଚାଲିଥିବା ବେଳେ ଯବାନ୍‌ଙ୍କ ଟିମ୍ ଉପରେ ଆତଙ୍କବାଦୀମାନେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଘଟଣାସ୍ଥଳକୁ ସ୍ପେଶାଲ ଫୋର୍ସ ଓ ପାରା ଟ୍ରୁପର୍ସ ପଠାଯାଇଥିବା ବେଳେ ଏମାନେ ମଧ୍ୟ ଆତଙ୍କ ନିରୋଧୀ ଅପରେସନରେ ନିୟୋଜିତ ହୋଇଛନ୍ତି। ଜଙ୍ଗଲ ଭିତରେ କିଛି ବିଦେଶୀ ଆତଙ୍କବାଦୀ ଲୁଚି ରହିଥିବା କୁହାଯାଉଛି।

## ପୁରୀ ସମୁଦ୍ର...

ସମୁଦ୍ରର କେଉଁ ଅଞ୍ଚଳରେ କେତେ ଗଭୀରତା ରହିଛି, କେଉଁ ସ୍ଥାନରେ କେଉଁ ଜାହାଜ ଅବସ୍ଥାନ କରିପାରିବ ସେ ନେଇ ମଧ୍ୟ ପରୀକ୍ଷା ନିରୀକ୍ଷା ଚାଲିଛି। ତେଣୁ ଏଥର ଓଡ଼ିଶାବାସୀ ପୁରୀ ସମୁଦ୍ର କୂଳରେ ଏକ ନିଆରା ଅନୁଭୂତି ପାଇବେ ବୋଲି ଭାରତୀୟ ନୌସେନାର ଅଧିକାରୀ ବୀରଜ ଚୌଧୁରୀ ପ୍ରକାଶ କରିଛନ୍ତି।

ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ପକ୍ଷରୁ ୧୯୪୪ ମସିହା ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ପୂର୍ବରୁ ଏହି ସ୍ୱତନ୍ତ୍ର ଦିବସ ବମ୍ବେ, ବିଶାଖାପାଟଣା ଭଳି ବଡ଼ ବଡ଼ ସହରର ସମୁଦ୍ର କୂଳରେ ପାଳିତ ହୋଇ ଆସୁଥିଲା। ତେବେ ଚଳିତ ବର୍ଷ ପୁରୀ ସମୁଦ୍ର ତଟରେ ଏହି ଦିବସ ପାଳନ କରିବାକୁ ନୌସେନା ନିଷ୍ପତ୍ତି ନେଇଛି। ଏଥିପାଇଁ ବହୁ ସଂଖ୍ୟାରେ ଜଳ ଜାହାଜ ପୁରୀ ଉପକୂଳକୁ ଆସିବ। ନୌସେନା ଦିବସ ପାଳନ ଅବସରରେ ଏହି ଜାହାଜ କଳା କୌଶଳ ପ୍ରଦର୍ଶନ କରିବ। ପୂର୍ବରୁ ପୁରୀ ଉପକୂଳରେ ବାୟୁସେନା ପକ୍ଷରୁ ଏୟାର ସୋ ପ୍ରଦର୍ଶିତ ହୋଇସାରିଥିବା ବେଳେ ଏବେ ନୌସେନା ତାଙ୍କ ବୀରତ୍ୱର କଳା କୌଶଳ ପ୍ରଦର୍ଶନ କରିବା ପାଇଁ ପୁରୀ ଉପକୂଳକୁ ମନୋନୀତ କରିଛନ୍ତି। ପୁରୀକୁ ଆସିଥିବା ଜାହାଜ ଗୁଡ଼ିକରେ ନୌସେନା ଅଧିକାରୀ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ନୌସେନା ପକ୍ଷରୁ ବରିଷ୍ଠ ଅଧିକାରୀ ମାନେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିଲେ। ଭାରତୀୟ ନୌସେନାର ପରାକ୍ରମ ଓ ଉନ୍ନତ ଯୁଦ୍ଧ କୌଶଳ ବେଶ ଆକର୍ଷଣୀୟ। ଯଦି ନୌସେନା ଦିବସ ପୁରୀରେ କରାଯାଏ ତାହେଲେ ପୁରୀ ବାସିନ୍ଦା ଓ ପର୍ଯ୍ୟଟକ ଉପଭୋଗ କରିବା ସହ ଯୁବପିଢ଼ି ମାନେ ନୌସେନା ପ୍ରତି ଆକୃଷ୍ଟ ହେବେ। ନୌସେନା ଅଧିକାରୀଙ୍କୁ ଯାହା କିଛି ସହଯୋଗ ଆବଶ୍ୟକ ରହିଛି ତାହା ପ୍ରଶାସନ ସମ୍ପୂର୍ଣ୍ଣ ଯୋଗାଇଦେବ ବୋଲି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସୂଚନା ଦେଇଛନ୍ତି।

ପୁରୀରେ ନୌସେନା ଦିବସ ପାଳନ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ତେବେ ଏହାକୁ ସଫଳ କରିବା ପାଇଁ ମହାପ୍ରଭୁଙ୍କ ପାଖରେ ଶରଣାପନ୍ନ ହୋଇଛି ନୌସେନା। ନୌସେନାର ବରିଷ୍ଠ ଅଧିକାରୀ ତଥା ଆଡମିରାଲ ଦିନେଶ କେ ତ୍ରିପାଠୀ ଆଜି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ଏହି କାର୍ଯ୍ୟକ୍ରମ କିଭଳି ସଫଳ ହୋଇପାରିବ ସେନେଇ ମହାପ୍ରଭୁଙ୍କ ପାଖରେ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଗାଜାଷ୍ଟ୍ରିପ୍...

କିନ୍ତୁ ଗାଜା ପ୍ରଶାସନ ଏହାକୁ ମିଥ୍ୟା ବୋଲି ଅଭିହିତ କରିବା ସହ ସ୍କୁଲ ଘରେ ଶତାଧିକ ପାଲେଷ୍ଟାଇନୀୟ ଜନସାଧାରଣ ଆଶ୍ରୟ ନେଇଥିବା ବେଳେ ଆକ୍ରମଣ ହୋଇଥିବା କହିଛି। ସେହିପରି ଗାଜାରେ ଶାସନ କରୁଥିବା ହମାସର ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି ଯେ, ବିସ୍ଥାପିତ ଲୋକମାନେ ପ୍ରାର୍ଥନା କରୁଥିବା ବେଳେ ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ କରାଯାଇଛି।ଆଜିର ଏହି ଆକ୍ରମଣରେ ୧୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଥିବା ସୂଚନା ମିଳିଛି।

ଏଜେନ୍ସି ମୁଖପାତ୍ର ମେହମୁଦ୍ ବସଲ କହିଛନ୍ତି, ସ୍କୁଲରେ ପାଲେଷ୍ଟାଇନର ବିସ୍ଥାପିତ ସାଧାରଣ ନାଗରିକମାନେ ଆଶ୍ରୟ ନେଇଥିଲେ। ଆକ୍ରମଣ ସମୟରେ ପିଲାମାନଙ୍କ ସହ ଅନ୍ୟମାନେ ମଧ୍ୟ ଏଠାରେ ନମାଜ ପାଠ କରୁଥିଲେ। ଇସ୍ରାଏଲ ପକ୍ଷରୁ ତିନୋଟି ମିସାଇଲ୍ ଆଟାକ୍ କରାଯାଇଛି। ଇସ୍ରାଏଲର ଏହା ଏକ ଭୟଙ୍କର ଗଣହତ୍ୟା ବୋଲି ସେ କହିଛନ୍ତି। ପ୍ରକାଶ, ଏହାପୂର୍ବରୁ ଅଗଷ୍ଟ ୪ ତାରିଖରେ ମଧ୍ୟ ଗାଜା ସହରରେ ବିସ୍ଥାପିତଙ୍କ ପାଇଁ ଆଶ୍ରୟସ୍ଥଳ ରୂପେ ବ୍ୟବହାର କରାଯାଉଥିବା ଦୁଇଟି ସ୍କୁଲ ଉପରେ ଇସ୍ରାଏଲ ମିସାଇଲ୍ ଆଟାକ୍ କରିଥିଲା। ଏଥିରେ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ। ସେହିପରି ଗତ ୧ ତାରିଖରେ, ଇସ୍ରାଏଲର ଆକ୍ରମଣରେ ଡାଲାଲ୍ ଅଲ୍-ମୁଗ୍ରାବୀ ସ୍କୁଲରେ ଥିବା ୧୫ ପାଲେଷ୍ଟାଇନ୍ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ପ୍ରକାଶ, ଇସ୍ରାଏଲ ସେନା ଏବେ ଗାଜା ସମେତ ଆଖପାଖ ଅଞ୍ଚଳରେ ଥିବା ସ୍କୁଲ, କଲେଜ ତଥା ବଡ଼ ବଡ଼ ଅଟ୍ଟାଳିକା ଉପରେ ନିୟମିତ ଭାବେ ଏୟାର ଷ୍ଟ୍ରାଇକ୍ କରିଆସୁଛି।

## ସରିଲା...

୨୦୨୪-୨୫ ଶିକ୍ଷାବର୍ଷରେ ବିଏଡ୍, ବିଏଚ୍ଏଡ୍ ଏବଂ ଏମ୍ଏଡ୍ ନାମଲେଖା ପାଇଁ ଅନୁଷ୍ଠିତ ହୋଇଥିବା ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିଲା। ତେବେ ନାମଲେଖା ପାଇଁ ୧୨ତାରିଖ ଅପରାହ୍ନ ୨ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରଛାତ୍ରୀମାନେ ୧୩ତାରିଖ ପୂର୍ବାହ୍ନ ୧୦ଟାରୁ ୧୭ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ନାମଲେଖାଇବେ। ତେବେ ୧୫ତାରିଖ ଦିନ ନାମଲେଖା ଅନୁଷ୍ଠିତ ହେବ ନାହିଁ। ୨୪ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୨୭ ରୁ ୨୯ତାରିଖ ଭିତରେ ନାମଲେଖାଇବେ। ସେପ୍ଟେମ୍ବର ୫ ଅପରାହ୍ନ ୨ଟାରେ ତୃତୀୟ ମେଧା ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ମନୋନୀତ ଛାତ୍ରଛାତ୍ରୀ ୬, ୯ ଏବଂ ୧୦ତାରିଖରେ ନାମଲେଖାଇବେ। ସେହିଭଳି ସେପ୍ଟେମ୍ବର ୧୭ରେ ଚତୁର୍ଥ ମେଧା ତାଲିକା ପ୍ରକାଶ ପାଇବ ଏବଂ ଛାତ୍ରଛାତ୍ରୀମାନେ ୧୮ ରୁ ୨୧ତାରିଖ ମଧ୍ୟରେ ନାମଲେଖାବାକୁ ପଡ଼ିବ। ସେପ୍ଟେମ୍ବର ୨୩ତାରିଖରୁ ବିଏଡ୍, ବିଏଚ୍ଏଡ୍ ଏବଂ ଏମ୍ଏଡ୍ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ତେବେ ନାମଲେଖା ପ୍ରକ୍ରିୟା କିପରି ହେବ ସେ ନେଇ ଉଚ୍ଚଶିକ୍ଷା ବିଭାଗ ଗାଇଡ଼ଲାଇନ ପ୍ରସ୍ତୁତ କରିଛି। ଏ ନେଇ ବିଭାଗ ପକ୍ଷରୁ ୨ବର୍ଷିଆ ବିଏଡ୍ ଏବଂ ଏମ୍ଏଡ୍ ଥିବା ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ ଏବଂ ସମସ୍ତ ସରକାରୀ ଶିକ୍ଷକ ଶିକ୍ଷା ଶିକ୍ଷାନୁଷ୍ଠାନ ପ୍ରିନ୍ସିପାଲଙ୍କୁ ଚିଠି ଲେଖିଛନ୍ତି।

# ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ବାଟବଣା

**ତାଳଚେର,୧୦।୮/ଏନ୍ଏନ୍ଏସ୍:** ଶିଳ୍ପନଗରୀ ତାଳଚେରରେ ଛତୁ ଫୁଟିଲା ଭଳି କଳକାରଖାନା ସହିତ ରାସ୍ତାଠାରୁ ଆରମ୍ଭ କରି ଘର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ମାତ୍ର ପ୍ରକୃତ ଶ୍ରମିକ ଲେବରକାର୍ଡରୁ ବଞ୍ଚିତ ହେବା ଭଳି ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି।

ବିଡ଼ମ୍ବନାର ବିଷୟ ଏଭଳି ସ୍ଥିତିରେ ଶ୍ରମବିଭାଗ ନୀରବଦ୍ରଷ୍ଟା ସାଜିଛି। ପ୍ରକାଶଥାଉକି ସରକାର ପ୍ରକୃତ ଶ୍ରମିକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ବିଭିନ୍ନ ଯୋଜନାମାନ ପ୍ରଣୟନ କରିଛନ୍ତି। ସେଥିରୁ କେହି ଯେପରି ଶ୍ରମିକ ବଞ୍ଚିତ ନହେବେ ସେଥିପାଇଁ ମଧ୍ୟ ପ୍ରତ୍ୟେକ ଅଞ୍ଚଳରେ କାର୍ଯ୍ୟାଳୟ ସମେତ କର୍ମଚାରୀ ମଧ୍ୟ ନିୟୋଜିତ କରାଯାଇଛି। ହେଲେ ଶ୍ରମିକମାନେ ଏହି ଯୋଜନା ସମ୍ପର୍କରେ ଏପର୍ଯ୍ୟନ୍ତ ଅବଗତ ହୋଇନଥିବା ଅନେକ ଦୃଷ୍ଟାନ୍ତ ରହିଥିବାବେଳେ ଉକ୍ତ କାର୍ଯ୍ୟାଳୟ ତାଳଚେର ଅଞ୍ଚଳରେ କେଉଁଠାରେ ଅଛି ବୋଲି ଜାଣିପାରୁ ନାହାନ୍ତି। କାରଣ ଶ୍ରମବିଭାଗ ପକ୍ଷରୁ ଅଞ୍ଚଳବାସୀଙ୍କୁ ପ୍ରଚାର ପ୍ରସାର ମାଧ୍ୟମରେ ଅବଗତ କରାଇବାର ନିୟମ ରହିଥିଲେ ମଧ୍ୟ ସେପରି ଘଟଣା ଏଠାରେ କିଛି ଦୃଶ୍ୟମାନ ହେଉନାହିଁ ବୋଲି ବିଭିନ୍ନ ମହଲରୁ ଶୁଣିବାକୁ ମିଳୁଛି।

ସରକାରୀ ନିୟମ ଅନୁଯାୟୀ ବିଭିନ୍ନ ରାଜନୈତିକ ଶ୍ରମିକ ସଂଗଠନ ପକ୍ଷରୁ ଶତାଧିକ ଏଜେଣ୍ଟ ଉକ୍ତ କାର୍ଯ୍ୟାଳୟରେ ଦିନମଜୁରିଆଙ୍କୁ ଚିହ୍ନଟକରି ଶ୍ରମକାର୍ଡ଼ ବ୍ୟବସ୍ଥା କରିବା ନେଇ ସରକାରଙ୍କ ପକ୍ଷରୁ ପଞ୍ଜିକୃତ କରିଛନ୍ତି। ମାତ୍ର କାର୍ଯ୍ୟାଳୟରେ ଜଣେ ଦିନମଜୁରିଆଙ୍କ ଶ୍ରମକାର୍ଡ଼ ପାଇବା ନିମନ୍ତେ ୨୦ ଟଙ୍କା ଓ ଏହାକୁ ପ୍ରତିବର୍ଷ ରିନ୍ୱାଲ ପାଇଁ ୫୦ଟଙ୍କା ପୈଠ କରିବାକୁ ପଡ଼ିଥାଏ। ତଦନୁଯାୟୀ ସେମାନଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସତ୍ୟତା ଯାଞ୍ଚ କରି ପ୍ରମାଣପତ୍ର ଦେବାର ସ୍ପଷ୍ଟ ନିୟମ ରହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କୁ ନିକଟରୁ ୫ଶହ ଟଙ୍କାରୁ ଆରମ୍ଭ କରି ପ୍ରାୟ ୨ହଜାର ଟଙ୍କା ପର୍ଯ୍ୟନ୍ତ ନେବାପରେ ଉକ୍ତ ପ୍ରମାଣପତ୍ରଟି କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଏ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି।

> **ପ୍ରକୃତ ଶ୍ରମିକ ପାଉନାହାନ୍ତି ଲେବରକାର୍ଡ**
> **ଅଧିକ ପ୍ରଚାର ପ୍ରସାର ଆବଶ୍ୟକ**
> **ସତ୍ୟତା ଯାଞ୍ଚ କରି ପ୍ରମାଣପତ୍ର ଦିଆଯାଉ**

ଏପରିକି ସରକାରଙ୍କ ପକ୍ଷରୁ ପଞ୍ଜିକୃତ ହୋଇଥିବା ଶ୍ରମିକଙ୍କୁ କୁଡ଼ି, ଶାବଳ, ସାଇକେଲ, ଗାଣ୍ଡୁଆ ଓ ଆନୁସାଙ୍ଗିକ ସରଞ୍ଜାମ ଶ୍ରମ କାର୍ଯ୍ୟାଳୟ ଜରିଆରେ ଯୋଗାଇ ଦିଆଯାଉଛି।

ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତପକ୍ଷେ ସ୍ୱାଗତ ଯୋଗ୍ୟ ହୋଇଥିଲେ ମଧ୍ୟ ପ୍ରକୃତ ଖଟିଖିଆ ଶ୍ରମିକ କିନ୍ତୁ ଯୋଜନାରୁ ବଞ୍ଚିତ ହେଉଥିବାର ଅନେକ ଦୃଷ୍ଟାନ୍ତ ରହିଛି। ତେବେ ପ୍ରଚାର ପ୍ରସାର ସହିତ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ଦିଆଗଲେ ଯେଉଁ ଅନାବଶ୍ୟକ ବ୍ୟକ୍ତିମାନେ ଏହି ପ୍ରମାଣପତ୍ର ହାତେଇଛନ୍ତି ସେମାନେ ଏଥିରୁ ବାଦ୍ ପଡ଼ିବା ସହ ପ୍ରକୃତପକ୍ଷେ ସରକାର ପ୍ରଣୟନ କରିଥିବା ଯୋଜନା ଖଟିଖିଆ ଶ୍ରମିକ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ।

## ବଜ୍ରାଘାତରେ ୨ ମୃତ

**ସୋର,୧୦।୮/ଏନ୍ଏନ୍ଏସ୍:** ବିଲରେ କାମ କରୁଥିବାବେଳେ ବଜ୍ରାଘାତରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ରାଇପିତାମ୍ବର ଗ୍ରାମର ବସନ୍ତ ଦାସ, ନରେନ୍ଦ୍ର ବିଶ୍ୱାଳ ଓ ସୁରେନ୍ଦ୍ର ସାହୁ ନିକଟସ୍ଥ ବିଲରେ କାମ କରୁଥିବାବେଳେ ଅପରାହ୍ଣ ୫ଟା ସମୟରେ ଖୁବ୍ ଜୋର୍‌ରେ ବଜ୍ରପାତ ହୋଇଥିଲା। ଫଳରେ ବିଲରେ କାମ କରୁଥିବା ଏହି ୩ ଜଣ ଯାକ ଗୁରୁତର ଭାବେ ଆହତ ହୋଇପଡ଼ିବାରୁ ତାଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବସନ୍ତ ଓ ନରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିବାବେଳେ ସୁରେନ୍ଦ୍ର ଚିକିତ୍ସାଧୀନ ଅଛନ୍ତି।

# ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୧୦।୮/ଏନ୍ଏନ୍ଏସ୍:** ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଷ୍ଟାଫ୍ କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ ସ୍ୱଳ୍ପ କାର୍ଯ୍ୟକାଳ ସମୟର ମଧୁର ସ୍ମୃତିଚାରଣ କରିବା ସହ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।



୨୦୧୮ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍‌ର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମୟୁର ବିକାଶ ସମ୍ବଲପୁରର ଉପଜିଲ୍ଲାପାଳ ପରେ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରିଥିବାବେଳେ ଜିଲ୍ଲାପାଳ ଭାବେ କେନ୍ଦ୍ରାପଡ଼ାରେ କାର୍ଯ୍ୟ କରି ଲୋକପ୍ରିୟତା ଅର୍ଜନ କରିଥିଲେ। ସେ ଏବେ ବାଲେଶ୍ୱର ଜିଲ୍ଲାପାଳ ଭାବେ ଯୋଗଦେବେ। ଶ୍ରୀ ମୟୁର ବିକାଶ ଗତ ୨୦୨୩ ମସିହା ଜାନୁଆରୀ ୩୦ ତାରିଖରେ ଏଠାରେ ଜିଲ୍ଲାପାଳ ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟୀ କଲେକ୍ଟର, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, ଷ୍ଟାଫ୍ କମିଟିର କର୍ମକର୍ତ୍ତା, ସଦସ୍ୟ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ଜିଲ୍ଲାପାଳ ସମସ୍ତ ଅଧିକାରୀ, କର୍ମଚାରୀଙ୍କ କର୍ତ୍ତବ୍ୟ ପରାୟଣତା ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇବା ସହ ସମସ୍ତେ ତାଙ୍କ ଚିନ୍ତା ଓ ଚେତନାରେ ରହିବେ ବୋଲି ମତପ୍ରକାଶ କରିଥିଲେ।

## ଜିଲ୍ଲା ପେସା ଗ୍ରାମସଭା ପକ୍ଷରୁ ବିକ୍ଷୋଭ

**ବାରିପଦା,୧୦।୮/ଏନ୍ଏନ୍ଏସ୍:** ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ପେସା ଗ୍ରାମସଭା କୋ-ଅର୍ଡିନେସନ କମିଟି ପକ୍ଷରୁ ବାରିପଦା ସହରର ଷ୍ଟେସନ ବଜାର ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ହଜାର ହଜାର ଆଦିବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ସହର ପରିକ୍ରମା କରି ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଗଣବିକ୍ଷୋଭ ପ୍ରଦର୍ଶନ କରିବା ସହ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସରକାରୀ ଜମି ଓ ଅନାବାଦୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଜାରି କରାଯାଇଥିବା ନିର୍ଦ୍ଦେଶକୁ ବିରୋଧ କରିଥିଲେ। ଏହାର ପୁନର୍ବିଚାର କରାଯିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି। ମୟୂରଭଞ୍ଜ ଜିଲ୍ଲା ପେସା ଗ୍ରାମସଭା କୋ-ଅର୍ଡିନେସନ କମିଟିର ସଭାପତି ପାଣ୍ଡୁରାମ ହେମ୍ବ୍ରମ୍ ଓ ସମ୍ପାଦକ ନନାରାମ ମୁର୍ମୁଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ହଜାର ହଜାର ଆଦିବାସୀ ଶୋଭାଯାତ୍ରାରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ତୁରନ୍ତ ଜବରଦଖଲ ଉଚ୍ଛେଦ ନିୟମ ନହଟିଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

# ପ୍ରଶାନ୍ତ କୁମାର ସ୍ୱାଇଁ ଇଫ୍‌କୋ ସଭାପତି

**ପାରାଦୀପ,୧୦।୮/ଏନ୍ଏନ୍ଏସ୍:** ଇଫ୍‌କୋ କର୍ମଚାରୀ ସଂଘ ନିର୍ବାଚନ ଶୃଙ୍ଖଳାର ସହିତ ଶେଷ ହୋଇଛି। ଏଥିରେ ସଭାପତି ଭାବେ ପ୍ରଶାନ୍ତ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିବାବେଳେ ତୃପ୍ତିରଞ୍ଜନ ପୁହାଣ ସାଧାରଣ ସମ୍ପାଦକ, ସୁରେନ୍ଦ୍ର ବୈଠ କାର୍ଯ୍ୟକାରୀ ସଭାପତି, ସ୍ମୃତିରଞ୍ଜନ ଜେନା ଉପସଭାପତି, କାଳିଚରଣ ପାଢ଼ୀ ଯୁଗ୍ମ ସମ୍ପାଦକ, ପ୍ରବୀର କୁମାର ପ୍ରଧାନ ସଂଗଠନ ସମ୍ପାଦକ, ପ୍ରଦୀପ କୁମାର ସ୍ୱାଇଁ ପ୍ରଚାର ଓ ପ୍ରସାର ସମ୍ପାଦକ, ବ୍ରହ୍ମାନନ୍ଦ ଦାସ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

ସେହିପରି ରତନ କୁମାର ମାଇତି, ଉମେଶ ଚନ୍ଦ୍ର ସେଠୀ, ସୁକାନ୍ତ ସ୍ୱାଇଁ, ଦୀପକ କମାର ବୋଇତି, ଅସିତ କୁମାର ବିଶ୍ୱାଳ, ନରେନ୍ଦ୍ର ସିଂହ, କରୁଣାକର ସାହୁ, ଧୀରେନ କୁମାର ସାହୁ, ଶିରିଶ ଚନ୍ଦ୍ର ମିଶ୍ର, ରାଜକୁମାର ପ୍ରସାଦ ଓ ସୁଧାଂଶୁ ପଟ୍ଟନାୟକ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିବା ନେଇ ଇଫ୍‌କୋ ପ୍ରଶାସନିକ ଅଧିକାରୀ ତଥା ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି।

ନବନିର୍ବାଚିତ ଇଫ୍‌କୋ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କୁ ବିଶ୍ୱର ସର୍ବବୃହତ୍ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫ୍‌କୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ ଜେ ପଟେଲ ଅଭିନନ୍ଦନ ଜଣାଇବା ସହିତ ଏହାର ପ୍ରଗତିରେ ସେମାନଙ୍କ ସହଯୋଗ କାମନା କରିଛନ୍ତି।

ଇଫ୍‌କୋ କର୍ତ୍ତୃପକ୍ଷ ସବୁବେଳେ କର୍ମଚାରୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଚେଷ୍ଟା କରିଆସିଛି ଏବଂ ଏହା ଆଗାମୀ ଦିନରେ ବଳବତ୍ତର ରହିବ ବୋଲି ଶ୍ରୀ ପଟେଲ କହିଛନ୍ତି।



# ମନ୍ତ୍ରୀଙ୍କ ଦ୍ୱାରା 'ସ୍ମୃତିଗୌରବ' ପୁସ୍ତକ ଲୋକାର୍ପିତ

**ତିହିଡ଼ି,୧୦।୮/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ କୋହ୍ଲସ୍ଥିତ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଓ କୃତି ସମ୍ବଳିତ ତୃତୀୟ ବାର୍ଷିକ ସଙ୍କଳନ 'ସ୍ମୃତିଗୌରବ' ଲୋକାର୍ପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ପୁସ୍ତକକୁ ଲୋକାର୍ପଣ କରିଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ଭୁବନେଶ୍ୱରସ୍ଥିତ ବାସଭବରେ ଗବେଷଣା ପରିଷଦର ସଭାପତି ବିଭୂତିଭୂଷଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ଦୈତ୍ୟାରୀ ମହାପାତ୍ର, ଘଣ୍ଟେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ପ୍ରସାଦ ମହାପାତ୍ର, ଅଧ୍ୟାପକ ସମରେନ୍ଦ୍ର ପଣ୍ଡା, ଅଧ୍ୟାପିକା ସଂଯୁକ୍ତା ଭାରତୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମଲ୍ଲିକ, କବି ଆଶୁତୋଷ କରଣ, ବୁଦ୍ଧଦେବ ଜେନା, ଗୌରାଙ୍ଗ ଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ଓମ୍ ପ୍ରସାଦ ମହାପାତ୍ର ଓ ପଣ୍ଡିତ ସଞ୍ଜୟ ପାଢ଼ୀ ଶର୍ମା ଯୋଗଦେଇ ମଧୁବାବୁଙ୍କ ସାହିତ୍ୟ ଏବଂ ସମାଜସେବା ଉପରେ ବକ୍ତବ୍ୟ ଦେଇଥିଲେ। ପରେ ପରିଷଦର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ପୁସ୍ତକ ପ୍ରଦାନ କରିଥିଲେ। ସେହିପରି କଟକ ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ସ୍ମୃତିପୀଠରେ ମଧ୍ୟ କର୍ମକର୍ତ୍ତାମାନେ ପୁସ୍ତକ ସମର୍ପଣ କରିଥିଲେ।



## ବିକ୍ରି ହେଲା...

ଯାହାର ପାଇକାରି ଦର ୨୮୦୦ ରୁ ୨୯୦୦ ରହିଥିବା ଜଣାପଡିଛି। ଅପରପକ୍ଷେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ରାଜ୍ୟରେ ଆଳୁ ସଙ୍କଟ ଜାରି ରହିଥିବାବେଳେ ଅସାଧୁ ବ୍ୟବସାୟୀ ମନଇଚ୍ଛା ଦରରେ ଆଳୁ ବିକ୍ରୀ କରୁଛନ୍ତି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ୟୁନିଟ ୧ ମାର୍କେଟର ବ୍ୟବସାୟୀ ଚଢ଼ା ଦରରେ ଆଳୁ ବିକ୍ରୀ କରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ଭୁବନେଶ୍ୱର ୟୁନିଟ ୧ ମାର୍କେଟରେ ଯୋଗାଣ ବିଭାଗର ଚଢ଼ାଉ କରାଯାଇଛି। ସରକାର ଧାର୍ଯ୍ୟ କରିଥିବା ଦାମରେ ଆଳୁ ବିକ୍ରୀ କରିବାକୁ ୟୁନିଟ ୧ ବ୍ୟବସାୟୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ୟୁନିଟ ୧ ମାର୍କେଟର ଆଳୁ ବ୍ୟବସାୟୀମାନଙ୍କ ସହିତ ଆଲୋଚନା ପରେ କେତେ ଦରରେ ସେମାନେ ଆଳୁ ବିକ୍ରୀ କରିବେ ତାହା ଯୋଗାଣ ବିଭାଗ ଅଧିକାରୀ ଧାର୍ଯ୍ୟ କରିଛନ୍ତି। ଭୁବନେଶ୍ୱର ୟୁନିଟ ୧ ମାର୍କେଟର ଆଳୁ ବ୍ୟବସାୟୀ କିଲୋ ପିଛା ୩୨ ଓ ୩୫ ଟଙ୍କାରେ ଆଳୁ ବିକ୍ରୀ କରିବାକୁ ଯୋଗାଣ ବିଭାଗ ଅଧିକାରୀ ନିର୍ଦ୍ଦେଶ ଦିଆଯାଇଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ କିଲୋଗ୍ରାମ ପ୍ରତି ଆଳୁ ୩୦ ଟଙ୍କାରେ ଖାଉଟିଙ୍କୁ ଦିଆଯିବ। ଆଲୋଚନାସତ୍ତ୍ୱେ ପଶ୍ଚିମବଙ୍ଗରୁ ଆଳୁ ଆସି ପାରୁନାହିଁ। ତେଣୁ ରାଜ୍ୟ ସରକାର ନାଫେଡ ଜରିଆରେ ଆଳୁ ଆଣିବେ। ଦିନକ ପରେ ରାଜ୍ୟକୁ ପର୍ଯ୍ୟାପ୍ତ ପରିମାଣର ଆଳୁ ଆସିଯିବ। ଉଚ୍ଚା ଦରରେ କିଣିଲେ ବି ଲୋକଙ୍କୁ ୩୦ଟଙ୍କାରେ ଆଳୁ ଦେବୁ। ଆଳୁ ଅଭାବ ରହିବନି, ଯେତେ ଆବଶ୍ୟକ ସେତେ ଅଣାଯିବ। ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ସରକାର ବିଧିବଦ୍ଧ ଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ରାଜ୍ୟ ସରକାର ନାଫେଡ ମାଧ୍ୟମରେ ଆଳୁ କିଣିବା ସହ ଖାଉଟି ମାନଙ୍କୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ ଯୋଗାଇ ଦେବେ। ଏହାଦ୍ୱାରା ଖାଉଟିମାନଙ୍କୁ ସୁଲଭ ଦରରେ ଆଳୁ ଉପଲବ୍ଧ କରାଇବା ସହ ରାଜ୍ୟରେ ଆଳୁ ସଙ୍କଟ ଦୂର ହୋଇପାରିବ। ପ୍ରଥମ ପର୍ଯ୍ୟାୟରେ ତିନି ଶହ ମେଟ୍ରିକ ଟନ ଆଳୁ ପାଇଁ ନାଫେଡ ମାଧ୍ୟମରେ ଅର୍ଡର ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ସରକାରୀ ଖୁଚୁରା ଦୋକାନ ମାଧ୍ୟମରେ ଉପଲବ୍ଧ ହେବ। ବିକ୍ରୟ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଭୁବନେଶ୍ୱରର ବିଭିନ୍ନ ଡିଲରମାନଙ୍କୁ ଆଳୁ ଦେବା ଆରମ୍ଭ ହୋଇଛି। ସେମାନେ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ମାଧ୍ୟମରେ ସାଧାରଣ ଲୋକଙ୍କୁ ଆଳୁ ବିକ୍ରି କରିବେ। ଏଥିପାଇଁ ଆଳୁ ଭର୍ତ୍ତି ଟ୍ରକ ଆଇଗଣିଆ ଗୋଦାମରୁ ଆସି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। ୩ କିଲୋକୁ ୧୦୦ ଟଙ୍କା ଦରରେ ଗ୍ରାହକମାନେ ଆଳୁ ପାଇପାରିବେ। ଆଳୁ ସଙ୍କଟ ଭିତରେ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

# ମାନଗଡ଼ ଗାଁରେ ରାତି ୮ରୁ ବୁଲୁଛି ହାତୀ

**ନୀଳଗିରି,୧୦।୮/ଏନ୍ଏନ୍ଏସ୍:** ବାଉଁଶବଣିଆ ପଞ୍ଚାୟତର ମାନଗଡ଼ ଗ୍ରାମ ସତେ ଯେମିତି ନୀଳଗିରି ପାଇଁ ଅଭିଶପ୍ତ ପାଲଟିଯାଇଛି। ପ୍ରତିଦିନ ୩ରୁ ୪ଟି ହାତୀ ସନ୍ଧ୍ୟା ୮ଟାରୁ ତଳି ପକା ବିଲଠାରୁ ଆରମ୍ଭ କରି ରୁଆ ଯାଇଥିବା ବିଲ, କୁକୁଡ଼ା ଫାର୍ମ, ନଡ଼ିଆ ଗଛ ଭାଙ୍ଗି ମାଡ଼ି ଚକଟି ନଷ୍ଟ କରୁଥିବାବେଳେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରିତ ହେବା ପରେ ବି ବନବିଭାଗ ଦୃଷ୍ଟି ଦେଉନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଶୁକ୍ରବାର ରାତିରେ ଏକ ଦନ୍ତା ଆସି ହରିଶ୍ଚନ୍ଦ୍ର ବାରିକ, ସୁଦର୍ଶନ ବାରିକ, ବନମାଳୀ ବାରିକ, ପଦ୍ମଲୋଚନ ବାରିକ, ଅଜୟ ବାରିକ, ବିଜୟ ବାରିକ ଓ ବେଣୁଧର ବାରିକଙ୍କ ଚାଷ ଜମିଠାରୁ ଆରମ୍ଭ କରି ଘର ତାର ବାଡ଼ ଘେରଦକୁ ଭାଙ୍ଗି ଦେଇଥିବାବେଳେ ଏନେଇ ଆଗାମୀ ଦିନରେ ପ୍ରଶାସନ ଏବଂ ବନବିଭାଗ ପାଖରେ ଲିଖିତ ଅଭିଯୋଗ କରିବା ପରେ ରାସ୍ତାରୋକ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଗ୍ରାମର ସତପ୍ରତିଶତ ଚାଷୀ ଏବେ ଧାନ ରୁଆ ଏବଂ ଚାଷ କାମରେ ବ୍ୟସ୍ତତା କାରଣରୁ ଏକାଠି ହୋଇପାରୁ ନଥିବାବେଳେ ୧୫ ଦିନ ମଧ୍ୟରେ ନିଶ୍ଚିତ ଭାବେ ରୁଆ କାମ ସାରିଲେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ନେଇ ଗ୍ରାମବାସୀ ଆଲୋଚନା କରୁଥିବାର ସୂଚନା ମିଳିଛି।

**ମରୁଡ଼ି ପରେ କୃତ୍ରିମ ବନ୍ୟା**

# ଜଳମଗ୍ନ ଉତିକଣ ଭେଡ଼ା, ଭାତହାଣ୍ଡି ଉଜୁଡ଼ିବା ଆଶଙ୍କା

**ପଟ୍ଟାମୁଣ୍ଡାଇ,୧୦।୮/ଏନ୍ଏନ୍ଏସ୍:** ସମ୍ପ୍ରତି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମରୁଡ଼ି ପରେ ଦେଖାଦେଇଛି ଲଗାଣ ବର୍ଷା। ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। କେନ୍ଦ୍ରାପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ପଟ୍ଟାମୁଣ୍ଡାଇ ଉତିକଣ ଭେଡ଼ାରେ ଥିବା ଶହ ଶହ ଏକର ଚାଷ ଜମିରେ ଜଳନିଷ୍କାସନ ନହେବା ଯୋଗୁ ଜମି ଗୁଡ଼ିକ ସମ୍ପୂର୍ଣ୍ଣ ବୁଡ଼ିଯାଇ ନଦୀର ଭ୍ରାମ ସୃଷ୍ଟି କରୁଛି। ଏହାସହ ଜଳ ନିଷ୍କାସନ ପଥକୁ ତଳପଡ଼ା ଗ୍ରାମ ନିକଟରେ ପୋଲ ନିର୍ମାଣ ଯୋଗୁ ବନ୍ଧ ବନ୍ଧାଯାଇଥିବାବେଳେ ଅନ୍ୟ ଜଳ ନିଷ୍କାସନ ପଥ ଚହଲିବାଙ୍କ ସୁଇସକୁ ମାଛ ଧରିବା ପାଇଁ ବନ୍ଦ ରଖାଯାଇଛି। ବର୍ଷା ଜଳ ନିଷ୍କାସନ ହୋଇନପାରି ଉତିକଣ ଭେଡ଼ାରେ ଅଣ୍ଟାଏ ପାଣି ଜମିବା ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚଳିତ ବର୍ଷ ଧାନ ଚାଷ ବିଶେଷ ପ୍ରଭାବିତ ହୋଇଥିବାରୁ ଫସଲ ହାନୀର ଆଶଙ୍କା ଦେଖାଦେଇଛି।

ଆଷାଢ଼ ମାସରେ ପଟ୍ଟାମୁଣ୍ଡାଇରେ ବର୍ଷା ନଥିଲା କି କେନାଲରେ ପାଣି ମଧ୍ୟ ନଥିଲା। ମାତ୍ର ଶ୍ରାବଣ ମାସ ଆସିବା ପରେ ଲଘୁଚାପଜନିତ ବର୍ଷା ହେଲା। ତେବେ ମରୁଡ଼ି



ପରିସ୍ଥିତି ଉଦ୍‌ବେଗଜନକ ପରିସ୍ଥିତିରେ ପହଞ୍ଚିବା ପରେ ଲଗାଣ ବର୍ଷା ସାଙ୍ଗକୁ କେନାଲ ପାଣି ଜଳ ପ୍ରଳୟ ସୃଷ୍ଟି କରିଛି। ଧାନ ଚାଷ ପାଇଁ ଚାଷୀମାନେ ପକାଇଥିବା ତଳି ସମ୍ପ୍ରତି ଉଦବୃତ୍ତ ବର୍ଷା ଜଳରେ ବୁଡ଼ି ରହିଛି। ଲଗାଣ ବର୍ଷା ଯୋଗୁ ଚାଷ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଜମି ହଳ ହେଲା ପରେ ବିହନ ବୁଣା ଓ ତଳି ପଡ଼ିପାରୁନାହିଁ।

ଚଳିତ ବର୍ଷ ଚାଷ ହୋଇପାରିବ ନା ନାହିଁ ସେନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

## ବନ୍ଦ ରହିଛି ଧାନ ଚାଷ, ଚିନ୍ତାରେ ଚାଷୀ

## ତୁରନ୍ତ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ଦାବି

ସାଧାରଣତଃ ଜୁନ୍ ମାସରେ ଯେତିକି ବର୍ଷା ହୁଏ ସେଥିରେ ଚାଷୀମାନେ ତଳି ପକାଇଥାନ୍ତି। ଆଷାଢ଼ ମାସ ଶେଷ ବେଳକୁ ତଳି ରୁଆ କାମ ଆରମ୍ଭ ହୋଇ ଶ୍ରାବଣ ଶେଷ ବେଳକୁ ଧାନ ରୁଆ କାମ ସରିଥାଏ। ବର୍ଷା ଅଭାବରୁ ଆଷାଢ଼ ମାସରେ ତଳି ପଡ଼ପାରିଲା ନାହିଁ। ଜୁଲାଇ ମାସରେ ସାଧାରଣ ବର୍ଷା ହେବା ପରେ ଏବେ ଲଗାଣ ବର୍ଷା ପରିସ୍ଥିତିକୁ ଗୋଳମାଳିଆ କରି ଦେଇଛି।

ଆଗକୁ ଏପରି ପରିସ୍ଥିତି ଲାଗି ରହିଲେ କେନ୍ଦ୍ରାପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡ଼ାରୁ ଧାନ ଚାଷ ବନ୍ଦ ହେବାସହ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ଜୁନ୍ ମାସରେ କିଛି ଚାଷୀ ପକାଇଥିବା ତଳି ପାଣିରେ ବୁଡ଼ି ନଷ୍ଟ ହୋଇଗଲାଣି। କୃଷିପ୍ରଧାନ ଅଞ୍ଚଳ ପଟ୍ଟାମୁଣ୍ଡାଇ ଅଞ୍ଚଳର ୮୦ ପ୍ରତିଶତ ଚାଷ ଜମି ବର୍ଷା ଉପରେ ନିର୍ଭରଶୀଳ। ଜଳ ନିଷ୍କାସନ ଦାୟିତ୍ୱରେ ଥିବା ଜଳସମ୍ପଦ ବିଭାଗ(ଡ୍ରେନେଜ୍ କଟ୍) ଏଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ଚାଷୀ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଉତିକଣ ଭେଡ଼ାକୁ କେନାଲ ସୁବିଧା ଥିଲେ ମଧ୍ୟ କେନାଲରେ ପାଣି ତଳମୁଣ୍ଡକୁ ଯାଉନାହିଁ। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଗଙ୍ଗାରାମପୁର, ଅରଡ଼ପଲ୍ଲୀ, ସାନଜରିଆ, କଖାରୁଣୀ ଖଡ଼ିଅଣ୍ଡା, ବଡ଼ପଡ଼ା, ବଡ଼ମହନପୁର, ଦିହୁଡ଼ିପୁର, ଦୋଷିଆ, ଚନ୍ଦନଗର, ଖଣତା, ଫସାରଫଳ, ବିଲିକଣା ଓ ଶାସନ ପ୍ରଭୃତି ଗ୍ରାମପଞ୍ଚାୟତ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ତେବେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ତଥା ଡ୍ରେନେଜ୍ କଟ୍ ବିଭାଗ ତୁରନ୍ତ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ



**ବାରିପଦା,୧୦।୮/ଏନ୍ଏନ୍ଏସ୍:** ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସାଗରିକା ସିଂହଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ନବାଗତ ଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହାସହ ଶିକ୍ଷାରେ ମନୋନିବେଶ କରି ନିଜର ତଥା ଶିକ୍ଷାନୁଷ୍ଠାନର ନାମକୁ ଉଚ୍ଚକୁ ନେବା ନିମନ୍ତେ ଶୁଭେଚ୍ଛା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ଚନ୍ଦ୍ରକାନ୍ତ ଦାସ ଛାତ୍ରୀଙ୍କ ମାର୍ଗଦର୍ଶନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। ମହାବିଦ୍ୟାଳୟର ଆକାଉଣ୍ଟସ୍ ବର୍ଗର ଡଃ ବିଘ୍ନାଂଶୁ ଜେନା, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଡଃ ଦୀପ୍ତିରଞ୍ଜନ ମହାପାତ୍ର, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ଶୁଭସ୍ମିତା ସିଂ ଓ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା ରୋଜି କାନୁନ୍‌ଗୋ ପ୍ରମୁଖ ନବାଗତ ଛାତ୍ରୀଙ୍କୁ +୩ ଶିକ୍ଷା ବ୍ୟବସ୍ଥାର ୩ ବର୍ଷର ପାଠ୍ୟକ୍ରମ ସମ୍ପର୍କରେ ସବିଶେଷ ଧାରଣା ପ୍ରଦାନ କରିଥିଲେ। ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ନିଜ ନିଜର ପରିଚୟ ପ୍ରଦାନ କରିବା ସହ ଛାତ୍ରୀଙ୍କୁ ଚକୋଲେଟ୍ ବାଣ୍ଟିବା ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ଜାମଶୁଳି କଲେଜରେ କୃମି ଔଷଧ ବଣ୍ଟନ



**ବାଲିଆପାଳ,୧୦।୮/ଏନ୍ଏନ୍ଏସ୍:** ଜାମଶୁଳିସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ସ୍ଥାନୀୟ ସିଂଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନ୍ୟୁନ ୧ ହଜାର ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ବଣ୍ଟାଯାଇଛି। କଲେଜ ଅଧ୍ୟକ୍ଷା ଲିପିକା ଜେନା ବଟିକା ଖୁଆଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବଟିକା ଖାଇବା ଦ୍ୱାରା ଦେହରୁ କୃମିନାଶ ହେବାସହ ଲୋହିତ ରକ୍ତକଣିକା ଅଧିକ ସୃଷ୍ଟି ହୋଇଥାଏ। ଦେହ ଓ ମୁହଁରେ ଥିବା ବିଭିନ୍ନ ପ୍ରକାର ଚିହ୍ନ ଦୂରେଇଯାଏ। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ଏମ୍‌ପିଏଚ୍‌ଡବ୍ଲ୍ୟୁ ଅଜୟ କୁମାର ଜେନା, ଜାମଶୁଳି ଆଶାକର୍ମୀ ନମିତା ଦାସ ଓ ସବିତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିବାବେଳେ ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ପରମାନନ୍ଦ ମହାନ୍ତି, ଅଜିତ କୁମାର ଭୂୟାଁ,ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ନଗେନ୍ଦ୍ର ନାଥ ପାତ୍ର, ତାପସ ତନୟ ନନ୍ଦୀ, ପ୍ରଭାତ ରଞ୍ଜନ ଦାସ, ଆଶୁତୋଷ ଯତି, ଶଶିକାନ୍ତ ଜେନା ଓ ପ୍ରଶାନ୍ତ ଗିରି ପ୍ରମୁଖ ସହଯୋଗ କରିଥିଲେ।

## କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳିତ

**କାମାକ୍ଷାନଗର,୧୦।୮/ଏନ୍ଏନ୍ଏସ୍:** କାମାକ୍ଷାନଗରରେ କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ ଏହି ଦିବସ ପାଳିତ ହୋଇଛି। ୧୯୪୨ ମସିହା ଅଗଷ୍ଟ ମାସ ୯ ତାରିଖରେ ଜାତୀୟପିତା ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ କର ବା ମର ସଂକଳ୍ପ ଯାତ୍ରା ବ୍ରିଟିଶଙ୍କ ବିରୋଧରେ ସମଗ୍ର ଭାରତୀୟଙ୍କୁ ଏକାଠି କରି ଲଢ଼ିବାରେ ସହାୟକ ହୋଇଥିଲା। ସେହିପରି ଆଜିର ସମାଜରେ କର ବା ମର ଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯାହାକି ସମସ୍ତଙ୍କୁ ଏକ ହୋଇ ଲଢ଼ିବାକୁ ପଡ଼ିବ ବୋଲି ବରିଷ୍ଠ ନେତା ବିପ୍ରବର ସାହୁ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟବ୍ରତ କାଣ୍ଡି, ସତ୍ୟବ୍ରତ କାଣ୍ଡି, ସୁମନ୍ତ କାଣ୍ଡି, ଜଗନ ସାହୁ, ତୁଳସୀ ସାହୁ, ଅଭିନାଶ ସାମଲ, ପ୍ରତିମା ସାହୁ ଓ ନଳିନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମନୋଜ କୁମାର ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରତାପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## 'ଆଧ୍ୟାତ୍ମିକ ସମନ୍ୱୟର ଭୂମି କେନ୍ଦୁଝର'



**କେନ୍ଦୁଝର,୧୦।୮/ଏନ୍ଏନ୍ଏସ୍:** କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ଓଡ଼ିଆ ସାହିତ୍ୟରେ ଧର୍ମଧାରା' ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ସୁଧାକର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ପାଠଚକ୍ରରେ ପ୍ରାକ୍ତନ ଛାତ୍ରବକ୍ତା ଭାବେ ରିମୁଳି ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ଼ ତରୁଣ କୁମାର ଗାଙ୍ଗୁଲି ଯୋଗଦେଇ କେନ୍ଦୁଝର ଧର୍ମ ଧାରା ଉପରେ ଆଲୋଚନା କରି ପ୍ରାୟ ୨ୟ ଶତାବ୍ଦୀରୁ କେନ୍ଦୁଝର ଆଧ୍ୟାତ୍ମିକ ସମନ୍ୱୟ ଭୂମି ଭାବେ ଖ୍ୟାତି ଲାଭ କରିଥିବାର ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଓଡ଼ିଆ ବିଭାଗର ଅଧ୍ୟାପିକା ପ୍ରଜ୍ଞା ପାରମିତା ସାହୁ, ଡ଼ଃ ଜ୍ୟୋତିକିଶୋର ମହାନ୍ତ ଓ ଡ଼ଃ ଅଜୟ କୁମାର ସାହୁ ଯଥାକ୍ରମେ ଆଦିବାସୀ ସଂସ୍କୃତି ଓ ଶ୍ରୀ ଜଗନ୍ନାଥ, ବୈଷ୍ଣବ ଧର୍ମ ଏବଂ ଓଡ଼ିଆ ସାହିତ୍ୟରେ ଶୈବ ଧର୍ମ ଓ ଶ୍ରୀ ଜଗନ୍ନାଥ ସମ୍ପର୍କିତ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ଶୁଭସ୍ମିତା ଦାଶ ପାଠ୍ୟଚକ୍ରର ଆଭିମୁଖ୍ୟ ପ୍ରକାଶ କରିଥିବାବେଳେ ଡ଼ଃ ସୁମନ୍ତ ନାଏକ ଜନଜାତିଙ୍କ ଧର୍ମଧାରା ଉପରେ ଆଲୋଚନା ରଖିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ଆକାଲୁ ପୃଷ୍ଟି ଆଦିବାସୀ ଧର୍ମଧାରା କିପରି ହିନ୍ଦୁ ଧର୍ମକୁ ପ୍ରଭାବିତ କରିଛି ସେ ସମ୍ପର୍କରେ ମତ ଦେଇଥିଲେ। ବିଭାଗର ଛାତ୍ରୀ ତଥା ସଂପାନ ସମ୍ପାଦିକା କୁମାରୀ ଅନୁରାଧା ବିଶ୍ୱାଳ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ପ୍ରକାଶଥାଉକି ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ପ୍ରତି ମାସ ଜଣେ ପ୍ରତିଷ୍ଠିତ ପ୍ରାକ୍ତନ ଛାତ୍ର ବକ୍ତାଙ୍କୁ ନେଇ ପାଠଚକ୍ରମାନ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଭଳି ପାଠଚକ୍ର ଆୟୋଜନ କରିବାକୁ ପ୍ରୋତ୍ସାହିତ କରିଥିବାରୁ ବିଭାଗ ମୁଖ୍ୟ ସୁଧାକର ଦାଶ ଓ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କୁ ବିଭାଗ ତରଫରୁ କୃତଜ୍ଞତା ଜଣାଇଥିଲେ। ଶେଷରେ ସ୍ନାତକୋତ୍ତର ସଂପାନ ସମ୍ପାଦିକା ବର୍ଷାରାଣୀ ବାରିକ ଧନ୍ୟବାଦ ଦେଇଥିଲେ।

## ବଜ୍ରପାତରେ ଗୁହାଳ ପୋଡ଼ି, ଛେଳି ମୃତ

**ସୋର,୧୦।୮/ଏନ୍ଏନ୍ଏସ୍:** ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ଦିଗି ଗ୍ରାମର ବଜ୍ରପାତରେ ଗୁହାଳ ଘର ପୋଡ଼ିଯିବା ଫଳରେ ୪ଟି ଛେଳି ଅର୍ଦ୍ଧଦଗ୍ଧ ହୋଇଥିବାବେଳେ ଗୋଟିଏ ଛେଳିର ମୃତ୍ୟୁ ଘଟିଛି। ଅପରାହ୍ନ ୫ଟାରେ ବ୍ରଜପାତ ହେବା ଯୋଗୁ ଭରତ ଜେନାଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ଗୁହାଳଘରେ ଆଶ୍ରୟ ନେଇଥିବା ୪ଟି ଛେଳିଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ସେଥିରୁ ଗୋଟିଏ ଛେଳିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

**AFFIDAVIT**

I, Dasharathi Pradhan, S/O-Late Sanatan Pradhan, Resident Of At: Qtr No.-B/1315, Post: Nalco Nagar, Ps: Nalco Nagar, Dist: Angul, Pin: 759145, Odisha Declare By This Affidavit No.: 432 Dtd: 06.07.2024 That Now Onwards I Shall Be Known As **DASARATHI PRADHAN** For All Future Purposes.

**AFFIDAVIT**

I, Durjyodhan Behera, aged about 41 years, S/o Ujjala Behera resident of village Bira Singh Laxmi Narayanpur, Po- Nuagaon, Dist-Ganjam do hereby declare that my name is Durjyodhan Behera which is written in my Aadhaar card bearing no. 902919775590 and in my PAN card bearing No. BWIPB6485R but my pass post name is wrongly written as Duryodhan Behera. That **Durjyodhan Behera** and **Duryodhan Behera** is one and same person.

**AFFIDAVIT**

I, Seema Adams, D/o Mr Prakash Chand Jain, resident of Plot No - 379/E, Madan Sen Lane, At - Town Hall Road, Cuttack, Pin - 753009, Odisha declare by this affidavit no.3645, dtd- 8th August of 2024 that now onwards I shall be known as Seema Jain for all future purposes.

## କଳାବିକାଶ କେନ୍ଦ୍ର ପକ୍ଷରୁ ଜରୁରୀ ବୈଠକ

**ବେତନଟୀ,୧୦।୮/ଏନ୍ଏନ୍ଏସ୍:** ବେତନଟୀ ସ୍ଥାନୀୟ କଳା ବିକାଶ କେନ୍ଦ୍ରରେ ସ୍ଥାୟୀ ସଭାପତି ରାଧାମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡାକ୍ତର ସୁଶିଳ କୁମାର ଘୋଷଙ୍କ ଦ୍ୱାରା ପୂର୍ବ ବୈଠକର ବିବରଣୀ ପାଠ ପରେ ଆଲୋଚନା କରାଯାଇ ଆସନ୍ତା ନଭେମ୍ବର ମାସରେ କେନ୍ଦ୍ରର ବାର୍ଷିକ ଉତ୍ସବ ପାଳନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସଭାପତି ବିଜୟ କୁମାର ଦ୍ୱିବେଦୀ, ରାଧାକୃଷ୍ଣ ପାତ୍ର, ସୁଶୀଲ କୁମାର ତ୍ରିପାଠୀ, କରୁଣାକର ପତି, ସାମ୍ବାଦିକ କମଳଲୋଚନ କର ଓ ଶ୍ୟାମ ପ୍ରସାଦ ମଢୁଆଲ ଉପସ୍ଥିତ ଥିଲେ। ଶେଷରେ ଇଶ୍ୱର ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ




**ଯୋଡ଼ା,୧୦।୮/ଏନ୍ଏନ୍ଏସ୍:** ରୋଟାରୀ କ୍ଲବ୍ ଯୋଡ଼ାର ୨୧ତମ ଅଧିଷ୍ଠାନ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଟାଟା ଷ୍ଟିଲ୍ ଭ୍ୟାଲି କ୍ଲବ୍‌ରେ ଆୟୋଜିତ ହୋଇଯାଇଛି। ଏଥିରେ ସଭାପତି ଭାବେ ରୋଟାରୀଆନ୍ ପ୍ରକାଶ ମହାନ୍ତି ଓ ସମ୍ପାଦକ ଭାବେ ରୋଟାରୀଆନ୍ ସାରଦା ପ୍ରସାଦ ଆଚାର୍ଯ୍ୟ ୨୦୨୪-୨୫ ବର୍ଷ ପାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ରୋଟାରୀ ଜିଲ୍ଲା-୩୨୬୨ର ପ୍ରାନ୍ତପାଳ ଯାଜ୍ଞଶିଷ ମହାପାତ୍ରଙ୍କ ଅନୁମୋଦନକ୍ରମେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲ୍ ସାଧାରଣ ପରିଚାଳକ ଅତୁଲ କୁମାର ଭଟ୍ଟନାଗର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସହକାରୀ ପ୍ରାନ୍ତପାଳ ରୋଟାରୀଆନ ଡ. ରାଜେନ୍ଦ୍ର ପଲେଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିରେ ୨୦୨୩-୨୪ ବର୍ଷର ସଭାପତି ରୋଟାରୀଆନ୍ ସ୍ନିଗ୍ଧା କର ଓ ସମ୍ପାଦକ ରୋଟାରୀଆନ ରୀନା ସିଙ୍ଗାଣିଆ କଲାର ପରିବର୍ତ୍ତନ କରି ଯଥାକ୍ରମେ ପ୍ରକାଶ ମହାନ୍ତି ଓ ସାରଦା ପ୍ରସାଦ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ସମ୍ପାଦକ ଚଳିତ ବର୍ଷ ପାଇଁ ୫ ହଜାର ବୃକ୍ଷରୋପଣ, ୧୦ଜଣଙ୍କ କୃତ୍ରିମ ଅଙ୍ଗରୋପଣ, ସାମୁହିକ ଅଙ୍ଗଦାନ, ଯୋଡ଼ା ବସ୍‌ଷ୍ଟାଣ୍ଡ, ଜଗନ୍ନାଥ ମନ୍ଦିର ଓ ବାମେବାରି ଶିଶୁ ମନ୍ଦିରରେ ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ, ବାମେବାରିରେ ଇ-ଲର୍ନିଙ୍ଗ ସେଣ୍ଟର, ମହିଳା ମହାବିଦ୍ୟାଳୟରେ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଯୋଡ଼ା ସହରରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ସାନିଟାରି ନାପକିନ୍‌ର ଭେଣ୍ଡିଂ ମେସିନ ସ୍ଥାପନ ଭଳି ବିଭିନ୍ନ ଜନହିତକର ଯୋଜନାମାନ ଘୋଷଣା କରିଥିଲେ। ସେହିପରି ନୂତନ ସଭାପତି ସମାଜର ଅବହେଳିତ ଜନସାଧାରଣଙ୍କ ସେବା କରିବା ପାଇଁ ଯୋଡ଼ା ରୋଟାରୀ କ୍ଲବ୍ ସବୁବେଳେ ନିଜକୁ ଉତ୍ସର୍ଗ କରିଆସିଛି। ଏଥିରେ ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ରହିଛି ବୋଲି କହିଥିଲେ। ମୁଖ୍ୟଅତିଥି ଶ୍ରୀ ଭଟ୍ଟନାଗର ଯୋଡ଼ା ରୋଟାରୀ କ୍ଲବ୍ ଯୋଡ଼ା ଅଞ୍ଚଳରେ ଖୁବ୍ ଭଲ ସାମାଜିକ କାର୍ଯ୍ୟ କରିଆସୁଛି। ସବୁବେଳେ ରୋଟାରୀ କ୍ଲବ୍ ସହିତ ଟାଟା ଷ୍ଟିଲ୍ ଜଡ଼ିତ ହୋଇଆସିଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ ସହାୟତାର ହାତ ବଢ଼ାଇବା ପାଇଁ କେବେ ବି କୁଣ୍ଠାବୋଧ କରିନାହିଁ। ଆଗାମୀ ଦିନରେ କମ୍ପାନୀର ଏହି ସହାୟତା ଜାରି ରହିବ ବୋଲି ଶ୍ରୀ ଭଟ୍ଟନାଗର କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡ଼ା ସହରର ଅନେକ ବିଶିଷ୍ଟ ବ୍ୟକ୍ତି, ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଭୁବନେଶ୍ୱର, ଭଦ୍ରକ, କେନ୍ଦୁଝର ଓ ବଡ଼ବିଲ୍ ରୋଟାରୀ କ୍ଲବ୍‌ର ସଦସ୍ୟମାନେ ଯୋଗ ଦେଇଥିଲେ।

**ପ୍ରକାଶ ସଭାପତି ଓ ସାରଦା ସମ୍ପାଦକ ଅଧିଷ୍ଠିତ**

**ଉଦଳା ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ**

# ଶିକ୍ଷାର୍ଥୀଙ୍କୁ ସଚ୍ଚରିତ୍ର ଓ ଶୃଙ୍ଖଳିତ ହୋଇ ଅଧ୍ୟୟନ କରିବାକୁ ପରାମର୍ଶ

**ଖୁଣ୍ଟା,୧୦।୮/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡର ସର୍ବପୁରାତନ ଉଦଳା ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗଦେଇ ଉଦଳା ମହାବିଦ୍ୟାଳୟକୁ ଏକ ଅଗ୍ରଣୀ ମହାବିଦ୍ୟାଳୟରେ ପରିଣତ କରିବାକୁ ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ।




ମୁଖ୍ୟବକ୍ତା ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଚେୟାରମ୍ୟାନ୍ ପ୍ରମିଳା ପଣ୍ଡା ଯୋଗଦେଇ ଶିକ୍ଷାର୍ଥୀଙ୍କୁ ସଚ୍ଚରିତ୍ର ଓ ଶୃଙ୍ଖଳିତ ହୋଇ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥିଭାବେ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାନ୍ତି, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବ୍ଲକ୍ ଚେୟାରମ୍ୟାନ୍ ମଞ୍ଜୁଲତା ବିଶ୍ୱାଳ, ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଚିନ୍ତାମଣି ମହାନ୍ତ ଓ ଶିକ୍ଷାର୍ଥୀ ଆଲୁମିନିର ସଭାପତି ଡ଼ଃ ସଚ୍ଚିଦାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତିରେ ସହଯୋଗ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ରସାୟନ ବିଜ୍ଞାନ ବିଭାଗର ଟପ୍ପର୍ ସସ୍ମିତା ପରିଡ଼ା, ବିଜ୍ଞାନ ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଏ ଅନ୍ୱେଶା, +୨ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ରମେଶ ଚନ୍ଦ୍ର ଖଣ୍ଡେଇ, ସଞ୍ଜୀବ କୁମାର ବେହେରା ଓ ସେଲିନା ଟୁଡୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୌମେନ୍ଦ୍ର କୁମାର ଦାଶ, ଅଧ୍ୟାପିକା ଡ଼ଃ ମିନାକ୍ଷୀ ପରିଡ଼ା, ଅଧ୍ୟାପକ ଗୋଲକ ବିହାରୀ ନାୟକ, ପୂର୍ଣ୍ଣିମା ପରୀକ୍ଷା, ହେଲିନା ଦାସ ଓ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ, ଏନ୍‌ସିସି, ଏନ୍ଏସ୍ଏସ୍, ରେଡକ୍ରସ୍‌ର ଛାତ୍ରଛାତ୍ରୀମାନେ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସୁଧାକର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

A-217

**OFFICE OF THE SUPERINTENDING ENGINEER**
**CHHELIGADA HEADWORKS DIVISION, AT/PO: MAHENDRAGADA,**
**VIA-CHANDRAGIRI, DIST-GAJAPATI, PIN-761017**
e-mail : eechwd@gmail.com

**Auction Sale Notice No. SE-CHWD-01/2024-25**

Bid documents comprising of items for disposal, estimated cost, cost of tender paper, EMD, time of completion, class of contractor, the set of terms and condition and other necessary document can be seen in web portal http://www.tenderodisha.gov.in

| | | |
|---|---|---|
| 1. Type of items for disposal | : | Unserviceable Special T&P materials (Vehicles) |
| 2. No. of LOTs | : | 03 |
| 3. Upset price | : | Rs.18000/- to 26550/- (As per DTCN) |
| 4. Cost of tender documents | : | Rs.400/- |
| 5. Caution money to be furnished | : | 5% i.e. Rs.900/- To 1328/- (As per DTCN) |
| 6. Date & time of availability of bid documents | : | 12.08.2024 to 11.09.2024 upto 3.00 PM |
| 7. Date & venue of opening of bid | : | 12.09.2024 at 11.00 AM, in the office of Superintending Engineer, Chheligada Head Works division, Mahendragada, Dist-Gajapati. |
| 8. Name of the officer inviting bid | : | Superintending Engineer, Chheligada Head Works Division, Mahendragada, Dist-Gajapati |

N.B:- Further details can be seen in the bidding documents and also from Government web portal http://www.tenderodisha.gov.in

**Sd/- Superintending Engineer,**
**Chheligada Head Works Division,**
**Mahendragada (Gajapati)**

OIPR-32109/11/0001/2425

## କାର୍ଯ୍ୟରେ ଯୋଗଦେଲେ ଜଗତସିଂହପୁରର ନୂଆ ଜିଲ୍ଲାପାଳ

**ଜଗତସିଂହପୁର,୧୦।୮/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଜେ ସୋନାଲ କାର୍ଯ୍ୟରେ ଯୋଗ ଦେଇଛନ୍ତି। ୨୦୧୮ ବ୍ୟାଚ୍‌ର ଆଇଏଏସ୍ ଶ୍ରୀ ସୋନାଲ ପୂର୍ବରୁ ଜିଲ୍ଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ(ପାରାଦୀପ) ଲଳିତ ମୋହନ ବେହେରା, ଜିଲ୍ଲାପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ନୂତନ ଜିଲ୍ଲାପାଳଙ୍କୁ



ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଜିଲ୍ଲାପାଳ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ସାରଳାଙ୍କୁ ଦର୍ଶନ କରିଥିଲେ। ଶ୍ରୀ ସୋନାଲ ପୂର୍ବରୁ ବୌଦ୍ଧ ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ପ୍ରକାଶଥାଉକି, ଜଗତସିଂହପୁର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଅନୁପମ ସାହା ଗତ ଜୁଲାଇ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ବଦଳି ହୋଇଥିଲେ।

## ଆପ୍ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ



ଢେଙ୍କାନାଳ,୧୦।୮/ଏନ୍‌ଏନ୍‌ଏସ୍: ଅଗଷ୍ଟ କ୍ରାନ୍ତିଦିବସ ପ୍ରତ୍ୟେକ ବର୍ଷ ଅଗଷ୍ଟ ୯ ତାରିଖରେ ପାଳନ କରାଯାଉଛି। ଏହି ଦିବସକୁ ବିଶ୍ୱ ଆଦିବାସୀ ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଏହି ଅବସରରେ ଆମ୍ ଆମଦି ପାଟର୍ଜ ପକ୍ଷରୁ ମଧ୍ୟ ଏହି ଦିବସକୁ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ପଙ୍କଜ ନାୟକଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ସେନା ଅଧିକାରୀ ନଗେନ କର ଯୋଗଦେଇ ବସ୍‌ଷ୍ଟାଣ୍ଡ ପାଖରେ ଥିବା ଜାତିରପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କଙ୍କଡ଼ାହାଡ଼ ବ୍ଲକ୍‌ର ଡଙ୍ଗାପାଳ ଜଗନ୍ନାଥ ମନ୍ଦିରରେ ମୁଖ୍ୟଅତିଥି ଭାବେ ଆଦିବାସୀ ନେତା ଅଭୟ ସିଂ, ଆମ୍ ଆଦମୀ ପାର୍ଟିର ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, ଜିଲ୍ଲା ଉପସଭାପତି ଜିତେନ୍ଦ୍ର ବେହେରା ଓ କାମାକ୍ଷାନଗର ଏନ୍‌ଏସି ସଭାପତି ସୁବୋଧ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ପ୍ରକୃତିକୁ ଭଲ ପାଇବା, ସେମାନଙ୍କର ବେଶଭୁଷା, ଖାଦ୍ୟ, ଭାଷା ଇତ୍ୟାଦି ଉପରେ ଆଲୋଚନା କରି ସେମାନଙ୍କ ଯୋଗୁ ଜଙ୍ଗଲ ଜମି ବଞ୍ଚିରହିଛି ବୋଲି କହିଥିଲେ। ଦଳର ସଦସ୍ୟ ନନ୍ଦକିଶୋର ଦାସ, ସୁବାଷ ସାହୁ, ଶରତ ସାହୁ, ମହିଳା ପ୍ରମୁଖ ବବିତା କବି ଓ ଗୀତାଞ୍ଜଳି ପାତ୍ର, ଦେବାଶିଷ ନନ୍ଦ, ଅନିଲ ନାଥ, କାର୍ତ୍ତିକ ସାମଲ, ବିଷ୍ଣୁ ଦେହୁରୀ, ଶକ୍ତିରଞ୍ଜନ ମହାପାତ୍ର ଓ ଅର୍ଦ୍ଧେନ୍ଦୁ ଶେଖର ବରାଳ ପ୍ରମୁଖ ଉପସ୍ଥିତ ରହି ଦେଶମାତୃକା ପାଇଁ ବଳିଦାନ ଦେଇଥିବା ବୀର ସୁପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଅଗଷ୍ଟ କ୍ରାନ୍ତି ବିଷୟରେ କହିଥିଲେ। ପରେ ସ୍ଥାନୀୟ ଲୋକମାନେ ଦଳରେ ଯୋଗଦେଇ ବ୍ଲକ୍‌ର ବିଭିନ୍ନ ଜୋନ୍ ଏବଂ ପଞ୍ଚାୟତର ସଂଗଠନ ଦାୟିତ୍ୱ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଏକାଦଶାହ କ୍ରିୟା ପାଇଁ ଆଦର୍ଶ ଯୁବ ପରିଷଦର ଆର୍ଥିକ ସହାୟତା



**ସୋର,୧୦।୮/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ଅନନ୍ତପୁର ପଞ୍ଚାୟତ ଗୌଡ଼ସାହି ଗ୍ରାମର ମୃତକ ମନୋରଞ୍ଜନ ପଣ୍ଡାଙ୍କ ଏକାଦଶାହ କ୍ରିୟା ପାଇଁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ଆର୍ଥିକ ସହାୟତା ପ୍ରଦାନ କରିଛି। ମନୋରଞ୍ଜନ ବାଙ୍ଗାଲୋରରେ ରହି ଦାଦନ ଖଟୁଥିଲେ। ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ହଠାତ ମୃତ୍ୟୁ ଘଟିବାରୁ ତାଙ୍କ ପରିବାର ଆଜି ଅସହାୟ ପାଲଟିଯାଇଛି। ତାଙ୍କ ପତ୍ନୀ ଜୟନ୍ତୀ ପଣ୍ଡାଙ୍କର ୩ ଝିଅ ଥିବାବେଳେ ଏମିତି ହଠାତ ସ୍ୱାମୀଙ୍କ ମୃତ୍ୟୁରେ ସେ ଭାଙ୍ଗି ପଡ଼ିଛନ୍ତି। ପରିସ୍ଥିତି ଏମିତି ହୋଇଥିଲା କି ସେ ସ୍ୱାମୀଙ୍କ ଏକାଦଶାହ କର୍ମ କରିବାକୁ ମଧ୍ୟ ସକ୍ଷମ ହୋଇ ପାରିନଥିଲେ। ଏମିତି ଦୁର୍ଦ୍ଦିନରେ କେମିତି ବଞ୍ଚିବେ, କେମିତି ପିଲାଙ୍କୁ ମଣିଷ କରିବେ ଏହି କଥା ଭାବି ଭାବି ଆଖିରୁ ଲୁହ ଗଡ଼ାଉଥିଲେ। ଏହି ଖବର ଆଦର୍ଶ ଯୁବ ପରିଷଦକୁ ମିଳିବା ପରେ ପରିଷଦ ସଦସ୍ୟ ସଦସ୍ୟାମାନେ ଗୌଡ଼ ସାହିରେ ପହଞ୍ଚି ମନୋରଞ୍ଜନଙ୍କ ଏକାଦଶାହ କର୍ମ ପାଇଁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାସହ ୩ ଝିଅ କେମିତି ପାଠ ପଢ଼ିବେ ଏବଂ ଭଲ ମଣିଷ ହେବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ପ୍ରଶାସନ ତରଫରୁ ସହାୟତା ଦେବାକୁ ଅନୁରୋଧ କରିଥିଲେ।

### ଚାଷୀଙ୍କ ଅଜାଣତରେ ଆକାଉଣ୍ଟରୁ ଟଙ୍କା ହଡ଼ପ ଘଟଣା

# ଚାଷୀଙ୍କ ଅପେକ୍ଷା ନିଜ ସୁବିଧାକୁ ପ୍ରାଧାନ୍ୟ ଦେଉଛି ସମବାୟ ସମିତି

**ଆଳି,୧୦।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍ ବରୁଣା ସମବାୟ ସମିତିର ଜଣେ ଚାଷୀଙ୍କ ଅଗୋଚରରେ ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ୫୮ ହଜାର ଟଙ୍କା ହଡ଼ପ ହେବା ପରେ ସମବାୟ ସମ୍ପାଦକ ଓ କଟକ ସମବାୟ ସମିତି ଅଧୀନରେ ଥିବା ଚାଷୀଙ୍କ ମଧ୍ୟରେ ଭୟଲେଣି ପଡ଼ିଯାଇଛି। କାରଣ ଏବେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଆଜିପର୍ଯ୍ୟନ୍ତ ଚାଷୀ ନିଜର ଋଣ ଅର୍ଥ ବ୍ୟାଙ୍କରୁ ପାଉନି। ବ୍ୟାଙ୍କରୁ ଋଣ ଅର୍ଥ ମିଳି

**ସମ୍ପାଦକ ଓ ବ୍ୟାଙ୍କ ପରିଚାଳକଙ୍କ ନାମରେ ମାମଲା ରୁଜୁ**

**ପାସବୁକ୍ ପ୍ରିଣ୍ଟ ପାଇଁ ବ୍ୟାଙ୍କରେ ଲାଗୁଛି ଭିଡ଼**

**ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ମିଳୁନି ଋଣ ଅର୍ଥ**

**ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚାଷୀଙ୍କ ସଜବାଜ**



କେନ୍ଦ୍ର ସମବାୟ ବ୍ୟାଙ୍କ ରାଜକନିକା ଶାଖା ପରିଚାଳକଙ୍କ ନାମରେ ସେ ଥାନାରେ ଅଭିଯୋଗ କରିଥିଲେ। ଏପରିକି ଏହି ଘଟଣା ସାମ୍ନାକୁ ଆସିବା ପରେ ଅନ୍ୟ କିଛି ଚାଷୀ ମଧ୍ୟ ସମ୍ପାଦକ ଓ ବ୍ୟାଙ୍କ ପରିଚାଳକଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ଏହି ଘଟଣା ପରେ ରାଜକନିକା ବ୍ଲକ୍‌ର ବରୁଣା ସମବାୟ ସମିତି ସହିତ ଅନ୍ୟ ସମବାୟର ଚାଷୀମାନେ ଏବେ ନିଜ ନିଜ ବ୍ୟାଙ୍କ ଖାତା ଯାଞ୍ଚ କରିବା ନିମନ୍ତେ ବ୍ୟାଙ୍କରେ ଭିଡ଼ ଲଗାଉଛନ୍ତି। ଏହି ସମବାୟ ଦୁର୍ନୀତି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଆଳି ବ୍ଲକ୍‌ରେ ଥିବା ୨୨ଟି ପାରୁନଥିବାରୁ ଚାଷୀମାନେ ଅନ୍ୟତ୍ର ଅଧିକ ସୁଧ ଗଣି ଚାଷ କାର୍ଯ୍ୟରେ ଲଗାଉଥିବା ନେଇ ଅଭିଯୋଗ କରୁଛନ୍ତି।

ଅନ୍ୟପଟେ ସମବାୟ କାର୍ଯ୍ୟାଳୟରେ ଚାଷୀଙ୍କ ଋଣ ବହି, ପିଟି କରିବା ଆଳରେ ଚେକବୁକ୍ ଭଳି ଜରୁରୀ କାଗଜପତ୍ର ରହୁଥିବାରୁ ଚାଷୀମାନେ ସେମାନଙ୍କ ଟଙ୍କା ଆକାଉଣ୍ଟରେ ଅଛି ନା ଜାଲ ଦସ୍ତଖତ କରି ଉଠାଇ ନିଆଯାଇଛି ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। କାରଣ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆକାଉଣ୍ଟରେ ଆଧାର ସହିତ ମୋବାଇଲ ନମ୍ବର ଲିଙ୍କ ରହୁଥିବାବେଳେ ବ୍ୟାଙ୍କ କାରବାରରେ ମେସେଜ କିନ୍ତୁ ଚାଷୀ ମୋବାଇଲକୁ ଆସୁନି। ଅନେକ ସମ୍ପାଦକମାନେ ଚାଷୀଙ୍କ ମୋବାଇଲ ବଦଳରେ ନିଜ ନମ୍ବର ଦେଉଥିବା ନଜରକୁ ଆସୁଛି। ଫଳରେ ଚାଷୀଙ୍କ ଅଜାଣତରେ ସମ୍ପାଦକମାନେ ବ୍ୟାଙ୍କ ମ୍ୟାନେଜରଙ୍କୁ ହାତ କରି ଟଙ୍କା ଠକି ନେଉଛନ୍ତି। ଆଳି ବ୍ଲକ୍‌ରେ ଦୀର୍ଘ ବର୍ଷ ହେବ ୧୧ଟି ସମବାୟ ସମିତି ଅଧୀନରେ ସମସ୍ତ ଚାଷୀମାନେ ସେମାନଙ୍କର ଋଣ ଲେଣଦେଣ ସହିତ ବିହନ, ସାର ଓ ଧାନମଣ୍ଡି ଭଳି ଅନେକ କାର୍ଯ୍ୟ କରୁଥିଲେ। ଏବେ ଚାଷୀଙ୍କ ନିକଟରେ ସମବାୟ ସୁବିଧା ପହଞ୍ଚାଇବା ନିମନ୍ତେ ନୂତନ ଭାବେ ଆଉ ୧୧ଟି ସମବାୟ ସମିତି ଗଠନ କରାଯାଇଛି। ମାତ୍ର ନୂତନ ଭାବେ ଗଠନ ହୋଇଥିବା ସମବାୟ ସମିତି ଗୁଡ଼ିକ ଏବେ ଚାଷୀଙ୍କ ସୁବିଧା ଅପେକ୍ଷା ନିଜ ସୁବିଧାକୁ ପ୍ରଥମେ ଦେଖୁଛନ୍ତି।

ଚାଷୀମାନେ ଋଣ ଟଙ୍କା ପାଇଁ ମାସ ମାସ ଧରି ଅପେକ୍ଷା କରିଥିବାବେଳେ ନୂତନ ସମବାୟ ମଧ୍ୟରୁ କିଛି ସମବାୟ ସମିତିକୁ ବ୍ୟାଙ୍କ ପକ୍ଷରୁ ଅନୁକମ୍ପା ଦେଖାଯାଇ କୋଟି କୋଟି ଟଙ୍କା ଋଣ ଅର୍ଥ ଯୋଗାଇ ଦିଆଯାଉଛି। ନିର୍ଦ୍ଦିଷ୍ଟ ସମବାୟ ସମିତିକୁ ମନଇଚ୍ଛା ଋଣଟଙ୍କା ଯୋଗାଇ ଦିଆଯାଉଥିବାବେଳେ ଶତାଧିକ ଚାଷୀମାନେ ଚାଷ କାର୍ଯ୍ୟରେ ନିଜର ଋଣ ଟଙ୍କା ପାଉନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଳି ଧୋୟାଞ୍ଚଳର ଏକ ସମବାୟର ସଭାପତି, ସମ୍ପାଦକ ଓ କିଛି ଦଲାଲ ଚାଷୀଙ୍କୁ ଅନ୍ଧାରରେ ରଖି ସେମାନଙ୍କ ଆକାଉଣ୍ଟରୁ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଥିବା ସେହି ଚାଷୀମାନେ ଏବେ ବ୍ୟାଙ୍କରୁ ସେମାନଙ୍କ ବହି ଯାଞ୍ଚ କରିବା ପରେ ଟଙ୍କା ହରିଲୁଟ୍ ହୋଇଥିବା ଜାଣିବାକୁ ପାଉଛନ୍ତି। ସେହି ଚାଷୀମାନେ ସମବାୟ ସମ୍ପାଦକ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ମ୍ୟାନେଜର୍‌ଙ୍କ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ପ୍ରସ୍ତୁତ ହେଉଥିବାବେଳେ ୨୦୨୦-୨୧ର ଋଣ ଛାଡ଼ ବାବଦରେ ଆସିଥିବା ଅର୍ଥକୁ ଚାଷୀଙ୍କୁ ନଦେଇ ନିଜେ ହଡ଼ପ କରି ନେଇଥିବା ସମ୍ପାଦକଙ୍କ ବିରୋଧରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ନିମନ୍ତେ ପ୍ରସ୍ତୁତ ହେଲେଣି।

## ଦୋବଲ ବଜାର ଜବରଦଖଲମୁକ୍ତ କରିବାକୁ ତହସିଲଦାରଙ୍କ ତତ୍ପରତା

**ଧାମନଗର,୧୦।୮/ଏନ୍‌ଏନ୍‌ଏସ୍:** ରାଜ୍ୟରେ ନୂତନ ସରକାର ଆସିବା ପରେ ସରକାରୀ ଜାଗା ଜବରଦଖଲ ମୁକ୍ତ କରିବାକୁ ଉଦ୍ୟମ ଜାରି ରହିଛି। ଧାମନଗର ତହସିଲ ଅଧୀନରେ ଶହ ଶହ ଏକର ସରକାରୀ ଗୋଚର ଓ ଅନାବାଦି ଜାଗା ରହିଥିବାବେଳେ ଜମି ଦଲାଲମାନେ ଏହି ଜାଗା ସବୁ ମାଡ଼ି ବସିଛନ୍ତି। ତେବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜମି ମାଡ଼ି ବସିଥିବା ଦଲାଲଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଧାମନଗର ତହସିଲ ପକ୍ଷରୁ ନିକଟରେ ଧାମନଗର ହାଟଛକକୁ ଉଚ୍ଛେଦ କରାଯାଇ ଥିବାବେଳେ ଏବେ ଦୋବଲ ବଜାରକୁ ଜବରଦଖଲ ମୁକ୍ତ କରିବା ପାଇଁ ତହସିଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ତହସିଲ ପକ୍ଷରୁ ମୁସ୍ତାଫାପୁର ପଞ୍ଚାୟତର ଦୋବଲ ବଜାର ଓ ରାସ୍ତା ମାପ ପାଇଁ ନୋଟିସ ଜାରି କରାଯାଇଛି। ମାପ ଓ ଚିହ୍ନଟ ସରକାରୀ ଜାଗା ଉଚ୍ଛେଦ ପରେ ରାସ୍ତା ସମ୍ପ୍ରସାରଣ କରାଯିବ ବୋଲି ତହସିଲଦାର ଦୀପକ ଦାସ ସୂଚନା ଦେଇଛନ୍ତି। ତେବେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଶାସନ ବଜାରକୁ ଜବରଦଖଲ ମୁକ୍ତ କରିବା ପାଇଁ ପ୍ରସ୍ତୁତି ହୋଇଗଲେଣି। ପ୍ରକାଶଥାଉକି ଧାମନଗର କଲେଜଠାରୁ ଦୋବଲ ପୋଲ ବନ୍ଧ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତା ଜବରଦଖଲ ହୋଇଛି। ଫଳରେ ସାଧାରଣ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ମକର ଦାସଙ୍କ ଶ୍ରାଦ୍ଧ ଉତ୍ସବ

**କେନ୍ଦ୍ରାପଡ଼ା,୧୦।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍ ଅନ୍ତର୍ଗତ ହାଟବାଣପୁର ଗ୍ରାମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମକର ଦାସଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ମକର ଦାସ ଏବଂ ତାଙ୍କ ପତ୍ନୀ ଦୁଲଣୀ ଦାସଙ୍କର ପ୍ରତିମୂର୍ତ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ବିମ୍ବାଧର ମୁଦୁଲି ଓ ଉପସଭାପତି ଫକୀରମୋହନ ଦାସଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉତ୍ତରଦାୟାଦ୍ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ସଂଗଠନ ସମ୍ପାଦକ ଶିବ ପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ତୁଷାର ଘୋଷ, ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରସାଦ ଦାସ,



ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଳମଣି ରାଉତ, ଶରତ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଜିଲ୍ଲା ସମ୍ପାଦକ ପଦ୍ମନାଭ ଦାସ, ସୁପୁତ୍ର ପଞ୍ଚାନନ ଦାସ, ବାଉରୀ ବନ୍ଧୁ ଦାସ, ସତ୍ୟରଞ୍ଜନ ମଲ୍ଲିକ, ଜୀବନ ମହାନ୍ତି, ମିନତୀ ଦାସ, ଅମୂଲ୍ୟନନ୍ଦ ସାହୁ, ନିରଞ୍ଜନ ସାହୁ, ପ୍ରମୋଦ ପରିଡ଼ା ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

**ଆଠମଲ୍ଲିକ,୧୦।୮/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଆଠମଲ୍ଲିକ ମହାବିଦ୍ୟାଳୟରେ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ଜ୍ଞାନ, ବିତର୍କ, ସଙ୍ଗୀତ, ଚିତ୍ରାଙ୍କନ ଓ ପ୍ରବନ୍ଧ ଆଦି ବିଷୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆଠମଲ୍ଲିକ ଉପଖଣ୍ଡର ଆଠମଲ୍ଲିକ ଡିଗ୍ରୀ କଲେଜ, ଷୋଳପଦା ଡିଗ୍ରୀ କଲେଜ ଠାକୁରଗଡ଼, ଷୋଳପଦା ହାୟର ସେକେଣ୍ଡାରୀ ସ୍କୁଲ ଠାକୁରଗଡ଼, ଅଏଡ଼ା ମହାବିଦ୍ୟାଳୟ, କାଶୀ ବିଶ୍ୱନାଥ ହାୟର ସେକେଣ୍ଡାରୀ ସ୍କୁଲ ପାଇକସାହି, କିଶୋର ନଗର ଡିଗ୍ରୀ କଲେଜ ଓ କିଶୋର ନଗର ହାୟର ସେକେଣ୍ଡାରୀ ସ୍କୁଲରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ଆଠମଲ୍ଲିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ଓ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ରୂପେ ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମାନନ୍ଦ କୁମ୍ଭାର, ବିକ୍ରମ ନାୟକ, ଅଧ୍ୟାପିକା କଳ୍ପନା ମହାନ୍ତି, କଲ୍ୟାଣୀରୂପା ମିଶ୍ର, ଡ଼ଃ ରଞ୍ଜିତ ସେଠୀ, ଚିତ୍ରଶିଳ୍ପୀ ମାନସ ବିଶ୍ୱାଳ ଓ ଟୁକୁନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପିଏସ୍‌କେ କମ୍ପାନୀକୁ ସୁରକ୍ଷା ଦେବାକୁ କସରତ

# ଜବତ ଗାଡ଼ିକୁ ନେଇ ଟଣାଓଟରା, ମିଳିତ ତଦନ୍ତ ଆରମ୍ଭ



**ଜେନାପୁର,୧୦।୮/ଏନ୍‌ଏନ୍‌ଏସ୍:** ବାଘୁଆ ପାହାଡ଼ରୁ କଳାପଥର ବୋଝେଇ କରି କାଗଜପତ୍ର ନଥିବା ଏକ ହାଇୱା ଗାଡ଼ିକୁ ବନବିଭାଗ କର୍ମଚାରୀ ଜବତ କରିଛି। ଏହି ଗାଡ଼ିକୁ ନିୟୋଜିତ କରିଥିବା ଠିକାସଂସ୍ଥାକୁ ସୁରକ୍ଷା ଦେବାଲାଗି ଟାଳଟୁଳନୀତି ଅବଲମ୍ବନ କରାଯାଉଛି ବୋଲି ଅଭିଯୋଗ ଉଠିଛି। ୫୩ନଂ ଜାତୀୟ ରାଜପଥ ଠିକା କାମ କରିବାକୁ ଆସିଥିବା ପିଏସ୍‌କେ କମ୍ପାନୀ ଲିଜ୍ ଆଢୁଆଳରେ ରହି ବେଆଇନ ପରିବହନ କରୁଥିବା ଗତ ୧ ତାରିଖ ଦିନ ଗାଡ଼ି ଜବତ ପରେ ସ୍ପଷ୍ଟ ହୋଇଥିଲା। ସେତେବେଳେ ବୋଝେଇ ହୋଇଥିବା କଳାପଥର ଓ ଗାଡ଼ିର କୌଣସି ବୈଧ କାଗଜପତ୍ର ଚାଳକ ଦେଖାଇ ନପାରିବାରୁ ଗାଡ଼ିକୁ ଜବତ କରି ବନବିଭାଗ ନିଜ ହେପାଜତକୁ ନେଇ ଯାଇଥିଲା। ତେବେ ଏହାକୁ ନେଇ କମ୍ପାନୀ ଖଣି ଖନନ ବନ୍ଦ ରଖିଥିବାବେଳେ ଗତ ୨ ତାରିଖରେ ବନାଞ୍ଚଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଯାଇଥିଲେ। ଶୁକ୍ରବାର ବନ ବିଭାଗ, ଖଣି ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ଘଟଣାର ଯାଞ୍ଚ କରିଛନ୍ତି। ବନ ବିଭାଗ ଜବତ କରିଥିବା ଗାଡ଼ିଟି ବେଆଇନ ଭାବେ ପରିବହନ କରୁଥିବା କହୁଥିବାବେଳେ ଲିଜ୍ ଦିଆଯାଉଥିବାରୁ ଖଣିରୁ ଉତ୍ତୋଳନ କରାଯାଇଛି ବୋଲି କମ୍ପାନୀ ଯୁକ୍ତି ବାଢୁଥିବା ଶୁଣାଯାଉଛି। ଯେଉଁ ସ୍ଥାନରେ ଗାଡ଼ି ଜବତ ହୋଇଛି ସେହି ଅଞ୍ଚଳ କାହା ଅଧୀନରେ ତାକୁ ନେଇ ଏବେ ଉଭୟ ବନ ଓ ଖଣି ମଧ୍ୟରେ ଏକ ପ୍ରକାର ଟଣା ଓଟରା ଆରମ୍ଭ ହୋଇଛି। ଯାହା ପାଇଁ ପୂର୍ବରୁ ବନ ବିଭାଗ ଥରେ ଯାଞ୍ଚ କରିଥିବାବେଳେ ଏବେ ମିଳିତ ଭାବରେ ଡ୍ରୋନ୍ ସାହାଯ୍ୟରେ ଜିପିଏସ୍ ସର୍ଭେ କରାଯାଇଛି। ବନ ବିଭାଗ ଏହାକୁ ତା ଏରିଆ ଦାବି କରି କାମ ବନ୍ଦ ରଖିଥିବାବେଳେ ରାଜସ୍ୱ ଓ ଖଣି ବିଭାଗ ଏହାକୁ ୯୦ ମସିହା ପରଠାରୁ ଲିଜ୍ ଦିଆଯାଉଥିବା କହିଛନ୍ତି। ଖଣି ବିଭାଗ ପିଏସ୍‌କେକୁ ସୁରକ୍ଷା ଦେବା ପାଇଁ ବନ ବିଭାଗକୁ ଭୂଆଁ ବୁଲାଉଛି ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ଏ ସମ୍ବନ୍ଧରେ ଜାଣିବା ପାଇଁ ବନାଞ୍ଚଳ ଅଧିକାରୀ ହିମାଂଶୁ ଶେଖର ପୃଷ୍ଟି, ଖଣି ଅଧିକାରୀ ଜୟ ପ୍ରକାଶ ନାୟକ, ଏପରିକି ବନଖଣ୍ଡ ଅଧିକାରୀଙ୍କୁ ଫୋନ୍‌ରେ ଯୋଗଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ୍ ରିସିଭ୍ କରୁନାହାନ୍ତି। ବିଭାଗୀୟ ଅଧିକାରୀମାନେ କୌଣସି ଅଦୃଶ୍ୟ ଶକ୍ତିର ଚାପରେ ଏଭଳି ଭୂମିକା ନିର୍ବାହ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଜବତ ଗାଡ଼ିର କୌଣସି ଆର ଟି ଓ କାଗଜପତ୍ର ନାହିଁ। ତେଣୁ ଗାଡ଼ି ମାଲିକ ଓ କମ୍ପାନୀ କିପରି ଏଭଳି ଗାଡ଼ିରେ ପରିବହନ କରୁଥିଲା ତାହା ମଧ୍ୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କମ୍ପାନୀ ପାଖରେ ପରିବହନ କରିବା ପାଇଁ କାଗଜପତ୍ର ନଥିବା ଏଇ ଗୋଟିଏ ହାଇୱା ରହିଛି ନା ଆଉ ଅଧିକ ରହିଛି ତାର ମଧ୍ୟ ତଦନ୍ତ ଦାବି ଦାବି ହୋଇଛି। ମିଳିତ ଯାଞ୍ଚ ସମୟରେ ଖଣି ଉପନିର୍ଦ୍ଦେଶକ ଶ୍ରୀ ନାୟକ, ଅତିରିକ୍ତ ବନ ସଂରକ୍ଷକ ସନ୍ତୋଷ କୁମାର ପତି, ବନାଞ୍ଚଳ ଅଧିକାରୀ ଶ୍ରୀ ପୃଷ୍ଟି , ବନପାଳ ସାକିର୍ ହୁସେନ୍, ତହସିଲଦାର ଶୁଭଙ୍କର ନାୟକ, ରାଜସ୍ୱ ନିରୀକ୍ଷକ ଚନ୍ଦନ ସାହୁ ଓ ଜେନାପୁର ପୁଲିସ ଉପସ୍ଥିତ ରହି ଯାଞ୍ଚରେ ସହଯୋଗ କରିଥିଲେ।




ନିତିଦିନ NITIDIN

DISPLAY CLASSIFIED

Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

NURSING ADMISSION
GNM
Eligibility: +2Arts, Sc., Com.
Both Male & Female, Dur: 3yrs.
ANM
Eligibility: +2Pass-Only Female, Dur: 2yrs
MOTHER'S NURSING SCHOOL
120-Kalinga Nagar, K-1, Ghatikia, BBSR-3.
Permitted by: H&FW Dept., Govt of Odisha
Affiliated by: Indian Nursing Council, Delhi, Odisha Nursing Council, BBSR.
Contact: 9438004888
9861497933

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P.
Equivalent to all Universities, Odisha.
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK, JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST)
IN +2 ANY STREAM
SCHOLARSHIP AVAILABLE
FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ
ଧୂପକାଠି ମେସିନ୍ ବସାଇ
ଦୈନିକ ୧୦୦୦ରୁ ୧୫୦୦
ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ
Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସଂପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କି ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସଂପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

# ସ୍ୱପ୍ନ ଦୋଷ



ରମାକାନ୍ତ ସାମନ୍ତରାୟ

(୧)

ହରି ରାସ୍ତାରେ ଚାଲିଥିଲା। ରାସ୍ତାର ଗୋଟେ ପଟେ କଳା କିଟିକିଟି ଅନ୍ଧାର ଓ ଅନ୍ୟ ପଟେ ଚକ୍‌ଚକ୍ ଦିନ ଦିପହରର ଆଲୁଅ। ଜଙ୍ଗଲ ଭିତରେ ଲମ୍ୱିଥିବା ଏକଟଣା ରାସ୍ତାରେ ଚାଲୁଥିଲା ସେ। ଠିକ୍ ତା' ଆଗରେ ହଲି ହଲି ଚାଲିଥିଲା ଗୋଟେ କମଳା ରଙ୍ଗର ବିରାଟ କଇଁଚଟେ। କଇଁଚ ତା' ଫାଳିଆ ପାଟିରେ ଗୋଟେ ସୁନେଲି ରଙ୍ଗର ପୋକ କାମୁଡ଼ି ଧରିଥିଲା। କଇଁଚକୁ ଟପି ଆଗକୁ ଗଲା ବେଳକୁ କଇଁଚ କିଛି ଗୋଟେ କହିଲା ହୁଏତ। ହରି ମୁହଁ ବୁଲେଇ ପଛକୁ ଅନେଇଲା ବେଳକୁ, ସେଠି ଆଉ କଇଁଚ ନଥିଲା। ରାସ୍ତା, ଜଙ୍ଗଲ, ଅନ୍ଧାର ଓ ଆଲୁଅ ବି ନଥିଲେ। ରାସ୍ତା ବି ନଥିଲା। ସେ ଏବେ ଛିଡ଼ା ହେଇଥିଲା ତା' ମାମୁଁଘର ଦାଣ୍ଡର ତୁଳସୀ ଚଉଁରା ପାଖରେ। ଆଈ ତା'ର ଛିଟ ଶାଢ଼ୀ ପିନ୍ଧି, ହାତିକିଆ ଓଢ଼ଣି ପକେଇ, ଥିରି ଥିରି କରି ନଇଁ-ନଇଁ ନୂଆବୋଉ ପରି ଚାଲୁଥିଲା। ସତୁରା ମାମୁଁଙ୍କ ସାନ ଝିଅ ମାଳତି ବନିଶୀ ଧରି ହଗିଲା ଭଳିଆ ବସିଥିଲା ଦାଣ୍ଡ ମଝି କୂଅ ଫେନ୍ଦରେ। ହରି ଯାଇଁ ମାଳତୀ ପଛରେ ଠିଆ ହେଲା ଓ କୂଅ ଭିତରକୁ ଅନିଶା କଲା। କୂଅ ଭିତରେ ପଡ଼ିଥିଲା ହଟକେଶ୍ୱର ମହାଦେବଙ୍କ ମାରଣା ଷେଣ୍ଢ। ଆହୁରି କେତେଜଣ ବି କୂଅ ଚାରିପାଖରେ ଠିଆ ହେଇ ଭିତରକୁ ଅନେଇଥିଲେ। ହୁ'ଦସ୍ କିଏ ଗୋଟେ ତାକୁ ପଛରୁ ପେଲିଲା କେଜାଣି, ଆକାଶରୁ ପାତାଳକୁ ଖସିବା ପରି ସେ ହାଉଳି ଖାଇ ଖସିପଡ଼ିଲା ତଳକୁ। ଠିକ୍ ଷେଣ୍ଢର ମୁନିଆ ଶିଙ୍ଗ ଅଗରେ ପଡ଼ିବା ଆଗରୁ ଛଟ୍ କରି ତା' ନିଦ ଭାଙ୍ଗିଗଲା।

ଚମକିପଡ଼ି ଉଠିବସିଲା ସେ। ଉଠି ଦେଖିଲା, ଗୋଟେ ପଥର ମୁଣ୍ଡିଆର ଗଡ଼ାଣିରେ ତଳ ଆଡ଼କୁ ମୁଣ୍ଡ ରଖି ଅବାଗିଆ କରି ଶୋଇଛି ସେ। ସେ ବୁଝିପାରୁ ନଥିଲା, ସେଇଠି ଏମିତି ସେ ଶୋଇଥିଲା କାହିଁକି ? ଏମିତିଆ ନିରୋଳିଆ ନିକାଞ୍ଚନିଆ ଜାଗାକୁ ସେ ଆସିଥିଲା କାହିଁକି ଯେ ? ନିଦ ଭାଙ୍ଗିଲାରୁ ଯାଇଁ ସେ ଜାଣିଲା ସେ ହରି ନୁହେଁ। ସୁବଳ।

ନିଜ ସ୍ୱପ୍ନ ଭିତରେ ସେ ହରି ହେଇଯାଇଥିଲା। ହରି କିଏ ଯେ ?

(୨)

ସୁବଳ ତା' ବାଁ କଡକୁ ଅନେଇଲା। ଟିକେ ଦୂରରେ ଗୋଟେ ଭଙ୍ଗା ଉଡାଜାହାଜ ଠିଆ ହେଇଛି। ସୁବଳ ସେ ଭଙ୍ଗା ଉଡ଼ାଜାହାଜର ଲାଞ୍ଜ ଉପରେ ବସିଲା। ସେ ବସିଲା ପରେ ଉଡାଜାହାଜ ଭୁଁ ଭୁଁ କରି ଉଡିବା ଆରମ୍ଭ କଲା। ଆକାଶକୁ ଉଠିଗଲା ପରେ କ'ଣ ଗୋଟେ ଇଚ୍ଛା ହେଲା ବୋଲି ସେ ଡେଇଁପଡ଼ିଲା ତଳକୁ। ଆକାଶରୁ ଖସିଲା ବେଳକୁ ହିଁ ଜାଣିଲା, ସେ ଉଡ଼ି ଜାଣିଛି। ଆଶ୍ଚର୍ଯ୍ୟ, ଉଡ଼ିବା ଏତେ ସହଜ ବୋଲି ସେ ଆଗରୁ ଜାଣି ନଥିଲା କାହିଁକି ? ପାଣିରେ ହାତ ହଲେଇ ପହଁରିଲା ପରି ଏଠି ବି ଖାଲି ହାତ ହଲେଇ ଉହୁଁକି ପଡ଼ିଲେ ତ ଉଡ଼ାଣ। ସେ ଏଥର ମଜା ନେଇ ହଲି ଦୋହଲି ତଳକୁ ଖସିଲା। ପୁଣି ଉପରକୁ ଉଠିଲା ବି। ତା'ପରେ ଧୀରେ ଧୀରେ ତଳକୁ ଖସିଲା। ଆହୁରି ତଳକୁ। ଯେତେ ତଳକୁ ଖସିଲେ ବି ତଳ ଆସୁନି ଯେ। ହେଇ ସାମନ୍ୟ ତଳକୁ ଦିଶୁଥିବା ମାଟି, ମନ୍ଦିର, ଗଛ, ରାସ୍ତା ଓ ଘର, ତଥାପି ଯେତିକୁ ତଳକୁ ଥିଲେ, ଏବେବି ସେତିକି ତଳକୁ। ଯେତେ ତଳକୁ ଖସିଲେ ବି ସେ ମାଟି ଛୁଇଁ ପାରୁନି। ସେ ଏବେ ଡରିଗଲା। ଡରିଯିବାରୁ ଦେହ ସାରା ଝାଳରେ ସର ସର। ତଣ୍ଟି ଶୁଖି ଅଠା ଅଠା। ଜିଭଟା ପେଟ ଭିତରକୁ ଟାଣିହେଇଗଲା ପରି ଲାଗିଲା। ଭୟରେ ଫଟ୍ କରି ଭାଙ୍ଗିଗଲା ତା' ନିଦ।

ଯା, ସେ ତ ତା' ବେଡ୍‌ରୁମ୍‌ରେ ଶୋଇଛି। ତୁଚ୍ଛା ସ୍ୱପ୍ନରେ ଉଡୁଥିଲା ଯାହା। ଖଟ ପିଠିରେ ସେ ସେମିତି ଶୋଇଶୋଇ ଉପରକୁ ଅନେଇଲା। ଠିକ ତା' ମୁଣ୍ଡ ଉପରେ ଝୁଲିଥିବା ଫ୍ୟାନ୍ କେତେବେଳେ ଗୋଟେ ବନ୍ଦ ହେଇଯାଇଛି। ସେଇଥିପାଇଁ ଏମିତି ଗୁଳୁଗୁଳି ଲାଗୁଛି। ସ୍ୱପ୍ନକୁ ମନ ପକେଇ, ନିଦ ଭାଙ୍ଗିଲା ପରେବି ସେ ହାତ ହଲେଇ ଉଡ଼ିବାକୁ ଚେଷ୍ଟାକଲା ଓ ମୁରୁକି ଟିକେ ହସିଲା। ନିଦ ଭାଙ୍ଗିଲା ପରେ ସେ ବୁଝୁଥିଲା ତା' ନା ସୁବଳ ନୁହେଁ ନେହା।

ଇମା.... ଏ ବାଡ଼ିପଡ଼ା ସୁବଳ କିଏ ଯେ ?

(୩)

ନେହା ଖଟରୁ ଉଠିଲା। ଅଳସ ଭାଙ୍ଗିଲା। ଲମ୍ୱା ହାଇ ମାରିସାରି ବାଳ ବାନ୍ଧିଲା ଓ ଆଇନା ପାଖକୁ ଗଲା। ଆଇନା ଭିତରେ କେହି ନଥିଲେ। କପଡ଼ା ଆଣି ଆଇନାକୁ ପୋଛିଲା ବେଳକୁ ପାଣି ଚହଲିଲା ପରି ଆଇନାର କାଚ ଚହଲିଗଲା। ଏବେ ସେଠି ଯୋଉ ମୁହଁ ଦିଶୁଥିଲା ତାକୁ ନେହା ଚିହ୍ନି ନଥିଲା। କେବେ ବି ଭେଟିନଥିଲା। ସେଠି ଗୋଟେ କାଳିଆ ଭୁଷୁଣ୍ଡା ଲୋକଟେ ଠିଆ ହେଇଥିଲା। ସେଉଠୁ ହାତ ବଢ଼େଇ ତାକୁ ଧରି ପକେଇଲା ସେ ଲୋକୁଟା। ନେହା ତା' ହାତ ଛାଟି ଦେଇ ପଛକୁ ପଛେଇ ପଛେଇ ଦୌଡ଼ିଲା। ପ୍ରାଣପଣେ ଚିଲେଇବାକୁ ଚେଷ୍ଟା ବି କଲା। ହେଲେ ସେ ନା ଦୌଡିପାରୁଥିଲା, ନା ପାଟି କରିପାରୁଥିଲା। ସେ ସେମିତି ସେଇଠି ଠିଆ ହେଇଥିଲା। ଏବେ ତା' ମୁହଁରେ ତକିଆ ପକେଇ ମାଡ଼ିବସିଲା ସେ ଲୋକଟା। ଖୁବ୍ ଛାଟି ପିଟି ହେଲା ନେହା। ଅଣନିଶ୍ୱାସୀ ଲାଗି ତା' ମୁଣ୍ଡ କାମ କରୁନଥାଏ। ହଠାତ୍ ତା'ର ମନେପଡୁଥିଲା ସେ ଲୋକୁଟା ତା' ପିଇସି ପୁଅ ଭାଇ ସୁର ବୋଧେ। ଖୁବ ବଡ଼ ପାଟିରେ ସୁର ସୁର ବୋଲି ଚିତ୍କାର ବି କଲା ନେହା। ହେଲେ ତକିଆ ଟପି କିଛି ପଦାକୁ ବାହାରୁନଥାଏ। ଲୋକଟାକୁ ଯେତେ ରାମ୍ପି ବିଦାରି ପକେଇଲେ ବି ତା' ବଳୁଆ ହାତ ସାମନ୍ୟ ହୁଗୁଳା ହେଉ ନଥାଏ ତା' ମୁହଁ ଉପରୁ। ଧୀରେ ଧୀରେ ତା' ବଳ ସରି ସରି ଆସୁଥାଏ। ଛାତି ଭିତରେ କେମିତି ଗୋଟେ ପ୍ରବଳ ଭାରି ଭାରି ଲାଗୁଥାଏ। ଶେଷରେ ସବୁ ବଳ ଖଟେଇ ଜୋର୍ ଲଗେଇ ସୁରକୁ ଠେଲିଦେଲା ନେହା। ତା' ମୁହଁ ଉପରୁ ତକିଆ ହୁଗୁଳା ହେବା ସାଙ୍ଗରେ ହିଁ ତା' ନିଦ ଭାଙ୍ଗିଗଲା।

ପାଟି ଆଁ କରି, ବେକକୁ ନାଡ଼ି ବଡ ଅବାଗିଆ ହେଇ ହେଇ ସେ ଶୋଇଛି। ବସ୍ ଝରକା ପାଖ ତିନିଜଣିଆ ସିଟ୍‌ରେ ସାଷ୍ଟାଙ୍ଗ ହେଇ ଠିକରେ ବସି ଭଲରେ ନିଶ୍ୱାସ ପ୍ରଶ୍ୱାସ ନେଲା ସୁଧିର ଓ ନିଜକୁ ପଚାରିଲା, ଶଃ !ଏ ନେହା କିଏ ବେ ?

(୪)

ଏବେ ଆଶ୍ଚର୍ଯ୍ୟ ହେଇ ଚାରି ଆଡ଼କୁ ଚାହିଁଲା ସୁଧିର। ସେ ଗୋଟେ ବସ୍‌ରେ ବସିଛି। କ୍ଲିନର୍ ଡାକୁଛି ପାଣିକୋଇଲି ପାଣିକୋଇଲି। ଆରେ କି ବେକାର ସ୍ୱପ୍ନ ହେ। ଛାତିରେ ଛେପ ପକେଇଲା ସେ। ଛତିଆ ଛକ ପରେ ପରେ ଟିକେ ଆଖି ଲାଗିଯାଇଥିଲା ତା'ର। ସେ ଶୋଇପଡିଥିଲା। ଡାହାଣ କଡ଼କୁ ଚାହିଁଲା ସୁଧିର। ସେ ବସିଲା ବେଳେ ତିନିଜଣିଆ ସିଟ୍‌ରେ ତା'ର କେହି ନଥିଲେ। ଏବେ ପାଖରେ ବସିଛି ଗୋରୀ ସୁନ୍ଦରୀ ସ୍ତ୍ରୀ ଲୋକୁଟେ। ବୟସ ଜଣା ପଡୁନି। ବସ୍‌ରେ କେହି ନାହାଁନ୍ତି। ଜୋରରେ ଏ.ସି ଚାଲିଛି। ତାକୁ ଶୀତ ଶୀତ ଲାଗୁଛି। ପାଖରେ ଘୋଡ଼େଇ ହେବାକୁ କିଛି ନାହିଁ। ପାଖରେ ବସିଥିବା ଭଦ୍ରମହିଳା ସୁଧିରକୁ ଚାହିଁ ହସିଲେ ଓ ପଚାରିଲେ ଶୀତ ଲାଗୁଛି ନା ? ସୁଧିର କିଛି କହିବା ଆଗରୁ ସେ ସୁଧିର ପାଖକୁ ଘୁଞ୍ଚି ପାଖେଇ ଆସିଲେ ଓ ସେ ଘୋଡ଼େଇ ହେଇଥିବା ଚାଦରର ଗୋଟେ କାନି ସୁଧିର ଦେହରେ ଘୋଡ଼େଇ ଦେଲେ। ସୁନ୍ଦରୀ ଭଦ୍ରମହିଳାଙ୍କ ଦେହରେ ଦେହ ଲାଗିଲାରୁ ସୁଧିରକୁ କରେଣ୍ଟ ଲାଗିଲା ପରି ଲାଗିଲା। ଶିରି ଶିରେଇ ଗଲା ଦେହ। ସାହାସ କରି ଚାଦର ଭିତରେ ତା' ଡାହାଣ ହାତକୁ ଭଦ୍ରମହିଳାଙ୍କ ପଛ ଦେଇ ବୁଲେଇ ଆଣି ତାଙ୍କ ଅଣ୍ଟାକୁ ଜାବୁଡ଼ି ଧରିଲା ସୁଧିର। ଭଦ୍ରମହିଳା କିଛି କହିଲେନି। ମୁରୁକି ହସିଲେ। ଭଦ୍ର ମହିଳା ବିସେଇ ଚଦର ତଳେ ତଳେ ତାଙ୍କ ହାତ ବଢ଼େଇ ସୁଧିରର ବାଁ ହାତକୁ ଧରିଲେ। ସୁଧିର ଖୁସିହେଇଗଲା। ଆଃ, କେଡ଼େ ନରମ ଆଉ ଉଷୁମ ହାତ। ଏଥର ଚାଦର ତଳେ ସୁନ୍ଦରୀରର ପାପୁଲିର ଆଙ୍ଗୁଠିମାନଙ୍କ ସହ ନିଜ ଆଙ୍ଗୁଳିରେ ଛନ୍ଦାଛନ୍ଦି ଖେଳ ଖେଳିଲା ସୁଧିର। ଚାଦର ତଳେ ସେମତି ଖେଳୁଥିବା ବେଳେ ହଠାତ୍ ତାକୁ ଲାଗିଲା ତା' ଆଙ୍ଗୁଳି ଦେଇ ତା' ଦେହର ରକ୍ତ ସବୁ ସରସର ହେଇ ସେ ସୁନ୍ଦରୀର ଦେହକୁ ନିଗିଡ଼ି ଯାଉଛନ୍ତି। ସେ ଯେତେ ଚେଷ୍ଟା କଲେବି ତା' ହାତ ଆଉ ସେଠୁ ମୁକୁଳେଇ ପାରୁନି। ଅଠାରେ ଲାଗିଲା ପରି ଏକଦମ୍ ଲାଗିଯାଇଛି ପରସ୍ପର ଦୁହିଁଙ୍କ ହାତ। ବାଲି ଘଡ଼ିରୁ ବାଲି ଝରିଗଲା ପରି ତା' ମୁଣ୍ଡ ଓ ସାରା ଦେହରୁ ରକ୍ତ ସରି ସରି ଯାଉଛି। ଅବଶ ଲାଗୁଛି ତାକୁ। ସୁଧିର ଜାଣୁଥାଏ ସେ ଏବେ କଞ୍ଚା ଡାଆଣୀ ପାଲରେ ପଡ଼ିସାରିଛି। ସେ ବୁଝି ପାରୁନଥାଏ ଏଠୁ ଖସିବ କେମିତି। ଭୀଷଣ ଡର ଲାଗୁଥାଏ ତାକୁ। ସୁଧିରକୁ ଲାଗୁଥିଲା ଏବେ ଚାରି ପାଖରୁ ଅନ୍ଧାର ଧୀରେ ଧୀରେ ଘୋଟିଆସୁଛି। ଜୋରରେ ବୁଲେଇ ଦେଉଛି ତା' ମୁଣ୍ଡ।

(୫)

ହୋସ୍ ଆସିଲା ବେଳକୁ ସେ ଛିଡ଼ା ହେଇଛି ବାଘ ଖୁଆଡ଼ର ପାଚେରୀକୁ ଧରି। ହେଲେ ସେ ସୁଧିର କିଏ ଯେ ? କୁଆଡ଼େ ଗଲା ସେ ସୁନ୍ଦରୀ ସ୍ତ୍ରୀ ଲୋକ ? ସେ ବସ୍ କାହିଁ ? ଖରାରେ ବୁଲୁ ବୁଲୁ କି କ'ଣ ହଠାତ୍ ତା'ର ମୁଣ୍ଡ ବୁଲେଇଦେଲା ବୋଲି, ପାଚେରୀକୁ ଆଉଜି ଛିଡ଼ା ହେଇଯାଇଥିଲା ସେ। ସେଇ ଭିତରେ ଏତେ ସପନ ? ସେ ତ ଆଜି ରବିବାରିଆ ଛୁଟି ବୋଲି, ଚିଡ଼ିଆଖାନା ବୁଲି ଆସିଥିଲା ପରିବାରକୁ ନେଇ। ହେଇ ତାକୁ ପଛରେ ଏକୁଟିଆ ଛାଡ଼ିଦେଇ ପୁଅ ଝିଅ ଆଉ ସ୍ତ୍ରୀ ଆଗକୁ ପଳେଇଲେଣି। ଏଇଠି ବାଘ ଦେଖୁ ଦେଖୁ ଅଟକି ଯାଇଥିଲା ସେ। ବାଘ ଦେଖୁ ଦେଖୁ ହିଁ ବୁଲେଇଦେଲା ମୁଣ୍ଡ।

କେତେବେଳେ ତା'ର ମୁଣ୍ଡ ବୁଲେଇଲା ? ଏବେ ତା'ର ଆଉ ବେଶି କିଛି ମନେ ପଡୁନଥିଲା। ତା' ନାଁ ବି। ସତରେ ତା' ସାଙ୍ଗରେ କିଏ ସବୁ ଆସିଥିଲେ ? ତାକୁ ଲାଗିଲା ସେ ଏବେ ବି ବୋଧେ ସ୍ୱପ୍ନ ଦେଖୁଛି। ହୁଏତ ଆଉ କାହାର ସ୍ୱପ୍ନ। ଶୋଇଥିବା ଲୋକର ନିଦ ଭାଙ୍ଗିଲେ ସେ ନିଜେ ଏଇଠି ଆପେ ଉଭେଇଯିବ। ତାକୁ ଏବେ ଲାଗୁଥିଲା ତା' ସାମ୍ନା ଖୁଆଡ଼ର ବାଘ, ସ୍ୱପ୍ନର ବାଘ। ପୂରା ଚିଡ଼ିଆଖାନାଟା ସ୍ୱପ୍ନରେ ତିଆରି। ସେଇଥିପାଇଁ ତ ଏତେ ସୁନ୍ଦର ଦିଶୁଛି ସବୁକିଛି। ବାଘୁଟା କେତେ ବଢିଆ ଦିଶୁଛି ଦେଖୁନ। ଆହା, ହଳଦି ଉପରେ କଳା ପଟା ପଟା ଦାଗ ପଡ଼ିଥିବା କେତେ ସୁନ୍ଦର ମୁଲାୟମ ଏ ବାଘର ରୁମ। କେତେ ବଢ଼ିଆ ଚାଲୁଛି ଦେଖ। ମଣିର କି ଠାଣି ମ। ତା' ନିଶ କେରାକୁ ସାଉଁଳେଇ ସାଉଁଳେଇ ତା' ପିଠିରେ ଯାଇଁ ବସିଲେ ବଢ଼ିଆ ଲାଗନ୍ତା।

ସେ ଡେଇଁପଡିଲା ପାଚେରୀରୁ ବାଘ ଖୁଆଡ଼ ଭିତରକୁ।

ବାଘ ତା' ଦେହ ସାରା ଜିଭ ବୁଲେଇ ଚାଟିଲା ବେଳକୁ ବଡ଼ କୁତୁକୁତୁ ଲାଗୁଥିଲା ତାକୁ। ଲୋକେ ହୋ ହୋ ହେଇ ପାଟି କରୁଥିଲେ। ସେ ଖୁଆଡ଼ ପାଚେରୀ ତଳ ପାଣି ପାଖରେ ଶୋଇଥିଲା। କିଏ କିଏ ଟେକା ପକେଇ ହୁରୁଡ଼ଉ ଥିଲେ ବାଘକୁ। ସେ କିନ୍ତୁ ଜାଣୁଥିଲା ସେ ସ୍ୱପ୍ନ ଦେଖୁଛି। ତାକୁ ଏଇ ସ୍ୱପ୍ନଟି କିନ୍ତୁ ଭାରି ଭଲ ଲାଗୁଥିଲା। ବାଘ ତା' ମୁନିଆ ଦାନ୍ତ ଲଗେଇ ତା' ବେକକୁ ଧରି ଧୀରେ ଉଠେଇନେଲା। ସ୍ୱପ୍ନର କଷ୍ଟ ମିଛ। ସ୍ୱପ୍ନର ମିଛ କଷ୍ଟକୁ ସହିଗଲା ସେ। ବାଘ ତାକୁ କୁଆଡ଼େ ନେଉଥିଲା ? ହୁଏତ ଲୋକମାନଙ୍କର ଏ ହୋ ହୋ, ଘୋ ଘୋ ଓ ଟେକା ପଥର ମାଡ଼ ପାଖରୁ ବଞ୍ଚେଇ ନିରାପଦ ଜାଗାକୁ ନେଇ ଯାଉଥିଲା ତାକୁ ବାଘ। ସେ ଶେଷ ଥର ପାଇଁ କଷ୍ଟ କରି ମୁହଁ ବୁଲେଇ ପାଚେରୀ ଉପରକୁ ଅନେଇଲା। କାହିଁରେ କେତେ ଲୋକ ଗଦା ହେଇଛନ୍ତି। ତା' ପିଲା, ସ୍ତ୍ରୀ ଓ ଘରଲୋକ ବି ଅସହାୟ ମୁହଁଟିମାନ ଧରି ଛିଡ଼ା ହେଇଛନ୍ତି। ଆରେ ସବୁ ବନ୍ଧୁବାନ୍ଧବ ବି ଆସିଛନ୍ତି। ସେମାନେ କେତେବେଳେ ଆସିଲେ ? ଆହୁରି କେତେ କ'ଣ ସାଙ୍ଗସାଥି, ଅଚିହ୍ନା ଓ କେବଳ ମୁହଁ ଚିହ୍ନା ଲୋକବାକ ବି ଅଛନ୍ତି।

ତାକୁ ଦାନ୍ତରେ ଧରି ବାଘ ଆଗକୁ ଚାଲିଲା। ଏବେ ଆପେ ଆପେ ସବୁକିଛି ପଛ ହେଇଗଲା ତା' ଆଖି ଆଗରୁ।

ବଡ଼ ଲମ୍ୱା ସ୍ୱପ୍ନଟେ। ସେଇ ସ୍ୱପ୍ନ ଭିତରେ ତାକୁ ନିଦ ଲାଗୁଥିଲା। ଖୁବ୍ ବେଶି ଗୁଡ଼େ ନିଦ। ଏକାସାଙ୍ଗରେ ଗୋଟେ ଅସରନ୍ତି ସ୍ୱପ୍ନ ଓ ଭାଙ୍ଗୁ ନଥିବା ଅଛିଣ୍ଡା ନିଦ ଭିତରେ ସେ ଯେମିତି ପଡ଼ିଯାଥିଲା। ବାଘ ଏବେ ସରାଗରେ ତା' ମୁହଁକୁ ଚାଟୁଥିଲା। ବାଘର ଗରମ ପ୍ରଶ୍ୱାସ ଓ ଲାଳ ବୋଳି ହେଉଥିଲା ତା' ମୁହଁରେ। ଏପଟେ କୋଉଠୁ ଗୋଟେ ବଡ଼ ପଥର ଓଜନର ଭାରି ନିଦ ଅଜାଡ଼ି ହେଉଥିଲେ ତା' ଉପରେ। ଗହନ ନିଦରେ ଶୋଇପଡ଼ିବା ଆଗରୁ ତା' ଦେହ ଚାରିକତି ଗୁଡ଼ା ହେଇଥିବା ସ୍ୱପ୍ନମାନଙ୍କର ଅଡୁଆ ବୁଢ଼ିଆଣୀ ଜାଲ ସବୁକୁ ଛିଣ୍ଡେଇ, କେବଳ ନିଜ ବିଷୟରେ କିଛି ଗୋଟେ ମନପକେଇବାକୁ ସେ ଖୁବ୍ ଚେଷ୍ଟା କରୁଥିଲା ।

ସେତେବେଳେ ତା'ର କିନ୍ତୁ କିଛି ବି ମନ ପଡୁ ନଥିଲା।

ମୋ- ୯୮୬୧୧୨୪୧୭୩,

# ବୁମେରାଂ



ପ୍ରଦୀପ୍ତ ବିଶ୍ୱାଳ

କେମିତି ଅଛ କୈବଲ୍ୟ ?

ପରିବା ମାର୍କେଟରେ ପରିବା ବାଛିବାରେ ନିମଗ୍ନ ଥିଲାବେଳେ, ଗୋଟିଏ ଅଚିହ୍ନା। ବୟସ୍କ ସ୍ୱର ଶୁଣି ମୁଣ୍ଡଟେକି ଅନେଇଲି। ହସ ହସ ମୁହଁରେ ଧୋତି ପିନ୍ଧା ମଉସା ଜଣେ ମୋ ଆଡେ ଅନେଇଥିଲେ-ତୁମେ କୈବଲ୍ୟଟି ? ବାଣପୁର ନାରଣ ମାଷ୍ଟ୍ରଙ୍କ ପୁଅ।

- ଆଜ୍ଞା, କିନ୍ତୁ କ୍ଷମା କରିବେ ମୁଁ ଆପଣଙ୍କୁ ମନେ ପକେଇ ପାରୁନି। ସଂକୁଚିତ ହେଇ କହିଲି।

- ମୁଁ ନରେଶ ପ୍ରଧାନ, ତୁମ ସ୍କୁଲ ବେଳର ସାଙ୍ଗ ରାଜୁର ବାପା। ସାନବେଳେ କେତେ ଥର ରାଜୁ ସାଙ୍ଗରେ ଆମ ଘରକୁ ଆସୁଥିଲ, ମନେ ପଡୁନି ?

ପାଖକୁ ଯାଇ ପ୍ରଣାମ କଲି,- 'ମଉସା ଆପଣ ଆଉ ଆପଣଙ୍କ ପରିବାରକୁ ଭୁଲିବି କେମିତି ? କିନ୍ତୁ ଅନେକଦିନ ପରେ ଆପଣଙ୍କୁ ଦେଖି ହଠାତ ଚିହ୍ନି ପାରିଲିନି। କ୍ଷମା କରିବେ। କିନ୍ତୁ ଆପଣ ଏଠି ପୁରୀରେ କଣ କରୁଛନ୍ତି ? ଶ୍ରୀକ୍ଷେତ୍ର ବୁଲି ଆସିଛନ୍ତି ନା' କଣ ? ଏକୁଟିଆ ନା' ମାଉସୀ ଆସିଛନ୍ତି ? ରାଜୁର ଖବର କଣ ?' ବିହ୍ୱଳିତ ହେଇ ଏକାଥରେ ଅନେକ ପ୍ରଶ୍ନ ପଚାରିଦେଲି।

ଟିକେ ମୁହଁ ଶୁଖେଇ ନରେଶ ମଉସା କହିଲେ - ଦୁଇ ବର୍ଷ ହେଲା ମୁଁ ମୃତଦାର। ରାଜୁ, ଦଶବର୍ଷ ତଳେ ଶେଷଥର ପାଇଁ ଆମେରିକାରୁ ଭାରତ ଆସିଥିଲା। ନିଜ ମା'ର ମୃତ୍ୟୁ ଖବର ପାଇ ବି ଆସି ନଥିଲା। କହିଲା-ଛୁଟି ମିଳୁନି । କିଛି ଟଙ୍କା ପଠେଇ ଥିଲା, ମୁଁ ଫେରେଇଦେଲି। ଦଶ ବର୍ଷ ହେଲାଣି ତାକୁ ଛୁଟି ମିଳୁନି କୁଆଡେ, ଏମିତି କି କାମ କରୁଛି କେଜାଣି ! ରାଜୁର ମା' ଗଲା ପରେ, ଗାଁର ସବୁ ଜମି ବାଡ଼ି ବିକ୍ରି କରି ଏବେ ଆସି ପୁରୀରେ ରହୁଛି, ଗୌଡ଼ୀୟ ମଠରେ । ଶେଷ ଜୀବନ ଏଇଠି ବିତିବ। ହଉ, ମୋ କଥା ଛାଡ଼। ତୁମେ କୁହ, ଏବେ କଣ ପୁରୀରେ ପୋଷ୍ଟିଂ ? ନାରଣ ମାଷ୍ଟ୍ରଙ୍କ ଖବର କଣ ?

ଲକ୍ଷ୍ୟ କଲି, ନିଜର ତମାମ ଦୁଃଖକୁ ସାଇଡ୍‌ରେ ରଖି, ମୋତେ ମୋ କଥା, ବାପାଙ୍କ କଥା ଖୁବ ସାବଲୀଳ ଭାବରେ ପଚାରିଦେଲେ ।

- ଆଜ୍ଞା , ମୁଁ ଏବେ ଏସ୍‌ସିଏସ୍ କଲେଜରେ ପ୍ରଫେସର। ବାପା ବୋଉ ମୋ ପାଖରେ ରୁହନ୍ତି। ବାପାଙ୍କୁ ନେଇ କେବେ ଆସିବି ମଠ ଆପଣଙ୍କୁ ଭେଟିବା ପାଇଁ। ଖୁସି ହେବେ ନିଶ୍ଚୟ।

ନରେଶ ମଉସାଙ୍କୁ ପ୍ରଣାମ କରି ଫେରିଆସିବା ବେଳେ, ସେ ମୋତେ କହିଲେ - ରାଜୁ ସାଙ୍ଗେ ତୁମର କିଛି ଯୋଗାଯୋଗ ଅଛି ? ସୋସିଆଲ ମିଡିଆରେ ?

ମୁଁ କହିଲି, ଅନେକ ପୂର୍ବରୁ ଫେସ୍‌ବୁକ୍‌ରେ ସାଙ୍ଗ ଥିଲା ମୋର, ପରେ ପରେ ସେ ବୋଧେ ଯୋଗାଯୋଗ ରଖିବା ପାଇଁ ଇଚ୍ଛା କରିଲା ନାହିଁ । ମୋର ମେସେଜ୍ ଇତ୍ୟାଦିର ରିପ୍ଲାୟ ଦେବା ବନ୍ଦ କରିଦେଲା। ତେଣୁ, ତା ସାଙ୍ଗରେ ସମ୍ପର୍କ ଆଉ ନାହିଁ କହିଲେ ଚଳେ ।

- ହଉ, ଶେଷଥର ପାଇଁ ମୋ ଅନୁରୋଧ ରକ୍ଷା କରି ତାକୁ ଗୋଟେ ମେସେଜ୍ ପଠେଇ ଦେଇ ପାରିବ ? ତାକୁ ଆମେରିକା ପଢିବାକୁ ପଠେଇ ମୁଁ ଯେଉଁ ଭୁଲ କଲି, ସେ ଯେମିତି ତା' ପୁଅକୁ ଅନ୍ୟ କେଉଁ ଗ୍ରହକୁ ପାଠ ପଢେଇବା ପାଇଁ ନପଠାଉ, ନହେଲେ ମୋ ଭଳି ବୃଦ୍ଧାବସ୍ଥାରେ ହଇରାଣ ହେବା ସାର ହେବ। ନିଜ ବାପା ମା'ଙ୍କ ପ୍ରତି ସେ ଯେଉଁ ଅବହେଳା କରିଛି, ତା' ବୃଦ୍ଧାବସ୍ଥାରେ ସେଇସବୁ ବୁମେରାଂ ହେଇ ଫେରି ନଆସୁ ଯେମିତି। ଯେତେହେଲେ ବି ସେ ମୋ ପୁଅ, ମୁଁ କେମିତି ତା' ଅମଙ୍ଗଳ ଚାହିଁବି। ଦୟାକରି ଏତକ ତାକୁ ମେସେଜ୍ କରି ଦେବ।

ଘରକୁ ଫେରି, ଫେସ୍‌ବୁକ୍‌ରେ ରାଜୁକୁ ନରେଶ ମଉସାଙ୍କ ସହ ଦେଖା ହେଇଥିଲା ଆଉ ସେ ଯାହା କହିଥିଲେ ସେ ସବୁ ମେସେଞ୍ଜରରେ ପଠେଇଥିଲି। ସେ ପଢିଥିଲା ବୋଲି ମୁଁ ଜାଣି ପାରିଲି, ତଥାପି ସେ ରିପ୍ଲାୟ ଦେଇ ନଥିଲା। ବୋଧହୁଏ, ତା' କର୍ମଫଳ ତାକୁ ଦେଖାଯିବା ଆରମ୍ଭ ହେଇ ସାରିଥିଲା।

-ମୋ-୮୪୨୦୧୯୬୫୯୯

# ବର୍ଷା



ସୁଚେତା ନନ୍ଦ

ବର୍ଷାଦିନେ ଦେଖିଛି ମୁଁ ଓଦାଚୁଲି କୁହୁଳା ଜୀବନ
ମାଟିକାନ୍ଥ ପରି କେମିତି ଭୁଷୁଡେ କେତେକାହା ଅଧାଗଢା ସ୍ୱପ୍ନ
ଭିଜାମାଟି ବାସ୍ନା ପରି ଭଲଲାଗେ ସେହି କାଠବେଣ୍ଟ ଛତା
ଯାହାତଳେ ଜେଜେଙ୍କର କେତେକେତେ ଆକଟ ସାଇତା।

ମାଟିରୁ ଗଢ଼ା ଏ ଦେହ ମାଟିରେ ମୋ' ଅସରନ୍ତି ମୋହ
ମାଟି, ମନ ଭିଜାଏ ବୋଲି ସେ
ବର୍ଷା ମୋର ଭାରି ପ୍ରିୟ, ଭାରି ପ୍ରିୟ
ଦୁଇଧାର ଲୁହ ଭଳି ଆପଣାର
ଭୋର୍ ଆକାଶ ପରି ସଦା ଝଲମଲ୍
ରିମଝିମ୍ ଶ୍ରାବଣ ଛୁଆଁରେ ଶୁଭୁଥାଏ କାହାର ଗଜଲ୍
ସେ ଆସେ ପ୍ରେମୋନ୍ମତ୍ତ ଇନ୍ଦ୍ରଧନୁ ସାଜି ପ୍ରିୟା କପାଳକୁ
କପେ ଉଷ୍ମତା ହୋଇ ଓଠ ଛୁଇଁବାକୁ
ପ୍ରଣୟର ରଙ୍ଗଛତା ଭଳି ସାଥେ ଭିଜିବାକୁ
କେବେ କିନ୍ତୁ ଆସେ ନାହିଁ ଆମ ଗାଁ ଭରାନଈ ଗୀତ ଶୁଣିବାକୁ
ପ୍ରବାହରେ ପ୍ରାଣ ଖୋଜିବାକୁ
ପ୍ରବଣତା ମାନେ ବୁଝିବାକୁ
ସେ ପ୍ରାଣୋଚ୍ଛଳ ଶବ୍ଦଟିଏ କେଉଁ ମନୋଇ କବିର
ସୁଚେତା କି ସ୍ୱପ୍ନିତା ନୁହେଁ; ଶୀତଳ ଛୁଆଁଟେ ମୁଁ ଏ ବର୍ଷାରାତିର।

-ତ୍ରିଶୁଳିଆ, କଟକ



# ଚିଠି



ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ

ବଦଳୁଥାଏ କ୍ୟାଲେଣ୍ଡରରେ ତାରିଖ,
ସରି ସରି ଆସୁଥାଏ ଫୁଲ ଫୁଟିବାର ବେଳ,
କପେ ଚା'ର ପ୍ରତିଟି ଢ଼ୋକରେ
ଟିକେ ଅଧେ ଖର୍ଚ୍ଚ ହେଉଥାଏ
ଆମ ନାଁ ନଥିବା ସମ୍ପର୍କର ଆୟୁଷ,
ପ୍ରତି ଘଣ୍ଟାକୁ ମିନିଟ୍ ଓ ମିନିଟ୍‌କୁ ସେକେଣ୍ଡ କଲେ
ଆହୁରି ଲମ୍ୱିଯାଏ ଅପେକ୍ଷାର କାଳ।

ତମେ ସେପଟେ ଲେଖୁଥାଅ ଚିଠି,
ବେଫିକର ହେଇ ଗଢ଼ି ଚାଲିଥାଅ
ଗୋଟେ ପରେ ଗୋଟେ ଗପ,
ଆଞ୍ଜୁଳାଏ ନୀରବତାକୁ ଖଞ୍ଜୁଥାଅ
କବିତା କରି
ପ୍ରତି ଧାଡ଼ିରେ,
ଚିତ୍ରକଳ୍ପରେ ସଜାଡୁଥାଅ ଚିଠିର ମୁହଁ।

ମୁଁ ଏପଟେ ଚେଇଁରହିଥାଏ
ଅପେକ୍ଷାର ମଶାଲ ଜାଳି
ଧର୍ଯ୍ୟର ଶେଷ ସୀମାରେଖା ତଳେ,
କେଉଁ ଅନାହୂତ ଅତିଥିର
ଦୁଆର ଖଟ୍‌ଖଟ୍ ପାଇଁ,
ତମର କିନ୍ତୁ ସରେନା ଚିଠି ଲେଖା
ଡଷ୍ଟବିନ୍‌ରେ ନିଜ ଭାଗ୍ୟ ଦରାଣ୍ଡୁଥା'ନ୍ତି
କେଇଟା କାଗଜ ଟୁକୁରା,
ନଂପୁସକ ମୁହୂର୍ତ୍ତ ମାନଙ୍କୁ
ଫଳବତୀ କରିବାର ଆଶା
ତୁମର ମରୁଥାଏ ଧୀରେ ଧୀରେ
ହଜାରେ ଏକ ରାତିର ବିଫଳତା ପରେ।

ଶେଷରେ ରାତି ସରେ,
ସ୍ୱପ୍ନ ସରେ,
ତୁମ ଚିଠି ପାଇଁ
ଅଡ଼ି ବସିଥିବା
ଏ ମନ ବି ମରେ,
ତଥାପି ତୁମ ଦେଇ ଉତୁରେନା
ଗୋଟେ ବି ସଫଳ ଚିଠି,
ତୁମ କହିବା ଅନୁସାରେ।

-ସହଦେବଖୁଣ୍ଟା, ବାଲେଶ୍ୱର।
ମୋ -୭୭୮୮୯୭୭୨୭୬



# ଖୋଜିବୁନି ମତେ



ଚିନ୍ମୟ ରଞ୍ଜନ ମିଶ୍ର

ବୋଉ !!
ମୁଁ ଯାତ୍ରା ଦେଖିବାକୁ ଯାଉଛି !
ଓଠ ଯେତେବେଳେ ବୁନ୍ଦେ ପାଣି ପାଇଁ କାନ୍ଦେ
ଖରାର ନିର୍ଘାତିଆ ମାଡ଼ ବାଜି
ହାତୀ ଗଳିବା ପରି ପାଇପ ସମାଧି ନେଇଛି ମାଟି ଭିତରେ
ସେଠି ଠାକୁରେ ଆସନ୍ତି ଆମ ଆଗକୁ
ଝାଳ ଗନ୍ଧ, ଶୁଖିଲା ମାଟିର ପୋଡା ବାସନା ଭିତରେ
ଚନ୍ଦନ ମାଖି ଚାପ ଖେଳିବାକୁ।
ମୋର ଅଭିମାନ କି ଈର୍ଷା ନାହିଁ
କେବଳ ଦେଖିବି ନନ୍ଦା, ଭଦ୍ରା କେମିତି ବୁହନ୍ତି ଠାକୁରଙ୍କୁ
ଚାପ ଦଳେଇ ହାତରେ ସଂସାର ଡ଼ଙ୍ଗା ଦେଇ ଚୁପଚାପ ବସନ୍ତି
କିନ୍ତୁ ଆମ ମନ ପରିଆ କାହା ମନ ହବ
ନିଜେ ଭୋକିଲା ରହି ଛପନ ଭୋଗ ଦେଉ
ପ୍ରାଣ ବାଜି ଲଗେଇବାକୁ ଭୁଲି ନାହୁଁ
କେବଳ ଠାକୁରଙ୍କ ପାଇଁ ।
ହାବେଳୀ ଫୁଟି ଗଲେ
ଭୟ ନାହିଁ
ଏବେ ଠାକୁର ଚାରି ଦ୍ୱାର ବନ୍ଦ କରି ବସିଛନ୍ତି
ଆମ ଦୁଃଖ ତାଙ୍କ ଆଗରେ ପହଞ୍ଚିବ କେମିତି
ତେଣୁ ମୁଁ ପୋଡି ଜଳି ଗଲି ତୁ କାନ୍ଦିବୁନି
ବରଂ କହ
ଜଳିବା ପରେ ମୋ ପାଉଁଶ କଳା ହେଉନା....
କଳା ରଙ୍ଗ ବୋଲି ବସିବା ଲୋକ କଳା
କି କଳା ଜଣା ପଡ଼ିବନି।
ଥାଉ ମୋ ବାଟ ଚଣା
ହୁଡୁମ, ଖଜା, ଭୁଜା
ସେମିତି କେଉଁ କଣରେ କାଳେ
ମତେ ଖୋଜିଲା ବେଳକୁ ହାତସିଆଁ ମୁଣାରୁ
ଦେଖି ଜାଣି ପାରିବୁ ମୁଁ ଆସିଥିଲି ତାକୁ ଦେଖିବାକୁ
ତତେ ଫେରାଇ ନେଲା ସେ
ନନ୍ଦା ହାତରେ ଡକେଇ ତା' ରାଇଜକୁ।

-ସ୍ୱୟଂକଳ୍ପ, ରାୟସିଂହ ପୁର ଶାସନ ,ପିତଳ, ଗଞ୍ଜାମ

# ନବପ୍ରକାଶ

ଚଳିତ ମାସର ପାରିବାରିକ ଫିଚର ପତ୍ରିକା ରେବତୀ ହସ୍ତଗତ ହୋଇଛି। ବ୍ୟାସମୋହନ ସେନାପତିଙ୍କୁ ଆରାଧ୍ୟ କରି ପ୍ରକାଶିତ ହେଉଥିବା ଏହି ପତ୍ରିକାରେ ଅନେକ ଉପାଦେୟ ଲେଖା ସ୍ଥାନ ପାଇଛି। ସମ୍ପାଦିକା ନିଜେ ନାରୀରର ସମ୍ମାନ ଓ ସ୍ୱାଧୀନତା ଉପରେ ସୁନ୍ଦର ଆଲେଖ୍ୟ ଲେଖିବାବେଳେ ସହଯୋଗୀ ସମ୍ପାଦକ ଭାବରେ କୃଷ୍ଣ କୁମାର ମହାନ୍ତି ସମ୍ପାଦକର ସୀମା ଓ ସ୍ୱାଧୀନତା ବାବଦରେ ଯେଉଁ ସମ୍ପାଦକୀୟ ରଚନା କରିଛନ୍ତି, ତାହା ଭାବଗର୍ଭକ। ପ୍ରଖ୍ୟାତ ସାହିତ୍ୟିକ ଭୀମ ପୃଷ୍ଟିଙ୍କର ରହିଛି ଉପନ୍ୟାସ ସ୍ଥାନ-କାଳ-ପାତ୍ର। ଏହା ବ୍ୟତୀତ ପ୍ରସଙ୍ଗ କ୍ରମରେ ଡ.ରାଧାରଞ୍ଜନ ପଟ୍ଟନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, ଅଭୟ ଦ୍ୱିବେଦୀ, ଡ.ସଂଯୁକ୍ତା ପରିଡ଼ା, ଡ ଦେବାଶିଷ ପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ରଶ୍ମିରେଖା ମହାରଣା, ଡ.ଶିଶିର କୁମାର କରଙ୍କ ସୁନ୍ଦର ଆଲେଖ୍ୟ ସ୍ଥାନ ପାଇଛି। ଧାରାବାହିକ ଉପନ୍ୟାସ କ୍ରମରେ ରହିଛି ଡ.ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଲେଖା ରହିବା ସହିତ ସମକାଳ କବିତାରେ ରହିଛନ୍ତି, କେଦାର ମିଶ୍ର, ସ୍ୱପ୍ନା ମିଶ୍ର, ଶର୍ମିଷ୍ଠା ସାହୁ, ନନ୍ଦ କିଶୋର ସିଂହ, ସୂର୍ଯ୍ୟସ୍ନାତ ତ୍ରିପାଠୀ, ଧନଞ୍ଜୟ ସ୍ୱାଇଁ, ଆଶିଷ ମହାପାତ୍ର, ଚିତ୍ତରଞ୍ଜନ ନାୟକ, ଗଙ୍ଗାଧର ବିଶ୍ୱାଳ, ନିତ୍ୟାନନ୍ଦ ମହାନ୍ତି, ବିଶ୍ୱନାଥ ନାୟକ, ଶିଶିର ନାୟକ, ବୀଣାପାଣି ଦେବତା, ଶ୍ରୀହରି ଧଳ, ସୁମିତ ପଣ୍ଡା, ଜୟନ୍ତି ବିଶ୍ୱାଳ ବେହୁରିଆ, ଡ.ପ୍ରଫୁଲ୍ଲ କୁମାର ପାଣି, ଅକ୍ଷୟ ସ୍ୱାଇଁ, ଗୌରୀ ସାହୁ, ଜୟଶ୍ରୀ ମହାପାତ୍ର, ସୁରଞ୍ଜନ ପାତ୍ର, ଡ.ମମତା ସାହୁ, ଐଶ୍ୱର୍ଯ୍ୟା ପ୍ରଧାନ। କଥା କାହାଣୀରେ ରହିଛି, କମଳା ଶତପଥୀ, ଜ୍ଞାନ ରଞ୍ଜନ ନାୟକ, ଘନବିହାରୀ ମହାରଣାଙ୍କ ଆଲେଖ୍ୟ। ଧାରାବାହିକ ଉପନ୍ୟାସରେ ଜୟନ୍ତୀ ରଥ ରହିଥିବାବେଳେ ରୋଷେଇଶାଳରେ ରହିଛନ୍ତି ବିଦୁଲତା ସ୍ୱାଇଁ। ପ୍ରଚ୍ଛଦରେ ନେହା ପାଣିଗ୍ରାହୀ ରହିଥିବାବେଳେ ଦ୍ୱି-ପ୍ରଚ୍ଛଦରେ ରହିଛନ୍ତି ସଞ୍ଜନା ପ୍ରଧାନ। ପତ୍ରିକାଟିର ପରିପାଟୀ, ପ୍ରଚ୍ଛଦ, ଅନ୍ତଃ ସଜ୍ଜିକରଣ ଯେଭଳି ହୋଇଛି, ପାଠକଙ୍କୁ ଆକର୍ଷିତ କରିବ।




ରେବତୀ
ସମ୍ପାଦିକା-ସୁବାସିନୀ ଜେନା
ମୂଲ୍ୟ-୫୦/-

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: sahitya@nitidin.com

## ଜଳକର ବକେୟା ରଖିଥିଲେ କାର୍ଯ୍ୟାନୁଷ୍ଠାନ: ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ବନ୍ୟା ନିୟନ୍ତ୍ରଣ ଓ ଚାଷୀଙ୍କ ପାଇଁ ଜଳସେଚନ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ହୀରାକୁଦ ଜଳଭଣ୍ଡାରରୁ କାଳକ୍ରମେ ସହରାଞ୍ଚଳର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । ସେହିପରି ଏହି ଜଳଭଣ୍ଡାରରୁ ଏକାଧିକ କଳକାରଖାନାକୁ ପାଣି ମିଳୁଛି । ତେବେ ଅଭିଯୋଗ ହେଉଛି ଯେ,ଅନେକଗୁଡ଼ିକ କାରଖାନା ଠିକ୍ ସମୟରେ ଜଳ କର ଦେଉ ନାହାନ୍ତି । ଅନ୍ୟପକ୍ଷରେ ଜଳକର ବକେୟା ରଖିଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି ଯେ ହୀରାକୁଦ ଜଳଭଣ୍ଡାରରୁ ଜଳ ନେଇ ଅନେକ କଳକାରଖାନା ବକେୟା ରଖିଥିବା ଅଭିଯୋଗ ହୋଇଛି । ଏହାପରେ ଜଳକର ଆଦାୟ ନେଇ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ସାଧାରଣ ଚାଷୀ ଜଳକର ଦେଉଛି ତେବେ ବଡ଼ବଡ କମ୍ପାନୀ କାହିଁକି ଜଳକର ଦେବେ ନାହିଁ ବୋଲି ଆଜି ବୁର୍ଲା ଗସ୍ତ ସମୟରେ ପ୍ରତିକ୍ରିୟା ରଖି କହିଛନ୍ତି ରାଜସ୍ୱମନ୍ତ୍ରୀ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ହୀରାକୁଦରୁ ପାଣି ନେଉଥିବା ଶିଳ୍ପ ସଂସ୍ଥାରୁ ବକେୟା ଜଳକର ଆଦାୟ କରିବାକୁ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗତ ୪ ତାରିଖ ଦିନ ନିର୍ଦ୍ଦେଶ ଦେଇଥିଲେ । ହୀରାକୁଦ ଡ୍ୟାମ୍ ଜଳ ପରିଚାଳନା ନେଇ ବୁର୍ଲାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଶ୍ରୀ ପୂଜାରୀ ଏହି ନିର୍ଦ୍ଦେଶ ଦେଇଥିଲେ । ଏପରିକି ଶିଳ୍ପ ସଂସ୍ଥାରୁ ବାହାରୁଥିବା ପ୍ରଦୂଷିତ ପାଣି ସିଧା ଡ୍ୟାମ ଭିତରକୁ ଛଡ଼ାଯାଉଛି । ଏନେଇ ଟ୍ରିଟ୍ମେଣ୍ଟ ପ୍ଲାଣ୍ଟ ବସାଇ ଜଳ ବିଶୋଧନ କରି ପାଣି ଛାଡ଼ିବା ଦରକାର ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ।

### ଓଡ଼ିଶାରେ ଡାକ୍ତରୀ ନାମଲେଖା

## ଏନ୍ଇଇଟି-ୟୁଜି କୃତୀ ପିଲାଙ୍କ ପାଇଁ ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଏନ୍ଇଇଟି-ୟୁଜି କୃତୀ ଛାତ୍ରଛାତ୍ରୀ ରାଜ୍ୟରେ ଥିବା ଡାକ୍ତରୀ କଲେଜରେ ପଢ଼ିବା ପାଇଁ ପଞ୍ଜୀକରଣ କରିପାରିବେ । କାରଣ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ପକ୍ଷରୁ ଶନିବାର ଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ୧୪ତାରିଖ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଆଶାୟୀମାନେ ଏନେଇ ଆବେଦନ କରିପାରିବେ । ଆସନ୍ତା ୧୩ ଓ ୧୪ତାରିଖରେ ଦିବ୍ୟାଙ୍ଗ

**୨୦ରେ ପ୍ରକାଶ ପାଇବ ଚୂଡ଼ାନ୍ତ ମେଧା ତାଲିକା**

ପ୍ରାର୍ଥୀମାନେ କଟକ ଏସ୍ସିବି ମେଡିକାଲଠାରେ ମେଡିକାଲ ବୋର୍ଡ ନିକଟରେ ଉପସ୍ଥିତ ରହିବେ । ସେହିପରି ସେନାରେ କାର୍ଯ୍ୟରତ ବା ଅବସରପ୍ରାପ୍ତ କର୍ମଚାରୀଙ୍କ ପିଲା ହୋଇଥିଲେ ନୟାପଲ୍ଲୀ ଆଇଆର୍ସି ଭିଲେଜ ସ୍ଥିତ ରାଜ୍ୟ ସୈନିକ ବୋର୍ଡ ନିକଟରେ ଉପସ୍ଥିତ ହେବେ । ସେଠାରୁ ସୁପାରିଶ ପାଇବା ପରେ ସଂରକ୍ଷିତ କୋଟାରେ ନାମଲେଖା ପ୍ରକ୍ରିୟା ପାଇଁ ତାଙ୍କୁ ବିଚାରକୁ ନିଆଯିବ । ବୋର୍ଡ ନିକଟରେ ଉପସ୍ଥିତ ନହେଲେ ସଂରକ୍ଷିତ କୋଟା ପାଇଁ ତାଙ୍କୁ ବିଚାରକୁ ନିଆଯିବ ନାହିଁ ବୋଲି ଓଜେଇଇ ସ୍ପଷ୍ଟ କରିଛି । ପ୍ରାଥମିକ ମେଧା ତାଲିକା ୧୮ ତାରିଖ ସନ୍ଧ୍ୟା ୫ଟାରେ ପ୍ରକାଶ ପାଇବ । ମେଧା ତାଲିକାକୁ ନେଇ ଆବେଦନକାରୀଙ୍କ କୌଣସି ଦ୍ୱନ୍ଦ୍ୱ ଥିଲେ ୨୪ଘଣ୍ଟା ମଧ୍ୟରେ ଅର୍ଥାତ୍ ୧୯ ତାରିଖ ୫ଟା ମଧ୍ୟରେ ଆବେଦନ କରିପାରିବେ । ଚୂଡ଼ାନ୍ତ ମେଧା ତାଲିକା ୨୦ତାରିଖରେ ପ୍ରକାଶ ପାଇବ । ରାଜ୍ୟର ଛାତ୍ରଛାତ୍ରୀଙ୍କୁ କେବଳ ରାଜ୍ୟ କୋଟାରେ ଥିବା ସିଟ ପାଇଁ ଚୟନ କରାଯିବ । ସେହିପରି ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀ ଏନ୍ଆର୍ଆଇଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସିଟ ପାଇଁ ଚୟନ କରାଯିବ ।

# ଓଡ଼ିଶାକୁ ୧୫ ହଜାର କୋଟି ଟଙ୍କାର ରେଳ ଭେଟି

### ‘ଓଡ଼ିଶାର ବିକାଶ ପାଇଁ ମୋଦୀ ସରକାରଙ୍କ ବଡ଼ ଉପହାର’



**ନୂଆଦିଲ୍ଲୀ,ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ପୂର୍ବ ଭାରତ ରାଜ୍ୟ ସମୂହ ବିଶେଷତଃ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ରେଳ ଯୋଗାଯାଗକୁ ସୁଦୃଢ କରିବା ପାଇଁ ପ୍ରାୟ ୧୭, ୫୦୦ କୋଟି ଟଙ୍କା

**ଓଡ଼ିଶାର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବ**

**ନୂଆ ଭିତ୍ତିଭୂମିର ଢାଞ୍ଚା ପୂର୍ବୋଦୟ ଯୋଜନାରେ ସାକାର ହେବ**

ଏବଂ କେବଳ ଓଡ଼ିଶାକୁ ୧୫,୦୦୦ କୋଟି ଟଙ୍କା ଦିଆଯାଇଛି । ଓଡ଼ିଶା ସମେତ ପୂର୍ବ ଭାରତର ବିକାଶ ପାଇଁ ‘ପୂର୍ବୋଦୟ ଯୋଜନା’ରେ ମୋଦୀ ସରକାରଙ୍କ ଏହା ହେଉଛି ବଡ଼ ଉପହାର ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଏହାଛଡ଼ା ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓଡ଼ିଶାର ପ୍ରମୁଖ ଆକାଂକ୍ଷୀ ପ୍ରକଳ୍ପ ଯଥା ବାଦାମପାହାଡ-କେନ୍ଦୁଝରଗଡ଼, ବାଙ୍ଗିରିପୋଷୀ-ଗୋରୁମହିଷାଣୀ, ଗୁଣୁପୁର- ଥେରୁବାଲି, ଜୁନାଗଡ଼- ନବରଙ୍ଗପୁର, ମାଲକାନଗିରି-ପାଣ୍ଡୁରଙ୍ଗାପୁରମ ଆଦି ଅନେକ ନୂଆ ରେଳ ଲାଇନ ପ୍ରକଳ୍ପ ପାଇଁ କ୍ୟାବିନେଟ୍ ମଞ୍ଜୁର ଦେଇଛି । ଏହା ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲା ଗୁଡିକରେ ଆର୍ଥିକ ଅଭିବୃଦ୍ଧି ହେବା ସହ ପର୍ଯ୍ୟଟନ ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି ହେବ । ଆଭ୍ୟନ୍ତରୀଣ ଅଞ୍ଚଳରୁ ଗୋପାଳପୁର ଏବଂ ଧାମରା ବନ୍ଦର ସହ ସଂଯୋଗୀକରଣ ବୃଦ୍ଧି ହେବ । ଯାତ୍ରୀ ସୁବିଧା ସହ ମାଲବାହୀ ପରିବହନ ସହଜ ହେବ । ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ଶିଳ୍ପାଞ୍ଚଳର ବିକାଶ ହେବ । ଏକବିଂଶ ଶତାବ୍ଦୀରେ ନୂଆ ଭିତ୍ତିଭୂମିର ଢାଞ୍ଚା ପୂର୍ବୋଦୟ ଯୋଜନାରେ ସାକାର ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ସମଗ୍ର ଭାରତବର୍ଷର ସବୁ ଗରିବ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଏବଂ ସହରୀ ଯୋଜନାର ସମୟ ସୀମାକୁ ଆସନ୍ତା ୫ ବର୍ଷ ବୃଦ୍ଧି କରାଯାଇଛି । ଉଭୟ ଗ୍ରାମୀଣ ଓ ସହର ପାଇଁ ମୋଟ ୩ କୋଟି ଘର ନିର୍ମାଣ ପାଇଁ ୫ ଲକ୍ଷ ୩୬ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ନିଷ୍ପତ୍ତି ଦ୍ୱାରା ବିଶେଷତଃ ଓଡ଼ିଶାର ଗରିବ ତଥା ଯୋଗ୍ୟ ହିତାଧିକାରୀମାନେ ପକ୍କା ଘର ପାଇପାରିବେ । ସେମାନେ ବିଶେଷ ଉପକୃତ ହେବ । ଏହି ଯୁଗାନ୍ତକାରୀ ନିଷ୍ପତି ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ‘ଓଡ଼ିଶାର ବିକାଶକୁ କେହି ଅଟକାଇପାରିବେ ନାହିଁ’



**ଓଡ଼ିଶାରେ ଭିତ୍ତିଭୂମି, ଗମନାଗମନ, ଯୋଗାଯୋଗ ସୁଦୃଢ଼ ହେବ**

**ଓଡ଼ିଆ ଯୁବକଯୁବତୀଙ୍କ ପାଇଁ ସୃଷ୍ଟି ହେବ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ**

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** କେନ୍ଦ୍ରରେ ମୋଦୀ ସରକାର ଗଠନ ହେବା ପରେ ଓଡ଼ିଶାର ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି । ମାତ୍ର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ମିଳି ପାରୁନଥିଲା ଏବଂ ଓଡ଼ିଶାରେ ବିକାଶ ବାଧାପ୍ରାପ୍ତ ହେଉଥିଲା । ମାତ୍ର ଏବେ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଗଠନ ହୋଇଥିବାରୁ ସମସ୍ତ ବାଧା ଦୂର ହୋଇଛି । ଓଡ଼ିଶାର ବିକାଶକୁ କେହି ଅଟକାଇପାରିବେ ନାହିଁ । ପୂର୍ବଭାରତର ବିକାଶ ପାଇଁ ମୋଦିଜୀ ଦେଖିଥିବା ସ୍ୱପ୍ନ ନିଶ୍ଚୟ ପୂରଣ ହେବ ଏବଂ ବିଜେପି ଶାସନରେ ଓଡ଼ିଶା ପୂର୍ବୋଦୟ ଭାରତର ନେତୃତ୍ୱ ନେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । କେନ୍ଦ୍ର କ୍ୟାବିନେଟ୍ରେ ମୋଟ୍ ୮ଟି ରେଳ ପ୍ରକଳ୍ପ ମଧ୍ୟରୁ ଓଡିଶା ପାଇଁ ୬ଟି ପ୍ରକଳ୍ପକୁ ଅନୁମୋଦନ ମିଳିବା ପ୍ରସଙ୍ଗରେ ଶ୍ରୀ ସାମଲ ଏଭଳି କହିଛନ୍ତି । ଏହାଛଡ଼ା ଶ୍ରୀ ସାମଲ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷ ବଜେଟରେ ରେଳବାଇ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ୧୦୮୫୬ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ପରିମାଣର ଆର୍ଥିକ ଅନୁଦାନ ମିଳିଛି । ସେହିପରି କେନ୍ଦ୍ର କ୍ୟାବିନେଟ୍ରେ ଓଡିଶା ପାଇଁ ୬ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଓଡ଼ିଶାର ରେଳ ଇତିହାସରେ ପ୍ରଥମ ଥର ପାଇଁ ୧୫ ହଜାରରୁ ଊର୍ଦ୍ଧ୍ୱ କୋଟି ବ୍ୟୟରେ ଏସବୁ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି । ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପୂରଣ କରିବ । ନୂତନ ରେଳ ପ୍ରକଳ୍ପ ଯୋଗୁ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କଳାହାଣ୍ଡି ଆଦି ଆଦିବାସୀ ଜିଲ୍ଲାର ଆର୍ଥିକ ବିକାଶ ସୁଦୃଢ଼ ହୋଇପାରିବ । ଯେଉଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକୁ ପୂର୍ବରୁ ଯିବାକୁ କଷ୍ଟକର ଥିଲା, ସେସବୁ ଅଞ୍ଚଳରେ ଗମନାଗମନ ସୁଦୃଢ଼ ହେବା ସହ କୃଷି, ଶିଳ୍ପ, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହୋଇପାରିବ । ଏଥିସହ ବନ୍ୟଜାତ ଦ୍ରବ୍ୟକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପହଞ୍ଚାଇ ଯାଇପାରିବ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବ । ରାଜ୍ୟରେ ନୂତନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ । ଜଳପଥ ସହ ସଂଯୋଗୀକରଣ ସମ୍ଭବ ହେବାରେ ସହାୟକ ହେବ । ବାସ୍ତବରେ ରାଜ୍ୟରେ ରୋଜଗାର ଓ ସ୍ୱରୋଜଗାର କାରଣରୁ ଲକ୍ଷାଧିକ ଓଡିଆ ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ସାମଲ କହିଛନ୍ତି ।

### ‘ରାଜ୍ୟର ଖଣିଜ ସମ୍ପଦ ଅନ୍ୟ ରାଜ୍ୟକୁ ଚାଲାଣ ପାଇଁ କେନ୍ଦ୍ରର ଉଦ୍ୟମ’



**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** କ୍ୟାବିନେଟରେ ମଞ୍ଜୁର ହୋଇଥିବା ରେଳପ୍ରକଳ୍ପଗୁଡ଼ିକ କେବଳ ରାଜ୍ୟରୁ ଖଣିଜ ପଦାର୍ଥ ପରିବହନ କରିବା ପାଇଁ ଉଦ୍ଦିଷ୍ଟ । ଓଡ଼ିଶାର ଖଣିଜ ପଦାର୍ଥ ଉତ୍ତୋଳନ କରି ଚାଲାଣ କରିବା ପାଇଁ କେନ୍ଦୁଝର ଜିଲ୍ଲାରେ

**ସାତ ବର୍ଷ ପୂର୍ବରୁ ଘୋଷିତ ପ୍ରକଳ୍ପକୁ ପୁଣି କ୍ୟାବିନେଟ ମଞ୍ଜୁରୀ**

**ଗତ ୮ବର୍ଷରେ ଓଡ଼ିଶା ପାଇଁ ମଞ୍ଜୁର ହୋଇନି ନୂଆ ପ୍ରକଳ୍ପ**

ଏହି ପ୍ରକଳ୍ପ ହେବ କିନ୍ତୁ ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ନୁହେଁ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି । ଜୁନାଗଡ଼ରୋଡ଼-ନବରଙ୍ଗପୁର ଓ ମାଲକାନଗିରି-ଭଦ୍ରାଚଳମ୍ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ମହାନ୍ତି କହିବା ସହ ଇବ୍ ଥର୍ମାଲ ଓ ତାଳଚେରରୁ କୋଇଲା ଓ ଲୁହାପଥର ଏହି ବିକଳ୍ପ ରେଳଲାଇନ ମାଧ୍ୟମରେ ଆନ୍ଧ୍ର ପ୍ରଦେଶ ଓ ମହାରାଷ୍ଟ୍ରକୁ ଯିବ ଏବଂ ଏତତ୍ଦ୍ୱାରା ଅନ୍ୟ ରାଜ୍ୟମାନେ ଉପକୃତ ହେବେ । ଯଦି ଗୋପାଳପୁର ବନ୍ଦରକୁ ଏହି ଲାଇନ ଯୋଡ଼ି ହୋଇଥାଆନ୍ତା ତାହାହେଲେ ରାଜ୍ୟ ଅର୍ଥନୀତିକୁ ସମୃଦ୍ଧ କରିଥାଆନ୍ତା । ଚନ୍ଦ୍ରବାବୁ ନାଇଡୁଙ୍କୁ ସନ୍ତୁଷ୍ଟି କରିବା ପାଇଁ ଏହି ପ୍ରକଳ୍ପମାନ କରାଯାଉଛି ବୋଲି ଶ୍ରୀ ମହାନ୍ତି ।

ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି ଆହୁରି କହିଛନ୍ତି ଯେ ବିଗତ ୮ ବର୍ଷ ମଧ୍ୟରେ ଓଡ଼ିଶା ପାଇଁ କୌଣସି ନୂଆ ରେଳଲାଇନ ମଞ୍ଜୁର ହୋଇନାହିଁ । କିଛି ପ୍ରକଳ୍ପ ବଜେଟରେ ମଞ୍ଜୁରୀ ପାଇ ମଧ୍ୟକେନ୍ଦ୍ର ସରକାର ଶୀତଳଭଣ୍ଡାରରେ ରଖି ଦେଇଛନ୍ତି । ଅଣବିଜେପି ଶାସିତ ରାଜ୍ୟମାନଙ୍କ ପ୍ରତି କେନ୍ଦ୍ର ବିଜେପି ସରକାର ଏହି ଆଭିମୁଖ୍ୟ ସଦାବେଳେ ପୋଷଣ କରି ଆସିଛି । ଗୁଣୁପୁର-ଥେରୁବାଲି ରେଳଲାଇନ ଏହାର ଜ୍ୱଳନ୍ତ ଉଦାହରଣ । ୨୦୧୭-୧୮ ବଜେଟରେ ଏହା ଅନୁମୋଦନ ହୋଇସାରିଥିଲେ ମଧ ଗତ ସାତବର୍ଷ ଧରି କେବଳ ରାଜ୍ୟ ସରକାରଙ୍କୁ ଜମି ଓ ଅର୍ଥ ମାଗିବା ଛଡା କେନ୍ଦ୍ର ସରକାର ଆଉ କିଛି କରିନାହାନ୍ତି । ରାଜ୍ୟ ସରକାର ଜମି ଦେଲା ପରେ ମଧ୍ୟ କୌଣସି କାର୍ଯ୍ୟାରମ୍ଭ ହୋଇନାହିଁ । ସାତବର୍ଷ ପୂର୍ବର ବଜେଟ ଅନୁମୋଦିତ ପ୍ରକଳ୍ପକୁ ବର୍ତ୍ତମାନ ପ୍ରଚାର କରାଯାଉଛି ।

ସେହିପରି ଜୟପୁର-ମାଲକାନଗିରି ଓ ଜୟପୁର-ନବରଙ୍ଗପୁର ରେଳପ୍ରକଳ୍ପର କ’ଣ ଅଗ୍ରଗତି ହୋଇଛି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିବା ସହ ପ୍ରତିବର୍ଷ ରେଳମନ୍ତ୍ରୀ ଓଡ଼ିଶାକୁ ସାତ ହଜାର/ଆଠ ହଜାର/ଦଶ ହଜାର କୋଟି ଟଙ୍କା ବଜେଟରେ ଘୋଷଣା କରୁଛନ୍ତି । କିନ୍ତୁ ବଜେଟରେ ମଞ୍ଜୁରୀ ପ୍ରାପ୍ତ ଅର୍ଥ ମଧ୍ୟରୁ କେତେ ବ୍ୟୟ ହୋଇଛି ପ୍ରଶ୍ନ କଲେ ତାହାର ଉତ୍ତର ମିଳୁନାହିଁ । ଆଶ୍ଚର୍ଯ୍ୟର କଥା କୌଣସି ବର୍ଷ ବ୍ୟୟ ପରିମାଣ ତିନି ହଜାର କୋଟି ଟଙ୍କା ଛୁଇଁପାରିନାହିଁ । ପଦ୍ମପୁର ଉପନିର୍ବାଚନ ବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀ ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ରେଳଲାଇନ ନିର୍ମାଣ ବାବଦରେ କରିଥିବା ଘୋଷଣା ଭୁଲି ଯାଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

### ଆଳୁ ସଙ୍କଟ ପ୍ରସଙ୍ଗରେ ପ୍ରମିଳାଙ୍କ ପରାମର୍ଶ

## ଏସ୍ମା ଲାଗୁ କରି ବଜାରକୁ ନିୟନ୍ତ୍ରଣ କର



**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ରାଜ୍ୟରେ ଏବେ ଆଳୁକୁ ନେଇ ଚର୍ଚ୍ଚା ଜୋର୍ଧରିଛି । ପଶ୍ଚିମବଙ୍ଗରୁ ସ୍ୱାଭାବିକ ଭାବେ ଆଳୁ ଆମଦାନୀ ହୋଇପାରୁ ନଥିବାର ଗ୍ରାହକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ବିଜେପି ସରକାର ତୁରନ୍ତ ଆଳୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ । ଆବଶ୍ୟକ ପଡ଼ିଲେ ଏସମା ଆଇନ ଲାଗୁକରିବା କଥା ଚିନ୍ତା କରନ୍ତୁ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି । ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ମଲ୍ଲିକ ଏହା କହିଛନ୍ତି ।

ଏହାଛଡ଼ା ସେ କହିଛନ୍ତି ଯେ ବିଗତ ପ୍ରାୟ ଏକ ମାସ ଧରି ରାଜ୍ୟରେ ଆଳୁ ସମସ୍ୟା ଦେଖା ଦେଇଛି ଯାହା ଥମିବାର ନା ନେଉନାହିଁ । ରାଜ୍ୟ ସରକାରଙ୍କ ଆଳୁ ମହଜୁତକାରୀଙ୍କ ଉପରେ କୋହଳ ମନୋଭାବ ଓ ଆଳୁ ସମସ୍ୟାର ସମାଧାନ ପାଇଁ ଆନ୍ତରିକତାର ଅଭାବ ଯୋଗୁ ସମସ୍ୟା ଯେଉଁଠିକୁ ସେଇଠି ରହିଛି । ସରକାର ଆଳୁ ଦର ନିୟନ୍ତ୍ରଣରେ ରହିଥିବା ଦାବି କରୁଥିଲେ ମଧ୍ୟ ଆଳୁ ଦର କିଲୋ ୫୦ ଟଙ୍କା ରହିଛି । ଅନ୍ୟ ରାଜ୍ୟରୁ ଆଳୁ ଆଣିବା ନେଇ ସମସ୍ୟା ଥିବା କଥା କୁହା ଯାଉଥିଲେ ମଧ୍ୟ କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଆଳୁ ମହଜୁତ ରଖାଯାଇ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି ।

ଏହି ସମସ୍ୟା ପ୍ରତି ବିଜେପି ସରକାରଙ୍କ ଉଦାସୀନତା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି । ଆଳୁ ମହଜୁତ ରଖୁଥିବା ଅସାଧୁ ବ୍ୟବସାୟୀଙ୍କ ଭାରତୀୟ ଜନତା ପାର୍ଟି ସହିତ ନିବିଡ଼ ସମ୍ପର୍କ ରହିଥିବାରୁ, ସରକାର ଏ ପର୍ଯ୍ୟନ୍ତ ଏହି ଅସାଧୁ ବ୍ୟବସାୟୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ବିଜେପି ସରକାର ଓଡ଼ିଶାରେ ନାଫେଡର ସହଯୋଗରେ ଆଳୁ ସପ୍ତାହକ ଭିତରେ ଉପଲବ୍ଧ କରିବାକୁ କହୁଛନ୍ତି, କିନ୍ତୁ ଏବେ ପରିସ୍ଥିତିରେ ଲାଗୁଛି ଯେ ଆଗାମୀ ୧୫ ଦିନ ମଧ୍ୟରେ ସ୍ଥିତି ସାଧାରଣ ହେବ ନାହିଁ ଏବଂ ଓଡ଼ିଶାର ସାଧାରଣ ଲୋକ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ସମସ୍ୟା ଭୋଗିବେ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି ।

ସେହିପରି ବଜାରରେ ଅନ୍ୟାନ୍ୟ ପନିପରିବା ଦର ମଧ୍ୟ ଆକାଶ ଛୁଆଁ ହୋଇଛି । ପନିପରିବା ଦର ନିୟନ୍ତ୍ରଣ ପ୍ରତି ସରକାରଙ୍କ ନିଘା ନାହିଁ । ଓଲଟା ମନ୍ତ୍ରୀ ପନିପରିବା ଦର ନିୟନ୍ତ୍ରଣ କରିବାରେ ସରକାରଙ୍କ କୌଣସି ଭୂମିକା ନାହିଁ ବୋଲି ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ । ବିଜେପି ସରକାର ତୁରନ୍ତ ଆଳୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ । ଆବଶ୍ୟକ ଅନୁସାରେ ଏସ୍ମା ଆଇନ ଲାଗୁକରିବା କଥା ଚିନ୍ତା କରନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି ।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ନିଲମ୍ବିତ

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** କଟକ (ରାସ୍ତା ଓ ଗୃହନିର୍ମାଣ) ସର୍କଲର ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କୁ ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶ୍ରୀ ରଥଙ୍କୁ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଗତ ୬ ତାରିଖରେ ଗିରଫ କରାଯାଇଥିଲା । ସେହିଦିନ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ଙ୍କ ଅଦାଲତଙ୍କ ଆଦେଶମତେ ତାଙ୍କୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଦୁର୍ନୀତି ମାମଲାର ତଦନ୍ତ ଜାରି ଥିବାରୁ ଏବଂ ଶ୍ରୀ ରଥ ୪୮ ଘଣ୍ଟାରୁ ଅଧିକ ନ୍ୟାୟିକ କାରାବାସରେ ରହିଥିବାରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପୂର୍ତ୍ତ ବିଭାଗ ତରଫରୁ ଶ୍ରୀ ରଥଙ୍କ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରାଯାଇଛି । ଅନ୍ୟପକ୍ଷରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଯନ୍ତ୍ରୀମୁଖ୍ୟ (ସିଭିଲ୍), ଭୁବନେଶ୍ୱରଙ୍କ କାର୍ଯ୍ୟାଳୟକୁ ଶ୍ରୀ ରଥଙ୍କ ସଦର ମହକୁମା ସ୍ଥିର କରାଯାଇଛି । ନିଲମ୍ବନ ଅବଧିରେ ସେ ଯନ୍ତ୍ରୀମୁଖ୍ୟ (ସିଭିଲ୍), ଭୁବନେଶ୍ୱରଙ୍କ ପ୍ରାକ ଅନୁମତି ବିନା ସଦର ମହକୁମା ଛାଡ଼ିପାରିବେ ନାହିଁ ବୋଲି ଆଦେଶରେ ଉଲ୍ଲେଖ ରହିଛି । ଏଠାରେ ସୂଚନାଯୋଗ୍ୟ ଯେ ବର୍ତ୍ତମାନ ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ଅଧିକ କଡ଼ାକଡ଼ି ଭାବେ ଆପଣାଇଛନ୍ତି । ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ଯେତେ ବଡ଼ ଅଧିକାରୀ ହୋଇଥାନ୍ତୁ ପଛେ ତାଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

## ଓଡ଼ିଶାରେ କଂଗ୍ରେସ କମାଣ୍ଡର ଶୂନ୍ୟ

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଓଡ଼ିଶାରେ କମାଣ୍ଡର ଶୂନ୍ୟ କଂଗ୍ରେସ । ସାଧାରଣ ଓ ବିଧାନସଭା ନିର୍ବାଚନ ପରେ ପ୍ରଦେଶ କଂଗ୍ରେସ ଏବେ ପ୍ରାୟତଃ ନେତୃତ୍ୱ ଶୂନ୍ୟ । ନିର୍ବାଚନ ଫଳାଫଳ ଆସିବା ପରେ ଗତ ଜୁଲାଇ ୨୧ ତାରିଖରୁ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପ୍ରଦେଶ କଂଗ୍ରେସର ସମସ୍ତ କମିଟି ଭଙ୍ଗ କରିସାରିଛି । ଦଳର ସାଙ୍ଗଠନିକ ନବକଳେବର ପାଇଁ ଦଳୀୟ ନେତା ଓ

**ରାଜ୍ୟ ମୁଖିଆଙ୍କୁ ନେଇ କଳ୍ପନା ଜଳ୍ପନା ଜାରି**

**ସାଙ୍ଗଠନିକ ନବକଳେବର ଅପେକ୍ଷାରେ ନେତା ଓ କର୍ମୀ**

କର୍ମୀମାନେ ଅପେକ୍ଷା କରି ବସିଛନ୍ତି । ନିର୍ବାଚନରେ ଦଳର ନେତୃତ୍ୱ ନେଇଥିବା ଶରତ ପଟ୍ଟନାୟକଙ୍କ ପରେ ଦଳର ପରବର୍ତ୍ତୀ ରାଜ୍ୟ ମୁଖିଆ କିଏ ହେବ, ସେନେଇ କଳ୍ପନା ଜଳ୍ପନା ଜାରି ରହିଛି । ଓଡିଶାର ସମସ୍ତ କମିଟିକୁ ଏଆଇସିସି ଭଙ୍ଗ କରିବା ପରେ ରାଜ୍ୟର ନେତୃତ୍ୱ କିଏ ନେବେ ଏହାକୁ ନେଇ ଚର୍ଚ୍ଚା ଚାଲିଛି । ଅନ୍ୟପଟେ ନିର୍ବାଚନ ପରେ ଦଳୀୟ କାର୍ଯ୍ୟକ୍ରମରେ ଏକ ପ୍ରକାର ଠପ୍ ହୋଇପଡ଼ିଛି । ତେବେ ୧୫ ତାରିଖ ପୂର୍ବରୁ ପିସିସି ସଭାପତିଙ୍କ ନାମ ଘୋଷଣା ହେବ ବୋଲି କୁହାଯାଉଛି । ପିସିସି ଭଙ୍ଗିବା ପରେ ଦିଲ୍ଲୀରୁ ଆସୁନି ରାଜ୍ୟ ସଭାପତିଙ୍କ ନାଁ । ଯାହା ଫଳରେ ଦଳୀୟ କାର୍ଯ୍ୟକ୍ରମ ରାଜ୍ୟରେ ଠପ୍ ହୋଇଗଲାଣି । କର୍ମୀଙ୍କ ମନୋବଳ ଭାଙ୍ଗିଲାଣି ଓ ନେତା ବି ଧିରେ ଧିରେ ନିରାଶ ହେଲେଣି । ସ୍ଥିତି ଏଭଳି ହେଲାଣି ଯେ ସୁନ୍ଦରଗଡ଼, ଜୟପୁର, ନବରଙ୍ଗପୁର ଜିଲ୍ଲା ଭଳି ରାଜ୍ୟର ସବୁ ସାଙ୍ଗଠନିକ ଜିଲ୍ଲା କଂଗ୍ରେସ ଅଫିସରେ ତାଲା ଝୁଲିଲାଣି । ନେତା କହିଲେଣି, ଟିମରେ କମାଣ୍ଡର ନଥିଲେ ଯାହା ହୁଏ, ରାଜ୍ୟରେ ଏବେ କଂଗ୍ରେସର ସ୍ଥିତି ସେୟା ହୋଇଛି ।

ସବୁଠାରୁ ବଡ଼ କଥା ହେଉଛି ଯେ ବିରୋଧୀ ଦଳ ଭାବେ ବିଜେଡି ବିଭିନ୍ନ ପ୍ରସଙ୍ଗରେ ଶାସକ ବିଜେପିକୁ ଶକ୍ତ ପ୍ରହାର କରୁଛି । କିନ୍ତୁ ଏହି ଦୃଷ୍ଟିରୁ କଂଗ୍ରେସ ବହୁ ପଛରେ ପଡ଼ିଛି । କର୍ମୀ, ନେତା କାହାକୁ ରିପୋର୍ଟିଂ କରିବେ ତାହା ଜାଣିପାରୁନାହାନ୍ତି । ତେବେ ପିସିସି ମୁଖିଆ ରେସର ଏବେ ଏକାଧିକ ବରିଷ୍ଠ ତଥା ଅନୁଭବୀ ଚେହେରାଙ୍କ ନାମ ଯୋଡ଼ି ହୋଇଯାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ପିସିସି ସଭାପତି ଓ ଦଳର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ଏକାଧିକ ବରିଷ୍ଠ ନେତା ଏହି ଦୌଡ଼ରେ ଆଗରେ ରହିଥିବା ଚର୍ଚ୍ଚା ହେଉଛି ।

## ଓଡ଼ିଶା ସ୍ୱାର୍ଥ ପ୍ରସଙ୍ଗ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ସହ କଲେ ଆଲୋଚନା

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଚାରି ଦିନିଆ ଦିଲ୍ଲୀ ଗସ୍ତ କରିଛନ୍ତି । ସେଠାରେ ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ର ମନ୍ତ୍ରୀମାନଙ୍କୁ ସାକ୍ଷାତ କରିବା ସହ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ପାତ୍ର ଦିଲ୍ଲୀସ୍ଥିତ

**ଦିଲ୍ଲୀ ଗସ୍ତରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ**





ରେଳ ଭବନରେ ଭେଟିବା ସହ ରାଜ୍ୟରେ ରେଳ ଯୋଗାଯୋଗ ସୁଦୃଢ଼ୀକାରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଢେଙ୍କାନାଳରୁ ଯୋରନ୍ଦା, ଯୋରନ୍ଦା ଠାରୁ କପିଳାସ, କପିଳାସ ରୁ ଯାଜପୁର ରୋଡ(ଇସ୍ପାତ ନଗର) ସହ ରେଳ ସଂଯୋଗ ବ୍ୟବସ୍ଥା କରିବା ପାଇଁ ଅବଗତ କରାଇଥିଲେ । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗଦର୍ଶନ ଓ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସମର୍ପିତ ଓ ନିଶ୍ଚିତ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟରେ ରେଳ ସଂଯୋଗୀକରଣର ଆହୁରି ଉନ୍ନତି ହେବ ବୋଲି ରେଳ ମନ୍ତ୍ରୀ ଅବଗତ କରାଇଥିଲେ ।

ଏତଦବ୍ୟତୀତ ଶ୍ରୀ ପାତ୍ର ତାଙ୍କର ଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଡଃ ଜିତେନ୍ଦ୍ର ସିଂଙ୍କୁ ମଧ୍ୟ ସାକ୍ଷାତ କରିବା ସହ ରାଜ୍ୟକୁ ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ଆଗକୁ ନେବା ପାଇଁ ଆଲୋଚନା କରିଥିଲେ । ରାଜ୍ୟରେ ସାଇନ୍ସ ସିଟି, ସାଇନ୍ସ ପାର୍କ ଏବଂ ବାୟୋଟେକ୍ନୋଲୋଜି ପାର୍କ ପ୍ରତିଷ୍ଠା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ରମନ୍ତ୍ରୀ ଡଃ ସିଂଙ୍କ ସହ ଆଲୋଚନା କରିଥିଲେ । ଏଥିସହ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ର ଉନ୍ନତିକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନ ଉପରେ ଅଧିକ ଗବେଷଣା କରିବା ଉପରେ କେନ୍ଦ୍ରମନ୍ତ୍ରୀଙ୍କୁ ଶ୍ରୀ ପାତ୍ର ଅନୁରୋଧ କରିଥିଲେ । ଏ ସମସ୍ତ ଦାବିକୁ ବିଚାରକୁ ନେବା ସହ ରାଜ୍ୟର ଡବଲ ଇଞ୍ଜିନ ସରକାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ସମସ୍ତ ସହଯୋଗ ପ୍ରଦାନ କରାଯିବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

### ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କ ବୈଠକ

## ସଙ୍ଗଠନକୁ ସୁଦୃଢ଼ କରିବାକୁ ପ୍ରସ୍ତୁତ କରାଯିବ ଖସଡ଼ା

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ ଏବଂ ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ ସଂଗଠନ ଖସଡ଼ା ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି କ୍ରମରେ ସାରା ରାଜ୍ୟ ଗସ୍ତ କରି ସମସ୍ତ ଜିଲ୍ଲାରେ ଯୁବ ଓ ଛାତ୍ର ବିଜେଡି ସଭାପତିଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଯୁବ ଓ ଛାତ୍ର କର୍ମକର୍ତ୍ତାଙ୍କୁ ନେଇ ବୈଠକ କରାଯିବ । ଯେଉଁଥିରେ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବା ସହ ତୃଣମୂଳ ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାନିମନ୍ତେ ଏକ ସଂଗଠନ ଖସଡ଼ା ପ୍ରସ୍ତୁତ କରାଯିବ ।

ପ୍ରଥମ ଦିନରେ ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲାରେ ବିଜୁ ଜନତା ଦଳର ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାଙ୍କୁ ନେଇ ବୈଠକ ଆୟୋଜନ କରାଯାଇଥିଲା । ଏହି ବୈଠକରେ ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ଶ୍ରୀ ରାୟ ଏବଂ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଶ୍ରୀ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀ ରାୟ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବିଜୁ ଜନତା ଦଳ ଭାରତ ବର୍ଷର ସର୍ବବୃହତ ଆଞ୍ଚଳିକ ଦଳ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବର୍ଷ ତମାମ ରାଜ୍ୟବ୍ୟାପୀ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକ୍ରମ ଜାରି ରହେ । ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ସମସ୍ତ ଜିଲ୍ଲାରେ ସଂଗଠନ କର୍ମକର୍ତ୍ତା ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଯାହାଦ୍ୱାରା ରାଜ୍ୟବ୍ୟାପୀ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ଆଗାମୀ ଦିନର ଦଳର ଆଭିମୁଖ୍ୟ ଏବଂ ସଙ୍ଗଠନ ସମ୍ପର୍କରେ ଆଲୋଚନା କରାଯାଉଛି । ସେହିପରି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଆହୁରି ସଶକ୍ତ ଓ ସୁଦୃଢ଼ ହୋଇ ରାଜ୍ୟବ୍ୟାପୀ ଜନସେବା ଜାରି ରଖିବ ।

# ବର୍ଷାଋତୁରେ ସୁରକ୍ଷିତ ରହିବାକୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପରାମର୍ଶ

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ମୌସୁମୀ ଋତୁର ପ୍ରସ୍ତୁତି ପାଇଁ ଅନେକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ମୌସୁମୀ ଋତୁରେ ଉପଭୋକ୍ତାଙ୍କ ପାଇଁ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ନିରାପତ୍ତା ଉପରେ ଗୁରୁତ୍ୱ ଦେବା ଏହି ପଦକ୍ଷେପର ଲକ୍ଷ୍ୟ।

ଉପଭୋକ୍ତାଙ୍କ ପାଇଁ ଏଠାରେ କିଛି ଜରୁରୀ ସୁରକ୍ଷା ଟିପସ ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା ଜଳବନ୍ଦୀ ଅଞ୍ଚଳକୁ ପ୍ରବେଶରୁ ଦୂରେଇ ରୁହନ୍ତୁ। ଜଳବନ୍ଦୀ ଅଞ୍ଚଳ ଦେଇ ଯିବାରୁ ଦୂରେଇ ରୁହନ୍ତୁ। କାରଣ ଜଳମଗ୍ନ ତାର କିମ୍ବା ଉପକରଣରୁ ବିଜୁଳି ପ୍ରବାହିତ ହୋଇପାରେ। ପ୍ରବଳ ବର୍ଷା କିମ୍ବା ଝଡ଼ ସମୟରେ ବିଦ୍ୟୁତ୍ ବିଭ୍ରାଟ ରୋକିବା ପାଇଁ ଆବଶ୍ୟକ ନଥିବା ସମସ୍ତ ବୈଦ୍ୟୁତିକ ଉପକରଣକୁ ପ୍ଲଗରୁ ବାହାର କରିଦିଅନ୍ତୁ।

ସର୍କିଟ୍ ବ୍ରେକର, ଫ୍ୟୁଜ୍ ଏବଂ ତାର ସମେତ ବିଦ୍ୟୁତ ବ୍ୟବସ୍ଥାର ନିରାପତ୍ତା ଏବଂ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବରେ ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ କରନ୍ତୁ। ଯଦି ଆପଣ କୌଣସି ବିଦ୍ୟୁତ୍ ତାର ଖସିପଡ଼ିଥିବାର ଦେଖୁଛନ୍ତି ତାହାକୁ ସ୍ପର୍ଶ କରନ୍ତୁ ନାହିଁ, ସୁରକ୍ଷିତ ଦୂରତା ବଜାୟ ରଖନ୍ତୁ ଏବଂ ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଜଣାନ୍ତୁ। ବଜ୍ରପାତ ଜନିତ ଭୋଲ୍ଟେଜ୍ ସମସ୍ୟାରୁ ଆପଣଙ୍କ ଇଲେକ୍ଟ୍ରୋନିକ୍ ଡିଭାଇସ୍‌କୁ ସୁରକ୍ଷିତ ରଖିବା ପାଇଁ ସର୍ଜ ପ୍ରୋଟେକ୍ଟର ଲଗାନ୍ତୁ। ବଜ୍ରପାତ କିମ୍ବା ପ୍ରବଳ ବର୍ଷା ସମୟରେ ବାହାର କାର୍ଯ୍ୟକଳାପଠାରୁ ଦୂରେଇ ରୁହନ୍ତୁ। ଆବଶ୍ୟକ ପଡ଼ିଲେ ଖୋଲା ପଡ଼ିଆ, ଉଚ୍ଚ ଗଛ ଓ ଧାତବ ଢାଞ୍ଚାଠାରୁ ଦୂରେଇ ରୁହନ୍ତୁ। ନିଶ୍ଚିତ କରନ୍ତୁ ଯେ ଇଲେକ୍ଟ୍ରିକାଲ୍ ଆଉଟ୍‌ଲେଟ୍ ଏବଂ ସୁଇଚ୍‌ଗୁଡ଼ିକ ଶୁଖିଲା ଏବଂ ବର୍ଷା କିମ୍ବା ଆର୍ଦ୍ରତାରୁ ସୁରକ୍ଷିତ ରହିବ। ଉପଯୁକ୍ତ ସ୍ଥାନରେ ଜଳନିରୋଧୀ କଭର୍ ବ୍ୟବହାର କରନ୍ତୁ। ମୌସୁମୀ ଋତୁରେ ବିଜୁଳିର ବିପଦ ଏବଂ ନିରାପତ୍ତାର ଗୁରୁତ୍ୱ ବିଷୟରେ ପିଲାମାନଙ୍କୁ ସଚେତନ କରନ୍ତୁ। ଗ୍ରାହକଙ୍କ ସୁରକ୍ଷାର ଗୁରୁତ୍ୱ ଉପରେ ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି ଯେ ଏହି ଆହ୍ୱାନଗୁଡିକର ସିଧାସଳଖ ମୁକାବିଲା କରିବା ପାଇଁ ଆମର ବ୍ୟାପକ ସୁରକ୍ଷା ପ୍ରୋଟୋକଲ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଛି ଯାହା ବର୍ଷା ଋତୁରେ ଆମର ଉପଭୋକ୍ତାଙ୍କୁ ନିରନ୍ତର ବିଜୁଳି ଯୋଗାଣ ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବ।

## ସୋଆରେ ୬୫ ସ୍ୱାମୀନାଥନ୍ ସ୍ମାରକୀ ବକ୍ତୃତାମାଳା



**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍) ପକ୍ଷରୁ ୬୫ ସ୍ୱାମୀନାଥନ ସ୍ମାରକୀ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ (ଆଇଏ ଆର ଆଇ) ର ବୀଜ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତଥା ବୈଜ୍ଞାନିକ ଡକ୍ଟର ଶ୍ୟାମଳ କୁମାର ଚକ୍ରବର୍ତ୍ତୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଦେଶରେ ସଙ୍କର ଜାତୀୟ ବିହନର ସ୍ଥିତି ଓ ବିଭିନ୍ନ ଫସଲରେ ଏହାର ଆଧୁନିକ ବୈଜ୍ଞାନିକ ଉତ୍ପାଦନର ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବକ୍ତୃତାମାଳାରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଯୋଗ ଦେଇ ପ୍ରଫେସର ସ୍ୱାମୀନାଥନଙ୍କ ଉଦ୍ଦେଶ୍ୟରେ ସମର୍ପିତ ଓ ନାମିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଆବାହକ ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଏଏସ୍ ବୀଜ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଶାନ୍ତନୁ ସ୍ୱାଇଁ ଓଡ଼ିଶାରେ ସଙ୍କର ଜାତୀୟ ବିହନର ପ୍ରୋତ୍ସାହନ ଦିଗରେ ଆଲୋଚନା ସହ ଡକ୍ଟର ଚକ୍ରବର୍ତ୍ତୀଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ। ଅଧ୍ୟାପକ ରାଜୀବ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ଧନ୍ୟବାଦ୍ ଦେଇଥିଲେ।

# ବେସିକ୍ ଲାଇଫ୍ ସଂକ୍ରାନ୍ତ କର୍ମଶାଳା



**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଜନସାଧାରଣମାନଙ୍କ ଦ୍ୱାରା କାର୍ଡିଓପୁଲମୋନାରୀ ରେସସିଟେସନ (ସିପିଆର୍)ର ସଚେତନତା ଏବଂ ଅଭ୍ୟାସ ଦ୍ୱାରା ଅପାତକାଳୀନ ସ୍ଥିତିରେ ଜୀବନରକ୍ଷା ପାଇଁ ଜଣେ ଦକ୍ଷ ପ୍ରାଥମିକ ପ୍ରତିକ୍ରିୟାକାରୀର ବିକାଶ ହୋଇପାରିବ। ଏହି ସଚେତନତାର ପ୍ରସାର ପାଇଁ, ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କିମ୍ସ ହସ୍ପିଟାଲର କେଏଏବିଇଇଏଲ୍ (କାବୀଲ) ସିମୁଲେସନ୍ ଆଣ୍ଡ୍ ସ୍କିଲ୍ ଅପଗ୍ରେଡେସନ୍ ସେଣ୍ଟର୍ ପକ୍ଷରୁ ମିଳିତ ଭାବରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଅଧିବାସୀ ଏବଂ ସୁରକ୍ଷା କର୍ମୀଙ୍କ ପାଇଁ ଶନିବାର ସିପିଆର୍ ମାଧ୍ୟମରେ ବେସିକ୍ ଲାଇଫ୍ ସପୋର୍ଟ୍ (ବିଏଲ୍ଏସ୍) ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ହୃଦ୍‌ଘାତ, ବିଦ୍ୟୁତ୍ ଆଘାତ, ବଜ୍ରାଘାତ, ଅଗ୍ନି କିମ୍ବା ରାସାୟନିକ ନିଶ୍ୱାସ ଇତ୍ୟାଦି କାରଣରୁ ହୃଦ୍‌ଘାତର ଶିକାର ହୋଇଥିବା ଲୋକଙ୍କୁ ଉଚ୍ଚମାନର ସିପିଆର ପ୍ରଦାନ କରିବାର କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆମେରିକୀୟ ହାର୍ଟ ଆସୋସିଏସନ୍‌ର ଆଡଭାନ୍ସଡ କାର୍ଡିଆକ୍ ଲାଇଫ୍ ସପୋର୍ଟର ଇନଷ୍ଟ୍ରକ୍ଟର୍ ଭାବେ ସ୍ୱୀକୃତିପ୍ରାପ୍ତ ଡାକ୍ତରମାନେ ଏହି ହ୍ୟାଣ୍ଡସ-ଅନ୍ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାୟ ୨୫୦ ଅଂଶଗ୍ରହଣକାରୀ କର୍ମଶାଳାର ଲାଭ ଉଠାଇଥିଲେ।

କ୍ରିଟିକାଲ କେୟାର ଟିମ୍ ସହିତ କିମ୍ସ ହସ୍ପିଟାଲ୍, ଭୁବନେଶ୍ୱରର ସିନିୟର କନ୍ସଲଟାଣ୍ଟ କାର୍ଡିଆକ୍ ଆନାସ୍ଥେସିଆ ଡ. ଅଶୋକ କୁମାର ବଡ଼ମାଲି ଏବଂ ଡିଜିଏମ୍ ମାର୍କେଟିଂ, କିମ୍ସ ଦେବଶିଷ ମହାନ୍ତି ଏହି କର୍ମଶାଳାର ପରିଚାଳନା କରିଥିଲେ। ଆଇଆଇଟି ଭୁବନେଶ୍ୱରର ପକ୍ଷରୁ ପ୍ରଫେସର-ଇନ୍-ଚାର୍ଜ, ସ୍ୱାସ୍ଥ୍ୟସେବା, ଆର୍. ଏସ୍. ଦାଶ, ଏନ୍ଏସ୍ଏସ୍ ସଂଯୋଜକ ଡ. ଶିବାୟା ବାଥୁଲା, ବରିଷ୍ଠ ଚିକିତ୍ସା ଅଧିକାରୀ ଡ. ଏମ୍. ଏ. ଖାନ୍ ତାଙ୍କ ଟିମ୍ ସହିତ ଉପସ୍ଥିତ ଥିଲେ।

## 'ବ୍ୟାକ୍ ଟୁ କଲେଜ' ଯୋଜନା ଆରମ୍ଭ

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଗ୍ଲୋବାଲ ଟେକ୍ନୋଲୋଜି ପାୱାରହାଉସ୍ ଲେନୋଭୋ ଏହାର ସ୍ୱତନ୍ତ୍ର 'ବ୍ୟାକ୍-ଟୁ-କଲେଜ' (ବିଟିସି) ଯୋଜନା ଆରମ୍ଭ କରିବାକୁ ଯାଉଛି। ଯାହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତଙ୍କ ପାଇଁ ସ୍ମାର୍ଟ ଟେକ୍ନୋଲୋଜି ପ୍ରଦାନ ଲକ୍ଷ୍ୟ ସହ ଜଡ଼ିତ ରହି ଏହି ବ୍ରାଣ୍ଡ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରିମିୟମ ଡିଭାଇସ୍‌ଗୁଡ଼ିକ ପାଇଁ ରହିଥିବା ଚାହିଦା ପୂରଣ ଲାଗି ଲାପ୍‌ଟପ୍ ଓ ଆକ୍‌ସେସରି ଉପରେ ଏକ ବିସ୍ତୃତ ଶୃଙ୍ଖଳାର ରିହାତି ପ୍ରଦାନ କରାଯିବ। ବିଟିସି ଅଫର୍ ସମସ୍ତ ରିଟେଲ ଓ ଇ-ଟେଲ ଚ୍ୟାନେଲ୍‌ଗୁଡ଼ିକରେ ବୈଧ ରହିବ। ଏହା ନିର୍ଦ୍ଦିଷ୍ଟ କଞ୍ଜ୍ୟୁମର୍ ନୋଟ୍‌ବୁକ୍ ଓ ଡେସ୍କଟପ୍‌ଗୁଡ଼ିକ ଉପରେ ଲାଗୁ ହେଉଛି। ଏକ୍ସକ୍ଲୁସିଭ ବଣ୍ଡଲ୍‌ରେ ସାମିଲ ଥିବା ୨୩,୯୯୯ ଟଙ୍କା ମୂଲ୍ୟର ଲେଜିଅନ ଆକ୍‌ସେସରି ୭୯୯୯ ଟଙ୍କାରେ ଏବଂ ଜେବିଏଲ୍ କ୍ଲିପ ୪ ଇକୋ ସ୍ପିକରଗୁଡିକର ନିର୍ଦ୍ଦିଷ୍ଟ ମଡେଲଗୁଡ଼ିକ ୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ପ୍ରଦାନ କରାଯିବ। ଗ୍ରାହକ ତଥା ଛାତ୍ରଛାତ୍ରୀ ଋଣ ଯୋଜନାଗୁଡ଼ିକ ମଧ୍ୟରୁ ଚୟନ କରିପାରିବେ। ଯାହାଫଳରେ ସେମାନେ ନିଜ ପସନ୍ଦର ଡିଭାଇସ୍ କ୍ରୟ କରିପାରିବେ। ବିଶେଷକରି ଯୁବ ଛାତ୍ରଛାତ୍ରୀ ଏହା ଦ୍ୱାରା ବେଶ ଉପକୃତ ହୋଇପାରିବେ।

# ସହଯୋଗର ହାତ ବଢ଼ାଇଲା 'ଜୟ ଓଡ଼ିଶା'

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ନୟାପଲ୍ଲୀ ସ୍ଥିତ ନୂଆ ସାହିର ବାସିନ୍ଦା ସ୍ୱର୍ଗତ ଆର୍ ସୋମନାଥଙ୍କ ପାର୍ଥିବ ଶରୀର ସ୍ଥାନାନ୍ତରଣରେ ସହଯୋଗର ହାତ ବଢ଼ାଇଛନ୍ତି ଅଗ୍ରଣୀ ସମାଜସେବୀ ସଂଘ ଜୟ ଓଡ଼ିଶା। ଆର୍. ସୋମନାଥ ଥିଲେ ପେସାରେ ଜଣେ ଦିନ ମଜୁରିଆ ତଥା ତାଙ୍କ ପୁତ୍ର ରାସ୍ତାକଡ଼ରେ ମୋଚି ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସୋମନାଥ ପୂର୍ବରୁ ଟିବି ରୋଗରେ ଆକ୍ରାନ୍ତ ଥିବାବେଳେ ଆଜି ସକାଳେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଆର୍ଥିକ ପରିସ୍ଥିତି ଠିକ୍ ନଥିବାରୁ ତାଙ୍କ ସହଯୋଗ ନିମନ୍ତେ ଅଞ୍ଚଳର ଜଣେ ସମାଜସେବୀ ଦେବବ୍ରତ ମହାନ୍ତି ଜୟ ଓଡ଼ିଶାର ସଭାପତି ରୁଦ୍ର ସାମନ୍ତରାୟ ଙ୍କୁ ଯୋଗାଯୋଗ କରିଥିଲେ। ରୁଦ୍ର ସଙ୍ଗେ ସଙ୍ଗେ ତାଙ୍କ ଦ୍ୱାରା ପରିଚାଳିତ ଜୟ ଓଡ଼ିଶାର ଶେଷସାଥୀ ସ୍ୱର୍ଗରଥ ବ୍ୟବସ୍ଥା କରାଇ ସୋମନାଥଙ୍କ ମୃତ ଶରୀରକୁ ତାଙ୍କ ବାସଭବନରୁ ଶ୍ମଶାନକୁ କରାଇଥିଲେ। ଏହାସହ ରୁଦ୍ର ତାଙ୍କ ବାସଭବନକୁ ଯାଇ ପାର୍ଥିବ ଶରୀରର ଶେଷଦର୍ଶନ କରିଥିଲେ ଓ ତାଙ୍କ ପୁତ୍ରକୁ ଭେଟି ସମବେଦନା ଜଣାଇଥିଲେ। ସମ୍ପୂର୍ଣ୍ଣ ଶେଷକୃତ୍ୟ କାର୍ଯ୍ୟ ସମୟରେ ୱାର୍ଡ ନଂ ୩୯ର କର୍ପୋରେଟର୍ ବିଷ୍ଣୁ ପ୍ରସାଦ ସାହୁ ଶ୍ମଶାନରେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ଜୟ ଓଡ଼ିଶା ଦ୍ୱାରା ପରିଚାଳିତ ଏହି ସ୍ୱର୍ଗରଥ ଭୁବନେଶ୍ୱରର ଯେକୌଣସି ଅଞ୍ଚଳରୁ ସତ୍ୟ ନଗର ପର୍ଯ୍ୟନ୍ତ ନିଃଶୁଳ୍କ ସେବା ଯୋଗାଉଛି ଓ ଏହି ସେବା ଉପଲବ୍ଧ କରିବା ନିମନ୍ତେ ୯୮୫୩୨୨୦୦୨୩ ନଂ ରେ ଯୋଗାଯୋଗ କରିବାକୁ ହୁଏ।




# ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା-ଉନ୍ନୟନ କମିଟି ବୈଠକ

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଆଜି ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ (ଏସଏମସି) / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ (ଏସ୍ଏମ୍‌ଡିସି) ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାରେ ସମସ୍ତ ସଭ୍ୟ ଓ ଅଭିଭାବକ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିରାପତ୍ତା ବ୍ୟବସ୍ଥା, ଅନ୍‌ଲାଇନ୍ ସୁରକ୍ଷା ଏବଂ ସାଇବର ସଚେତନତା, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି-୨୦୨୪, ବିଦ୍ୟାଳୟର ୟୁଥ୍ ଏବଂ ଇକୋ କ୍ଲବ୍ ଗଠନ, ଛାତ୍ରଛାତ୍ରୀଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା ଓ ନିୟମିତ ଭାବରେ ଶିକ୍ଷା ସମାପ୍ତି ସୁନିଶ୍ଚିତ କରିବା, ବେଟି ବଚାଓ ବେଟି ପଢ଼ାଓ, କୈଶୋର ଛାତ୍ରୀଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍‌ର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ବିଦ୍ୟାଳୟ ପରିଦର୍ଶନ କରିଥିଲେ।

## ଜ୍ଞାନ ଓ ସୃଜନଶୀଳତା ଶିକ୍ଷା ଯାତ୍ରା ପାଳିତ

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଓଡିଏମ୍ ଗ୍ଲୋବାଲ ସ୍କୁଲ ଜ୍ଞାନ ଓ ସୃଜନଶୀଳତାର ଶକ୍ତି ସହିତ ଶିକ୍ଷାର ଯାତ୍ରା ପାଳନ କରିଛି। ଗ୍ରେଡ୍-୧ରୁ ୫ ପର୍ଯ୍ୟନ୍ତ ସ୍କୁଲର ଯୁବ ଶିକ୍ଷାର୍ଥୀମାନେ ପ୍ରେରଣାଦାୟକ ଶିକ୍ଷଣୀୟ ଚଳଚ୍ଚିତ୍ରଗୁଡ଼ିକୁ ଅନ୍ୱେଷଣ କରିଥିଲେ। ଫନ୍ ୱିଥ୍ ସାଇନ୍ସ, ମ୍ୟାଡ୍ ଓଭର୍ ମ୍ୟାଥ୍ସ୍ ଓ ରିଲିଭିଙ୍ଗ ଆୱାର ହିଷ୍ଟ୍ରିର ଏକ ଚମତ୍କାର ଯାତ୍ରାକୁ ପରିଲକ୍ଷିତ କରିଥିଲେ। ବରିଷ୍ଠ ଛାତ୍ରଛାତ୍ରୀମାନେ ରୋବୋଟିକ୍ସ ଉପରେ ରାଜା ମାହାରୀଙ୍କର ଏକ କର୍ମଶାଳା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ବିଶ୍ୱନାଥ ପାତ୍ରଙ୍କ କର୍ମଶାଳାରେ ଯୋଗ ଦେଇଥିଲେ। ଏଥିସହିତ କସ୍‌ମସ୍: ନୋଇଙ୍ଗ୍ ଦ ସ୍ପେଶ ଆଣ୍ଡ ଇନୋଭେଶନ ଫେଷ୍ଟ ଉପରେ ଏକ ଉପସ୍ଥାପନା ଦିଆଯାଇଥିଲା।

# ଏସ୍ଏମ୍ଏ ଆକ୍ୟୁଟ୍ ଥ୍ରୋମ୍ବୋସିସ୍ ସମସ୍ୟାରେ ପୀଡ଼ିତ ରୋଗୀଙ୍କ ସଫଳ ଚିକିତ୍ସା



**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ଅନ୍ତନଳୀରେ ଜଟିଳ ସମସ୍ୟା ସହ ସୁପିରିୟର୍ ମେସେନଟେରିକ୍ ଆର୍ଟେରୀ (ଏସ୍ଏମ୍ଏ) ବ୍ୟାଧିରେ ପୀଡ଼ିତ ଜଣେ ୪୩ ବର୍ଷୀୟ ରୋଗୀଙ୍କର ସମ୍ ଅଲ୍ଟିମେଟ ମେଡିକେୟାରରେ ସଫଳ ଚିକିତ୍ସା କରାଯାଇଛି। କଟକରୁ ଆସିଥିବା ଏହି ରୋଗୀ ଜଣକ ସମ୍‌ରେ ପହଞ୍ଚିବା ପରେ ତାଙ୍କର ସେପ୍‌ସିସ୍ ଓ ସବ୍-ଆକ୍ୟୁଟ୍ ଇନ୍‌ଟେଷ୍ଟାଇନାଲ୍ ଅବ୍‌ଷ୍ଟ୍ରକ୍‌ସନ୍ ଦେଖାଦେବା ସହ ତଳି ପେଟରେ ଜଳୀୟ ଅଂଶ ସଂଗୃହୀତ ହୋଇଥିବା ଜଣାପଡ଼ିଥିଲା। ତାଙ୍କୁ ହସ୍ପିଟାଲ୍‌ର ଇନ୍‌ଟରଭେନ୍‌ସନାଲ ରେଡିଓଲୋଜି ବିଭାଗର ଆସୋସିଏଟ୍ କନ୍‌ସଲ୍‌ଟାଣ୍ଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକଙ୍କ ଅଧୀନରେ ଭର୍ତ୍ତି କରାଯାଇଥିଲା।

ରୋଗୀଙ୍କୁ ଆଇସିୟୁକୁ ନିଆଯାଇ ସିଟି ଆନ୍‌ଜିଓଗ୍ରାମ୍ ପରୀକ୍ଷା ପରେ ତାଙ୍କ ଶରୀରରେ ଏସ୍ଏମ୍ଏ ଆକ୍ୟୁଟ୍ ଥ୍ରମ୍ବୋସିସ୍ ଓ ଆକ୍ୟୁଟ୍ ମେସେନ୍‌ଟେରିକ୍ ଇସ୍କେମିଆ ଚିହ୍ନଟ ହୋଇଥିଲା ବୋଲି ଡାକ୍ତର ପଟ୍ଟନାୟକ କହିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ରୋଗୀଙ୍କୁ କ୍ୟାଥଲ୍ୟାବ୍‌ରେ ମିନିମାଲି ଇନ୍‌ଭେସିଭ୍ ଇମେଜ୍ ପରିଚାଳିତ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କର ବାମପଟ ଆର୍ଟେରୀରେ ଏକ ଛୋଟ ପିନ୍ ଆକାରର ଛିଦ୍ର କରାଯାଇ ଛୋଟଛୋଟ କ୍ୟାଥେଟ୍‌ର ଏବଂ ୱେୟାର ଦ୍ୱାରା ଫାର୍ମାକୋ -ମେକାନିକାଲ୍ ଥ୍ରୋମ୍ବେକ୍ଟୋମି ପ୍ରକ୍ରିୟାରେ ଜମାଟ ବାନ୍ଧିଥିବା ଅଂଶଗୁଡ଼ିକୁ ବାହାର କରାଯାଇଥିଲା। ଏହା ପରେ ରୋଗୀଙ୍କୁ ଜରୁରୀ ଏକ୍ସପ୍ଲୋରେଟୋରୀ ଲାପାରୋଟୋମି ଅସ୍ତ୍ରୋପଚାର ପାଇଁ ଅପରେସନ୍ ଥିଏଟରକୁ ନିଆଯାଇଥିଲା। ଅସ୍ତ୍ରୋପଚାର ସମୟରେ ୩୦ରୁ ୪୦ ପ୍ରତିଶତ ଅନ୍ତନଳୀ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଥିଲା ବୋଲି ସେ କହିଛନ୍ତି।

ସେପ୍‌ସିସ୍ ସମସ୍ୟା କମିବା ପରେ ରୋଗୀଙ୍କୁ ଆଇସିୟୁରୁ ୱାର୍ଡକୁ ଅଣାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଥିଲା ବୋଲ ଡାକ୍ତର ପଟ୍ଟନାୟକ କହିଛନ୍ତି।




# ମେଧାବୀ ସମ୍ବର୍ଦ୍ଧନା ସମାରୋହ

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ସାମାଜିକ ଉତ୍ତରଦାୟିତ୍ୱ ଓ କୃତଜ୍ଞତା ଅର୍ପଣ ଜରିଆରେ ଲବ୍ଧ ସଫଳତାର ଶ୍ରେଷ୍ଠ ପ୍ରତିଦାନ ପ୍ରଦାନ ସମ୍ଭବପର ହୁଏ। ସାଫଲ୍ୟ ମଣ୍ଡିତ ବିଦ୍ୟାର୍ଥୀ ବ୍ୟକ୍ତିଗତ ସଫଳତାକୁ ସାର୍ବଜନୀନ ହିତରେ ପ୍ରୟୋଗ କରିବା ବାଞ୍ଛନୀୟ ବୋଲି ଡିଏଭି ଆଞ୍ଚଳିକ ନିର୍ଦ୍ଦେଶାଳୟ ତରଫରୁ ଆୟୋଜିତ ମେଧାବୀ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦାନ କରି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ମତ ପ୍ରକାଶ କରିଛନ୍ତି।

ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ-୮ ପରିସରରେ ଆୟୋଜିତ ଏହି ମନୋଜ୍ଞ ଉତ୍ସବରେ ସମ୍ମାନିତ ଅତିଥି ଆଦାନୀ ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ କୁମାର ତ୍ରିପାଠୀ ନିରବଚ୍ଛିନ୍ନ ଜ୍ଞାନ ଆହରଣ ଓ ନିଷ୍ଠାପର ଉଦ୍ୟମ ଅବିଶ୍ୱସନୀୟ ସଫଳତା ଦେଇପାରେ ବୋଲି ଉଦାହରଣ ସହ ପ୍ରକାଶ କରିଥିଲେ। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଞ୍ଚଳିକ ଅଧିକାରୀ ଡ. ସୁଜାତା ସାହୁ ଡିଏଭି ଅନୁଷ୍ଠାନ ସମୂହର ୨୦୨୩-୨୪ ଶିକ୍ଷାବର୍ଷର ସାମଗ୍ରିକ କୃତିତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସିବିଏସ୍‌ଇ, ସିଏଚ୍ଏସ୍‌ଇ ଓ ବିଏସ୍‌ଇ ବୋର୍ଡ଼ର ଦଶମ ଓ ଦ୍ୱାଦଶ, ବିବିଏ, ବି.କମ୍ ପାଠ୍ୟକ୍ରମର ଶ୍ରେଷ୍ଠ କୃତିତ୍ୱଧାରୀ ୩୮୫ଜଣ ଛାତ୍ରଛାତ୍ରୀ, ଗଣିତ ଅଲିମ୍ପିଆଡ୍‌ର ସଫଳତାଧାରୀ, ରାଜ୍ୟ ଟପ୍ପର ଏବଂ ବିଭିନ୍ନ ବିଷୟରେ ସର୍ବୋଚ୍ଚ କ୍ୟୁ.ପି.ଆଇ ହାସଲ କରାଇବାରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଡିଏଭିର ଚେୟାରମ୍ୟାନ୍ ମଦନ ମୋହନ ପଣ୍ଡା, ସନ୍ତୋଷ ଉପାଧ୍ୟାୟ, ସନ୍ତୋଷ କୁମାର ଶତପଥୀ, ପ୍ର. ଓମ୍‌କାର ନାଥ ମହାନ୍ତି, ମଧୁସୂଦନ ପାଢ଼ୀ, ଡିଏଭି ଅଧ୍ୟକ୍ଷଅଧ୍ୟକ୍ଷା, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ବିଦ୍ୟାଳୟର ଅଧ୍ୟକ୍ଷା ଇପ୍‌ସିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡିଏଭି ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।

# ଦକ୍ଷତା ବୃଦ୍ଧି ପାଇଁ ସାଇ ଗିଫ୍‌ଟେଡ୍ ପ୍ରୋଗ୍ରାମ୍

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସାଇ ଗିଫ୍‌ଟେଡ୍ ପ୍ରୋଗ୍ରାମର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ ଏବଂ ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍ସିଆଲ୍ ସ୍କୁଲର ସିବିଏସ୍‌ଇ, ଆଇସିସିପି ଏବଂ କେମ୍ବ୍ରିଜ୍ ବିଦ୍ୟାଳୟର ଅଷ୍ଟମରୁ ଏକାଦଶ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷା ଅନୁଭୂତି ସହ ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀଙ୍କର ଦକ୍ଷତା ବୃଦ୍ଧିପାଇଁ ଆତ୍ମବିଶ୍ୱାସ, ନେତୃତ୍ୱ ନେବାର କୌଶଳ, ଉତ୍ପାଦନ ଡିଜାଇନିଂ ଓ ଡିଜାଇନ୍ ଚିନ୍ତାଧାରା ବିଷୟରେ ପ୍ରଶିକ୍ଷଣ ଦେବା ଉପରେ ପର୍ଯ୍ୟବେସିତ। ଆମେରିକାର ମିଚିଗାନ୍ କଲେଜ୍ ଆସୋସିଏସନ୍ ସହଯୋଗରେ ଡେଟ୍ରୋଇଟ୍ ୟୁନିଭରସିଟି ର ପ୍ରଫେସର ଷ୍ଟିଫେନ ସ୍କକ୍, ଆଣ୍ଡ୍ରିୟୁ ୟୁନିଭରସିଟ ର ଡଃ ସଙ୍ଗ୍ କେ କଙ୍ଗ, ଆଲ୍‌ମା କଲେଜର ଜ୍ୟାକବ କିଲେ ଓ ଆଲ୍‌ମା କଲେଜର ନୟୋନିକା ସିଂଘାଲ ଉପସ୍ଥିତ ରହି ଯଥାକ୍ରମେ ଏଆଇ ରୋବୋଟିକ୍ସ, ଡିଜାଇନ୍, ନେତୃତ୍ୱ, ଆତ୍ମବିଶ୍ୱାସ ବୃଦ୍ଧି ଉପରେ କାର୍ଯ୍ୟକ୍ରମ କରିଥିଲେ। ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି ଯେ ସାଇ ଗିଫ୍‌ଟେଡ୍ ପ୍ରୋଗ୍ରାମ ହେଉଛି ଆମର ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ଶିକ୍ଷା ସହିତ ଦକ୍ଷତା ବୃଦ୍ଧି କରିବା ମୂଳ ଲକ୍ଷ୍ୟ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra